(୩) ସୁସ୍ଥଶରୀର ପାଇଁ ପରିଷ୍କାର ପରିଚ୍ଛନ୍ନତା ଯେପରି ଆବଶ୍ୟକ ସୁସ୍ଥ ମନ ପାଇଁ ଏକ ପ୍ରକାର ବୈଷୟିକ ମନୋଭାବ (Impersonal and objective attitude)

ଶିଶୁସୁଲଭ ଆଚରଣ । ଏ ପ୍ରକାର ମନୋଭାବର ପ୍ରାଚୁର୍ଯ୍ୟରେ ମନ ସକଳ କୁସଂସ୍କାର ଓ ଅନ୍ଧବିଶ୍ୱାସରୁ ମୁକ୍ତ ରହେ । ନିଜର ବ୍ୟକ୍ତିଗତ ଦୋଷ ଦୁର୍ବଳତା ଗୁଡ଼ିକ ପ୍ରତି ସଚେତନ ରହି ଜୀବନର ବାସ୍ତବ ସମସ୍ୟା ଗୁଡ଼ିକର ପ୍ରକୃତ ରୂପରେଖ ନିର୍ଦ୍ଧାରଣ କରିବାରେ ଏ ପ୍ରକାର ମନୋଭାବ ହିଁ ସାହାଯ୍ୟ କରିଥାଏ । ଏହା ଫଳରେ ନିଜ ସମ୍ବନ୍ଧରେ ଓ ବାସ୍ତବ ଜଗତ ସମ୍ବନ୍ଧରେ ଏକ ଠିକ୍ ଧାରଣା ମିଳିଥାଏ । ଏ ପ୍ରକାର ମନୋଭାବର ଅଭାବ ଫଳରେ ମନ ମଧ୍ୟରେ ନାନାବିଧ କୁସଂସ୍କାର, ଭେଦଭାବ, ସଂକୀର୍ଣ୍ଣତା ଇତ୍ୟାଦି ଦେଖାଦେଇ ମନକୁ କଳୁଷିତ କରିଥାଏ ।

(୬) ସୁସ୍ଥ ମନ ପାଇଁ ନିଜର ବ୍ୟକ୍ତିଗତ ଜୀବନରେ ବିଭିନ୍ନ ପରିସ୍ଥିତି ଅବସ୍ଥା ସହ ନିଜକୁ ଖାପ ଖୁଆଇ ଚଳାଇ ପାରୁଥିବା ଭଳି ସୁଅଭ୍ୟାସର ପ୍ରୟୋଜନୀୟତା ପ୍ରତ୍ୟେକ ବୟସ୍କ ଲୋକ ଭଲ ଭାବେ ହୃଦୟଙ୍ଗମ କରୁଥିବେ । କୌଣସି ପ୍ରକାର ଦାର୍ଶନିକ ଅଭ୍ୟାସ କଲେ ତାହା ଆମକୁ ଓ ବ୍ୟକ୍ତିଗତ ସମ୍ବନ୍ଧରେ ସାହାଯ୍ୟ କରିବ ତାର କୌଣସି ସମ୍ଭାବନା ନାହିଁ । ଏହା ନିଜର ବ୍ୟକ୍ତିଗତ ବୁଦ୍ଧି କୌଶଳକୁ କେବଳ ବଢ଼ାଇ ଦେଇପାରେ । ତଥାପି ପ୍ରତ୍ୟେକ ଲୋକ ପକ୍ଷରେ ଏକ ସୁନିର୍ଦ୍ଦିଷ୍ଟ ଆଦର୍ଶ ଜୀବନ ଦର୍ଶନର ଅନୁସରଣ କରିବା ସୁସ୍ଥମନର ପରିଚାୟକ ।

(୭) ଦେହକୁ ଗଢ଼ିବା ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ବିଶ୍ରାମର ପ୍ରୟୋଜନ ସେହିପରି ମନର ଅଭିବୃଦ୍ଧି ଓ ପ୍ରଫୁଲ୍ଲତା ପାଇଁ ମନକୁ ଖାଦ୍ୟ ଓ ବିଶ୍ରାମ ଯୋଗାଇବା ଦରକାର । ମନୁଷ୍ୟର କେତେକ ମୌଳିକ ମାନସିକ ପ୍ରବୃତ୍ତି (needs) ର ଚରିତାର୍ଥ ଦ୍ୱାରା ହିଁ ମନ ତୃପ୍ତି ଲଭିଥାଏ । ଯେଉଁ ଲୋକ ଜୀବନରେ ସ୍ୱାଧୀନ ବୋଧ କରିପାରେ ନାହିଁ, ନିଶ୍ଚିନ୍ତ ବୋଧ କରି ପାରେ ନାହିଁ, ବା ନିଜକୁ ଅତ୍ୟନ୍ତ ଏକୁଟିଆ ଓ ଅସହାୟ ମଣେ ବା ଯେ ଅନ୍ୟମାନଙ୍କର ପ୍ରେମ ଓ ସହାନୁଭୂତିରୁ ବଞ୍ଚିତ, ସେ ମାନସିକ ସୁଖ ଶାନ୍ତି କିପରି ବା ଲାଭ କରିପାରିବ ? ଏହା ଛଡ଼ା ବିଶ୍ରାମଦ୍ୱାରା ଯେପରି ଶାରୀରିକ କ୍ଳାନ୍ତି ଦୂର ହୋଇଥାଏ, ସେହିପରି ଖେଳ ଓ ବିଭିନ୍ନ ପ୍ରକାର ଚିତ୍ତବିନୋଦନ ଦ୍ୱାରା ମାନସିକ ଆବେଗଜ ଅସନ୍ତୁଷ୍ଟି ସମୂହ ଦୂର ହୋଇ ଥାଏ । ଦାର୍ଶନିକଙ୍କ ଆବେଗଜ ଅଶାନ୍ତି ଦୂରକରିବା ପାଇଁ ଆମେମାନେ ବିଭିନ୍ନ ଖେଳରେ ପ୍ରବୃତ୍ତ ହେଉ । ଯେଉଁ ପ୍ରକାର ଚିତ୍ତବିନୋଦନ ଓ ଖେଳ ସମାଜର ଅନୁମୋଦିତ ଓ ଆଦୃତ କେବଳ ସେହି ଗୁଡ଼ିକ ମାନସିକ ଅଶାନ୍ତି ଦୂରକରିବାର ପ୍ରକୃଷ୍ଟ ପନ୍ଥା ଭାବେ ଗ୍ରହଣ କରିବା ଉଚିତ ।

ଏସମସ୍ତ ମାନସିକ ସ୍ୱାସ୍ଥ୍ୟରକ୍ଷାର କେତେକ ମୌଳିକ-ନିୟମ ମାତ୍ର । ଶରୀରର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମାନସିକ ପରିପକ୍ୱତା ହାସଲ କରି ବ୍ୟକ୍ତିତ୍ୱକୁ ପୂର୍ଣ୍ଣାଙ୍ଗ କରିବାକୁ ହେଲେ ଶାରୀରିକ ସୁସ୍ଥତା ସଙ୍ଗେ ସଙ୍ଗେ ମାନସିକ ସ୍ୱାସ୍ଥ୍ୟରକ୍ଷା ପ୍ରତି ନଜର ଦେବାକୁ ପଡ଼ିବ ।

ଦେବେନ୍ଦ୍ରନାଥ କାନୁନଗୋ

ପୁସ୍ତକ ସମାଲୋଚନା

"କେତେ ବାନ୍ଧବୀ" ଓ "ମଲ୍ଲି ଗୋଲାପ"ର ସମାଲୋଚନା କମ୍ପୋଜ ହୋଇ ସାରିଥିଲେବି ଶେଷ ମୁହୂର୍ତ୍ତରେ ବିଶେଷ ଅସୁବିଧାହେତୁ ବନ୍ଦ ରଖିବାକୁ ପଡ଼ିଲା । ଆଗାମୀ ସଂଖ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

ବେଶକାର

ବର୍ଷକ ପୂର୍ବର କଥା । ମାତ୍ର ସେ ସ୍ମୃତି ଏବେ ବି ଭୁଲିନାହିଁ । ସେ ଦିନର ସାକ୍ଷାତରେ ବେଶ କିଛି ସମୟ ଅପଲକ ଆଖିରେ ଚାହିଁ ରହିବାକୁ ହୋଇଥିଲା ।

କାର୍ତ୍ତିକ ଚନ୍ଦ୍ର ଦାସ ।

କାର୍ତ୍ତିକ ଦାସଙ୍କୁ ଏହି ସହରର ସବୁ ରସିକ ମାନେ ସମସ୍ତେ ଜାଣନ୍ତି । ସହରର ଯେ କୌଣସି ସୌଖୀନ ଅନୁଷ୍ଠାନରେ ବା ଯାତ୍ରା-ଥିଏଟର ଅବକାଶରେ ନାଟକ ଅଭିନୟ ହେଲେ ଉଦ୍ୟୋକ୍ତା ମାନେ ସର୍ବାଦୌ ତାଙ୍କର ପ୍ରୟୋଜନ ଖୋଜନ୍ତି । କେବଳ ଆବଶ୍ୟକ ହେଲେ ଯେ ଶ୍ରୀଯୁକ୍ତ ଦାସଙ୍କର ଦେଖା ସାକ୍ଷାତ ମିଳି ଯିବ ତାହା ମଧ୍ୟ ସମ୍ଭବ ନୁହେଁ । ବହୁ ଅନୁରୋଧ ଉପରୋଧ କଲା ପରେ ତାଙ୍କ ଭିତରର ମନ ଟଳିବ—ଇଚ୍ଛା ହେଲେ । ନଚେତ ଲକ୍ଷ୍ୟ ଯେ ଆଉ କେବେ ତୁଟିବ । କେହି କେହି ମନ୍ତବ୍ୟ କରିବାର ଶୁଣା ଯାଇଛି—ଯିଏ ଯେତେ ବଡ଼ ହେଉ ଏଭଳି ଗୁଣୀ ଲୋକ—ମହାନ କଳାକାର ! ବଡ଼ ଘରର ଖୋସାମଦ ନ କଲେ ତାଙ୍କ ଠାରୁ ବଚନ ମିଳିବା ନାହିଁ । ହୁଁ......।"

ତଥାପି ଆମେ ସମସ୍ତେ ତାଙ୍କୁ ଅନୁରୋଧ କରୁ—ସେ ନ ହେଲେ ଆମର ବରୋଷ ଏକ କର୍ମସୂଚୀ ଅସମାପ୍ତ ରହିଯାଏ ।

ଏତେ ଜନସ୍ପୃହା ସତ୍ତ୍ୱେ ସେଦିନ ଦୂର ଦୂରରୁ ଦେଖି ତାଙ୍କୁ ଚିହ୍ନି ପାରି ନ ଥିଲି । ସନ୍ନିକଟ ହେଲାକ୍ଷଣି ସାଇକେଲରୁ ଓହ୍ଲାଇ ଏକ ନମସ୍କାର ସଙ୍କେତରେ ହଠାତ୍ ମୋର କର ଯୋଡ଼ ହୋଇଯାଇଥିଲା । ପରେ ଏହି ସୁଯୋଗରେ ନମସ୍କାରର ସ୍ୱୀକୃତି ରୂପେ ତାଙ୍କଠୁଁ ସାମାନ୍ୟ ହସର ଉପହାର ମିଳେ ।

ବାସ୍ତବରେ ସେ ମୋତେ ଦେଖିଲାକ୍ଷଣି ରାଇଜ ଓଠରୁ ଉଦାର୍ ହେଲାବର ଅଳ୍ପ ହସିଥିଲେ ।

ମୁଁ କାହିଁକି ଜାଣେନି ସେଇ ମୁହୂର୍ତ୍ତରେ ବିସ୍ମିତ ହୋଇଥିଲି ତାଙ୍କର ସେ ହସ ଦେଖି । ତାଙ୍କର ହସଟି ମୋତେ ଶ୍ରୀରାନ୍ତରର ଅନୁଭବ ଦେଉଥିଲା । ବହୁ ଇପ୍ସିତ ସେ ଉପହାର ଟିକକ ପାଇ ମନେ ମନେ ପୁଲକିତ ହୋଇ ପାରି ନ ଥିଲି । ମୋର ଭାବାନ୍ତରର ସୃଷ୍ଟି ହୋଇଥିଲା ।

ସେ ସମୟରେ ଆମେ ସ୍କୁଲ ଛାତ୍ର । ଗଣେଶ, ସରସ୍ୱତୀ ପୂଜାରେ ନାଟକାଭିନୟ ହୁଏ ଆମ ସ୍କୁଲରେ । ବହୁ ଅନୁସନ୍ଧାନ କରି କାର୍ତ୍ତିକ ବାବୁଙ୍କର ଦ୍ୱାରସ୍ଥ ହେବାକୁ ପଡ଼େ । ବଡ଼ କ୍ଲାସରୁ ଉଠିଥିବା କେତେଜଣଙ୍କ ଆମର ନେତୃତ୍ୱରେ ପୂଜା ହୋଇଥାଏ । ପ୍ରତ୍ୟେକ ଥର କାର୍ତ୍ତିକ ଦାସଙ୍କ ପାଖକୁ ମଧ୍ୟ ଯିବାକୁ ହୋଇଥାଏ । କୌଣସିଥର ସେ ଆମକୁ ହତାଶ ମଧ୍ୟ କରି ନାହାନ୍ତି । ମାତ୍ର ସମ୍ପୂର୍ଣ୍ଣ ଅନୁରୋଧରେ ସେ ନିଜକୁ ମୁହାଇବାକୁ ନାନା ଭାବରେ ଆପତ୍ତି ଜାହିର କରନ୍ତି । ଆମ ମଧ୍ୟରୁ କେତେକ ଗୋପନରେ ମନ୍ତବ୍ୟ କରନ୍ତି—ବୋଧହୁଏ କିଛି ବେଶୀ ଦାବୀ କରିବେ ଏହା ଉଦ୍ଦେଶ୍ୟର ପିଲାମାନେ ତାଙ୍କର ଦେଖି ଏପର୍ଯ୍ୟନ୍ତ ଅଣଆଇବାକୁ ଭାବିଥିଲେ । କ୍ରମଶଃ ଜଣାପଡେ ତାହା ମଧ୍ୟ ଠିକ୍ ନୁହେଁ । ନିଜ ବୟସରେ ସେ ସବାସର୍ବଦା ସଚେତନ । ତାଙ୍କର କର୍ମ ସଫଳତା ପାଇଁ କେହି କେବେ ପ୍ରଶଂସା କରନ୍ତୁ ବା ନ କରନ୍ତୁ ସେ ନିଜେ ନିଜର ପ୍ରଶସ୍ତି ଶୁଣାଇବା ପାଇଁ କୁଣ୍ଠାବୋଧ କରନ୍ତି ନାହିଁ ।

ଠିକ୍ ମନେ ନାହିଁ ସେ ବର୍ଷ କେଉଁ ଉତ୍ସବରେ ରସୂଲପୁର ଯୁବ-ସଂଘରେ କ ନାଟକ ଅଭିନୀତ ହୋଇଥିଲା । ମନେ ଅଛି କିନ୍ତୁ ସେ ନାରୀ ଚରିତ୍ରର କରୁଣ ରୂପ ବିନ୍ୟାସଟି । ଶାସ୍ତ୍ରାନୁଯାୟୀ ଲକ୍ଷଣ-ଲକ୍ଷଣ ମିଳାଇ ବାସ୍ତବ ଭଳେ

ଚଳଚ୍ଚିତ୍ରର ଯଥାଯଥ ମୂଲ୍ୟାୟନ ହୋଇ ନ ପାରେ । ଅବା ସବୁର ଗଳା ଶୁଣୁଣି ହେଲା ସାଧାରଣରେ ପ୍ରଚଳନ ହୋଇ ଯାଏ । ମାତ୍ର କାର୍ତ୍ତିକ ଦାସଙ୍କର ଚଳନ୍ତି ବସୁଣ ତୁଳି ତୁଳନା—ଲେଖକଙ୍କର କଳ୍ପିତ ଚରିତ୍ର ମଧ୍ୟ ଏକ ଧରଣର ସ୍ବତନ୍ତ୍ରମନ ହୁଏ । ଗଳା-ଲୁଚକ୍ରୀ ନିଜ ଗୁଣରେ ପ୍ରକାଶିତ ନ ହୋଇ ଲୁଗଲା ବେଶ ବିନ୍ୟାସବ୍ଲାର ଅନେକ ସମୟରେ ଦର୍ଶକ ମାନଙ୍କ ଦ୍ବାରା ଅବୁଝ-ଅନାଦୃତ ହୁଅନ୍ତି । ସୁତରାଂ ଅବଲମ୍ବ ସ୍ଥଳର ଅଧିକ ଦୃଶ୍ୟରେ ଯେଉଁ ଖଳ-ଚରିତ୍ର ନାରୀର ଫୁଲ ଫୁଲ ଓଠ ଭଙ୍ଗୀରେ ଫୁଟି ଉଠେ ପିଶାଚୀର ବାସ୍ତୁ ରୂପ, ପରବର୍ତ୍ତୀ ଦୃଶ୍ୟରେ ସେହି ଓଠ ଦୁଇଟି ଉପରେ ଦେଖା ଦିଏ ସତ କରି ଫୁଲିଆ ସୁଦକ ହସ । ପୁଣି ତା'ର କଳା କଳା ବଡ଼ ବଡ଼ ଆଖି ଯୋଡ଼ିକ ଭିତରେ ରୂପ ନିଏ ଭଲ୍ଲସ୍ୱର ଧନଲୁବ୍ଧ ଚେତନା ବୋଲି ବିନ୍ୟାସ ମୁହୂର୍ତ୍ତରେ । ଅଭିନେତା, ଅଭିନେତ୍ରୀଗଣ ନିଜ ନିଜ ଅଭିନୟ କୌଶଳରେ ଦର୍ଶକମାନଙ୍କୁ ଆକୃଷ୍ଟ କରି ନ ପାରିଲେ ମଧ୍ୟ ଦାସଙ୍କ ବେଶ ତୁଳନା ଅଭିନୟଟିକୁ ଅଦ୍ଭୁତ ଧାରଣ କରି ଦେଲେ । ଏଥିପାଇଁ ଦର୍ଶକ ମଣ୍ଡଳୀ ଏକ ସ୍ୱରରେ କାର୍ତ୍ତିକ ଦାସଙ୍କର ନିପୁଣ ହସ୍ତକର୍ମର ଅକୁଣ୍ଠ ପ୍ରଶଂସା କରନ୍ତି । ଏପରି ବହୁ ଅନାମଧେୟ ଦରଜି କାର୍ତ୍ତିକ ଦାସଙ୍କର ତୁଳନ ପୂର୍ଣ୍ଣ ଶାଲ୍ କଟିକି ଉଠନ୍ତି ।

ଜାତୀୟ ଯାତ୍ରା ଉତ୍ସବରେ ମହାଦେବ ଅନ୍ତାନରେ ଯେଉଁ ଯାତ୍ରା ଅଭିନୟ ହୋଇଥିଲା, ପ୍ରତ୍ୟେକଟି ସଙ୍ଗୀତ ଗଳା ତୁଳ ଓ ରଙ୍ଗ ସାହାଯ୍ୟରେ ରୂପ ସାଜରର ସଜ୍ଜ ବେଶ ଭରିଥିଲେ କାର୍ତ୍ତିକ ଦାସ । ସମ୍ପୂର୍ଣ୍ଣ ଓଡ଼ିଆ ମହାବାର୍ଯ୍ୟ ଆବେଗ ଭରିତ କଣ୍ଠରେ ସ୍ୱୀକାର କରିଥିଲେ—ସଖୀ ନୃତ୍ୟର ତାଳ, ମାନ, ଲୟ ଆଖିରୁ ଯଦି ହେଇ ନଥିଲେ ତୃଷ୍ଣା କେବଳ ବେଶକାରଙ୍କର ଅଭିନବ ସାଜସଜ୍ଜା ଓ ବେଶ ପାଇଁ ସମଗ୍ର ସଖୀ ନୃତ୍ୟଟି ସାଧାରଣର ଚିତ୍ତାକର୍ଷକ ହୋଇ ପାରିଥିଲା । ଗ୍ରାମର ଗୁଣୀ ପିଲାମାନେ ଯେତେବେଳେ ସକଳକା ହୋଇ ତାହା ମଞ୍ଚରେ ସେମାନଙ୍କର ନୃତ୍ୟ ଆରମ୍ଭ କଲେ କେହି କହିବ କଣ ସହଜରେ ଚିନ୍ତା କରି ପାରିବ—ସେମାନେ ସେହି ଗ୍ରାମ୍ୟର ମୂଲିଆ ଅସନା ମୂଲିଆ ପରିବାରର ବାଳକ ବାଳକା ? ସଖୀ ନୃତ୍ୟର ପିଲାମାନଙ୍କୁ ସାଲ ଚଢ଼ି ସାଦ୍ ଦେବାର ନିଜେ ସାଜଘରକୁ ଯାଆନ୍ତି ଅସି ବାହାରେ ସେମାନଙ୍କର ନୃତ୍ୟକଳା ଦେଖୁଥାନ୍ତି । ପିଲାମାନଙ୍କର ସମବେତ ନୃତ୍ୟ ପରିବେଶନ କରୁଁ କରୁଁ କ୍ଷଣ ବଦଳି ହୋଇ ଯେ କଲେ ନିଜେ ଚନ୍ତା କରନ୍ତି—ଏବେ ତାହେ ବୃକ୍ଷରୀ ବେଶ ବିନ୍ୟାସ କେବଳ ଆଧୁନିକ ସିନେମା ଥିଏଟରରେ ସମ୍ଭବ ? ପଲ୍ଲୀର ଯାତ୍ରା—ଗାଁରେ କଣ ଅଭିନବ ବେଶ ବିନ୍ୟାସ ହୋଇ ପାରେନା ? ପଲ୍ଲୀରେ କଣ ରୂପ ନାହିଁ ? ରୂପ ନାହିଁ କଣ ଏଠାକାର ବାଳକ-ବାଳକା, ନୂତନ ନୂତନ ମହିଳା, ଶିଶୁ, ଯୁବକ ଓ ବୃଦ୍ଧଙ୍କର ? ରୂପ ନାହିଁ କଣ ସେମାନଙ୍କର ଘରସଂସାରର, ସୁଖ-ଦୁଃଖର ଓ ହସି-ଖୁସିଭରା ?

ଏ ପ୍ରକାର ଜୀବନ-ଯାତ୍ରାରେ ସେ ବିସ୍ମୃତି ଘଟୁନାହିଁ ବୋଲି ନୁହେଁ । ଅନାଦର-ଅବହେଳାରେ ଶ୍ୱାସ ମଧ୍ୟ ପୂରି ରହିଛି । ତଥାପି ପଲ୍ଲୀ ସମାଜରେ ରୂପର ବହୁଳତା ସାଗର ଥିଲେ ମଧ୍ୟ ବହୁ ସମୟରେ ଭୁଲ-ଭୁଲ ଅନୁଭବ ହୁଏ । ବହୁ ଶ୍ରମ ସାଧନ ଓ ନାନା ରଙ୍ଗର ସମାବେଶ ଭରି ଚରିତ୍ର ମାନଙ୍କର ଉପଯୁକ୍ତ ବିନ୍ୟାସ କଲେ ମଧ୍ୟ କୌଣସି କୌଣସି ଦର୍ଶକ-ସମାଲୋଚକ ଏକ କଥାରେ ନାପସନ୍ଦ କରି ତୁଳ-ତାଳି ଲଗାଇ ବେଶକାରଙ୍କୁ ଉପହାସ, ପରିହାସ ମଧ୍ୟ କରିଥାନ୍ତି । ତୁଳନ, ସେମାନେ ତୁଳ-ରଙ୍ଗ ଓ ବେଶ-ବିନ୍ୟାସ ସମ୍ବନ୍ଧରେ କିଛି ବୁଝନ୍ତି ନାହିଁ । ଅଯଥା ଗରୁହିତ ସମାଲୋଚନା ଦ୍ୱାରା ସାଧାରଣ ଦର୍ଶକ ମାନଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରନ୍ତି । ସେ ସବୁ ଅନୁଭବଙ୍କର ସମାଲୋଚନାକୁ ମଧ୍ୟ ଅକୁଣ୍ଠ ଚିତ୍ତରେ ବେଶକାର କାର୍ତ୍ତିକ ଦାସଙ୍କୁ ସହିବାକୁ ପଡ଼େ ।

କିନ୍ତୁ, ତାଠୁଁ ଅଧିକ ଦୁଃସହ ତାଙ୍କର ଅନୁଭୂତି । ଗୋଟିଏ ଗୋଟିଏ ସ୍ଥଳର ଅଭିନୟରେ କୌଣସି କୌଣସି କର୍ତ୍ତୃପକ୍ଷ ବେଶକାର ଯେଉଁ ଅଳ୍ପ ସନ୍ତୋଷ ଲାଭ ହୋଇଥାଏ ପୁଣି ତାହା ଭଲ ପଇସାରେ ଜଣେ ଉଚ୍ଚ ତୂଳିକାର ପ୍ରାପ୍ୟ ନହାର ବୋଲିପ୍ରକୃତ ପ୍ରତନ୍ତ୍ରମାନ ମଧ୍ୟ ହୁଏ । ଏଥିପାଇଁ ନୈରାଶ୍ୟ ପାଇଁ ମନ ଅବସନ୍ନ ମଧ୍ୟ ହୋଇଉଠେ । ଶିଳ୍ପୀର ଉପରେ ଅଧିକାର ପ୍ରତି ଭକ୍ତ ଧରିବାର ଦୃଢ଼ତା ଆଉ ନାହିଁ । ଜଗତ୍ ସଂସାରର ଅଭାବ ଫଳରେ ଅନେକ ଆଶା-ଆକାଂକ୍ଷା ସେତେବେଳେ ଧୀରେ ଧୀରେ ମ୍ରିୟମାଣ ହୁଏ—ତାଠୁଁ ବଡ଼ ନୈରାଶ୍ୟ—ବିଚାରା ଆଉ କଣ ହୋଇପାରେ ?

ସୁତରାଂ, ବଙ୍ଗଳା ମଧ୍ୟ ଶିଳ୍ପ-ଦୁନିଆରେ ଫିଙ୍ଗି ରହିଛି । ତଥାପି ତା'ର ଅନ୍ତ ଅନ୍ତରରେ ସନ୍ତୋଷ କୌଣସି ଦେବାର

ସଫଳତା ତୁଳନା ନାହିଁ। ସେଥିପାଇଁ ନିଜ କର୍ମରେ ନିଜର ଅକିଞ୍ଚନ ଜୀବନ ଉତ୍ସର୍ଗ କରିଛନ୍ତି କାର୍ତ୍ତିକ ବାବୁ। ପରିବାରର ଅନ୍ୟମାନଙ୍କର ନିଜ ପେଶାର ସଫଳତା-ବିଫଳତା'ରେ ଭାଗ ନେଇ ନାହାନ୍ତି। ନିଜ କର୍ମର ସୁଖ-ଅପମାନ ନେଇ ସମ୍ପୂର୍ଣ୍ଣ ଭାବରେ ବହନ କରି କାଳଯାପନ କରୁଅଛନ୍ତି। ଲେଖକ କାର୍ତ୍ତିକ ଦାସଙ୍କ ବିଷୟରେ ଏପରି ଲେଖନୀ ଚାଲେ ଯେ— ଏବେ ଦେଖି ମୁଁ ତାଙ୍କର ଗୁଣ ମୁଗ୍ଧ ହେଉ, ମୋ କଲମରୁ ତାଙ୍କର ଜୀବନ-ଯାତ୍ରାର ସଫଳତା-ବିଫଳତା ପ୍ରକାଶ ନ ହୋଇ ବରଂ ତାଙ୍କର ମହାନୁଭବତା ଅଧିକ ବର୍ଣ୍ଣିତ ହେଉଅଛି। ସୁତରାଂ, ଲେଖକ ପାଠକମାନଙ୍କର ଯଥାର୍ଥ ବିବେଚନା ସହାୟରେ ତାଙ୍କର ଜୀବନ ରସର ଉପଭୋଗରେ ସକ୍ଷମ—ଯେପରି ଏକ ଚରିତ୍ରରୂପ ଲେଖନ୍ତି।

ମଣିଷର ଅନ୍ତରରେ ଅହରହ ଚାଲିଛି ଯେଉଁ ବିବେକ ଓ ବାସନାର ଦ୍ୱନ୍ଦ୍ୱ ଏବଂ ବେଦନାପୂର୍ଣ୍ଣ ସଂଗ୍ରାମ, ତା'ର ଅନନ୍ୟ ଅଶାନ୍ତ ଅବଲମ୍ବ ବାସ୍ତବାନୁଗ ଘଟଣାରୁ ପ୍ରକାଶିତ ହେଉଛନ୍ତି ଏ ଗଳ୍ପର ନାୟକ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ଦାସ। ଅନ୍ୟାୟ ଓ ଅବିଚାରର ବିରୁଦ୍ଧ ସଂଘର୍ଷ ଫଳରେ କ୍ଳାନ୍ତ ମଣିଷ ନିଜର ପୁଣ୍ୟ ପ୍ରବୃତ୍ତି ବିରୁଦ୍ଧରେ ସଂଗ୍ରାମ କରୁ କରୁ କ୍ଲାନ୍ତି ଓ ଅବସାଦ ଯୋଗୁଁ କାପୁରୁଷ ପରି ଆତ୍ମ-ସମର୍ପଣ ମଧ୍ୟ କରି-ପକାଏ। ତା' ପରଠୁଁ ମୁକ୍ତ ଏବଂ ଦୈବ ବଳ ନିଜର ଅତୃପ୍ତ ବୋଝ ବହନ କରି କାଳ ଯାପନ କରେ।

ପାଳକ ପିତାଙ୍କର ଦେହାନ୍ତ ପରଠୁଁ ଶୈଶବରୁ ସଂସାରର ସମସ୍ତ ଜ୍ୱାଳା ଓ ଯାତନାର ସମସ୍ୟା ନିଜକୁ ସମାଧାନ କରିବାକୁ ପଡ଼ିଛି। ସେ କେତେକେତେ ହୋଇ ସଂସାରର ଅଭାବ-ଅନାଟନର ରୂପ ଭଲରେ ଧାରଣା ମଧ୍ୟ କରିଅଛନ୍ତି! ନିଜକୁ ବଞ୍ଚାଇବା ଉପାୟ କର୍ମବୃତ୍ତି ନାହିଁ। ପ୍ରଥମେ ପ୍ରଥମେ ନିଜର ପିତା କର୍ମରୁ ଶୈଶବ ସମୟ ଭିତରେ ଗ୍ରହଣ କରୁଁ କରୁଁ ଏବେ ପେଶା ଭଳି ପାଣ୍ଠି କରିଛନ୍ତି। ସେ ଜଣେ ମୋକ୍ତାର। ଏଇ ଥାନା ସଦର ଏବଂ ସହରତଳି ଗ୍ରାମ୍ୟ ଅଞ୍ଚଳରେ ପାଟି ଓ ମଣି ଅଳ୍ପ କିଛି ସଂଖ୍ୟାରେ ଲୋକ ନାହିଁ, ଯାହାଙ୍କ ପାଖରେ କ'ଣ କରିବାରେ ଜଣେ ମୋକ୍ତାର ନିର୍ଭର କରିପାରେ। ସୁତରାଂ ତାଙ୍କର ସଂସାରର ସ୍ୱଚ୍ଛଳତା ସହଜରେ ଅନୁମେୟ। ସୁତରାଂ ଅଧିକାଂଶ ସମୟରେ ଅକର୍ମୀ ଭଳି ନିଷ୍କ୍ରିୟ ବସି ରହିବାକୁ ହୁଏ।

ଏହି ସ୍ୱଭାବେ ଅଭାବ ଅବସ୍ଥାରେ ସମସ୍ତ ସଂସାରକୁ ନିଷ୍ଫଳ କରିପକାଉଛନ୍ତି। ପ୍ରଭାତରୁ ଯୋଡ଼ାଏ ବାନୋଛି ଟିକ୍ ପଥାପଥ୍ୟ ମୁହଁ ଶାଢ଼ି ଧୋଇ କେବଳ ନିଜର ଜ୍ୱାଳା ଉପଶମ ପାଇଁ ସେମାନଙ୍କର ଜୀବନ ସଙ୍କଟରେ ଲଢ଼ି ନିଜର ରକ୍ଷା କରିଛନ୍ତି। ସାମାନ୍ୟ କେତେ ଖଣ୍ଡ ମୁଦ୍ରା ସେମାନଙ୍କର ସୁଖ ଶାନ୍ତି କିପରି ବା କରନ୍ତା? ସବୁ ଦେଖି, ସବୁ ଶୁଣି କାର୍ତ୍ତିକ ଦାସ ସ୍ଥାଣୁ ହୋଇ କେବଳ ବସି ରହିଥାନ୍ତି। ସମସ୍ତ ବିଷୟରେ ନିଜର ଏତେ ସୁନ୍ଦର କୁଶଳୀ ହାତ ଉପରେ ବିଶ୍ୱାସ କରି ଆତ୍ମ-ସନ୍ତୋଷ ଲଭି ଥିଲେ ମଧ୍ୟ ଏବେ କୌଣସି ଉପାୟ ସ୍ଥିର କରି ପାରୁ ନାହାନ୍ତି। ପାଞ୍ଚଟା ପୁଅଝିଅ ଓ ସ୍ତ୍ରୀ କେଉଁ ଭଳି ନିଜ ସଂସାର ଚଳାଇ ପାରନ୍ତି? ଦେବତା ଥିଲେ ହୁଏତ ଦୋଷାଏ ଏପରି ଶୋଚନା କରି ପାରନ୍ତି।

କାର୍ତ୍ତିକ ଦାସଙ୍କର ସ୍ତ୍ରୀ ଅଭିମାନ କରି ସ୍ୱାମୀଙ୍କୁ ଭର୍ତ୍ସନା କରୁଥାନ୍ତି।

—ତୁମେ ଆଜିର ମୋ ପାଇଁ କି ଦାମ ଅଛି? ଆଉ କାହା ମୁଁ ଭଳି ତୁମମାନଙ୍କର ଅଧୁରା ଦାବିକୁ ସନ୍ତୁଷ୍ଟ କରି ପାରିବ?

—ନିଜମୀ ମାନେ ଠିକ ଭାବେ କହନ୍ତି। କାହିଁକି, ବାବା ଯେଉଁ ଗୋଟିଏ ଧାରଣା ଠିକ୍ କରିଥିଲେ ଭଲ ନାହିଁ?

ଠିକ ଏହି ସମୟରେ ଜଣେ ଲୋକ କାର୍ତ୍ତିକ ଦାସଙ୍କୁ ସଦର ଦରବାରରେ ଡାକିଲେ। ବୋଧହୁଏ କଚେରୀ ଭଲରୁ ଆସିବା ଭଳି ଦେଖି ସ୍ତ୍ରୀଙ୍କର କବଳରୁ ଛୁଟି ପାଇ ବାହାରକୁ ଚାଲି ଆସିଲେ। ମାତ୍ର କଚେରୀରେ ସମାଗମ ଦେଖି ଉତ୍ସାହିତ ହେବା ପରିବର୍ତ୍ତେ ବିସ୍ମିତ ହୋଇ ପଡ଼ିଲେ। ସବଡିଭିଜନାଲ ତହସିଲଦାର ଜଣେ ଡାକ୍ତର ପାଇଁ ନୋଟିସ୍ କରିଥିଲେ ତାହା ଏବେ ସରକାରଙ୍କୁ ଅର୍ପିତ ଚଳନ୍ତି ସମ୍ପତ୍ତିର କ୍ରୋକ୍ କରି ଆଦାୟ କରିବା ପାଇଁ।

ଅଦାଲତର ମୁନ୍ସିଙ୍କ ଶୁଣି ଫାଶୀ କେତେଜଣ ଉପସ୍ଥିତ ହୋଇଥିଲେ ଏବଂ ସମଜାହାନ୍ତ କର୍ମଚାରୀ ସ୍ଥାନରୁ କେତେ-ଜଣଙ୍କୁ ସାକ୍ଷୀ କରି ଅଦାଲତର ପରୱାନାନୁଯାୟୀ କ୍ରୋକ୍ କରି ବାହାରି ଯାଇଥିଲେ।

ତା'ପର ଦୃଶ୍ୟ ଅତି ମର୍ମନ୍ତୁଦ ଏବଂ ହୃଦୟ ବିଦାରକ। ପିଲା କବିଲା, ସ୍ତ୍ରୀ ଏବଂ ଶେଷରେ କାର୍ତ୍ତିକ ଦାସ ଘର-ସଂସାରର ଜଣ ସବୁ ଚଳନ୍ତି ସମ୍ପତ୍ତି ଦ୍ରବ୍ୟସମ୍ଭାର ହୋଇଗଲେ ତାହା ନଜରର ନ କରି ପଥର ମୂର୍ତ୍ତି ଭଳି ନିଥର ବସି ରହିଥାନ୍ତି। ସ୍ତ୍ରୀଙ୍କର ବି ଆଖିରୁ କେବଳ ଧାର ଧାର

ତାଙ୍କର ସମ୍ମାନ ଶ୍ରଦ୍ଧା-ଭକ୍ତି ବଢ଼ିଗଲା । ପିଲାମାନଙ୍କର ଗୁରୁ ଦେଶରେ ଗୋଟିପୁଅ ନୃତ୍ୟକଳାର ଖ୍ୟାତି ବଢ଼ାଇଥିବାରୁ ସେଠାରେ ଗୋଟିଏ ଢଙ୍ଗରେ ମଞ୍ଚ ଉପରେ ଲୋକ ବସୁଥାନ୍ତି । ଗୋଟିପୁଅ ଆଣି ଗୋଡ଼ରେ ଘଣ୍ଟି ବାନ୍ଧି ନାଚିବା ଶିଖାଉଥାନ୍ତି ମଧ୍ୟ । ସନ୍ଧ୍ୟା ବେଳେ ସେଠାରେ ଥିଲେ—ଏପରି ସବୁ ଲୋକେ ଅନାବଶ୍ୟକ ମନ୍ତବ୍ୟ କରି ଫେରିଯାଉଥିଲେ । ତଥାପି କାର୍ତ୍ତିକ ଦାସ ନୀରବ…ନିଶ୍ଚଳ ।

ଉଚିତ ପରିସ୍ଥିତିରେ ସମସ୍ତଙ୍କର ଉଚିତ ଅନ୍ତ ମନ୍ଦର ଜଣାପଡ଼େ । ତଥାପି ବେଳପ୍ରାୟ ବି ଘଡ଼ି ହେଲାଣି । ସେ ପର୍ଯ୍ୟନ୍ତ ଅଶ୍ରୁ ଥା'ନ୍ତି ସମୁଦାୟ ସମ୍ଭବାର । ଚିତ୍ର ଦେଉଥାନ୍ତି ଅଶ୍ରୁ ଚକ୍ଷୁଁ ଭରୁଁ ଉଜ୍ଜ୍ୱଳ ବାହାର ହୋଇ ଖାଲି ବଡ଼ାଣ ଉପରେ ଲୋଭ ଲାଗିଲାଣି । ଲଜ୍ଜା ଅପମାନରେ କାର୍ତ୍ତିକ-ବାବୁ ବାହାରକୁ ମଧ୍ୟ ବାହାରୁ ନାହାନ୍ତି । ନ ହେଲେ ଅବା କେଉଁଠାରୁ ଧାର-କରଜ କରି କିଛି ଚାଉଳ, ଚୁଡ଼ା, ସନ୍ଦେଶ ଆଣି ପାଉନ୍ତେ ।

ଠିକ୍ ଏହି ସମୟରେ ଗୋଟିଏ ଯୁବକ ଦଳ ଆସି ହୋଇ ନୃତ୍ୟ-ଶିଳ୍ପ ପ୍ରକାଶ କରି କାର୍ତ୍ତିକ ଦାସଙ୍କୁ ତାଙ୍କର ଘରର ଦରକାଠି ଅନୁରୋଧ କଲେ । ବେଶକାରଙ୍କୁ ସେମାନଙ୍କର ପ୍ରୟୋଜନ । ଅନୁରାଗୀ ଭକ୍ତ ଗାଈ କାର୍ତ୍ତିକ ଦାସ ବାହାରକୁ ଆସି ଯୁବକ ବୃନ୍ଦଙ୍କ ସହିତ କଥାବାର୍ତ୍ତା କଲେ । ମାତ୍ର ଯୁବକ ବୃନ୍ଦ ତାଙ୍କର ବଦନ ମଣ୍ଡଳ ନିରୀକ୍ଷଣ କରି ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଲେ—"ଗୋଟିପୁଅ ବେଶକାର ମହାଶୟ ନିଜର କୋଠରୀ ମଧ୍ୟରେ ରହିଲେ ରଙ୍ଗ ସମାବେଶରେ କି ଦେଖା ହୋଇପାରେ ଜଣେ ପଣ୍ଡିତ ଭଳି ଥିଲେ । ଅଭଗ୍ନାଙ୍ଗ ବହୁ ରଖିଥିବା ଯୋଗୁଁ ବିରକ୍ତ ହୋଇଛନ୍ତି ।"

ଯୁବକ ବୃନ୍ଦଙ୍କର ଅନୁରୋଧ-କ୍ରମେ ଖୁସି ଖୁସି ହୋଇଥିଲେ କାର୍ତ୍ତିକ ବାବୁ । ସେମାନଙ୍କଠାରୁ କିଛି ଟଙ୍କା ମଧ୍ୟ ଗ୍ରହଣ କଲେ । ସ୍ତ୍ରୀଙ୍କ ହାତରେ ଗୋଟିଏ ଟଙ୍କା ଦେଇ ସେମାନଙ୍କ ସଙ୍ଗରେ ବାହାରି ପଡ଼ିଲେ ଅବିଳମ୍ବେ । ଏତେ ଶୀଘ୍ର ବେଶକାର ମିଳିଯିବେ, ଯୁବକ ବୃନ୍ଦଙ୍କର ଧାରଣା ନ ଥିଲା । ସୁତରାଂ, ସେମାନେ ମଧ୍ୟ ଖୁସି ହେଲେ । ସେହି ଖୁସିରେ ସେମାନଙ୍କର ନାଟକ ଅଭିନୟ ।

ସୁନ୍ଦର ମନୋଜ୍ଞ ଅନୁଷ୍ଠାନର ଆୟୋଜନ ଦେଖି ଖୁସି ହେଲେ କାର୍ତ୍ତିକ ଦାସ । ଅନ୍ତର ଆତ୍ମା ଏପରି ପରିସ୍ଥିତିରେ ଝଲସି ଉଠେ । ପ୍ରସ୍ତୁତିରୁ ଅଶେଷ-ଅଭିଜ୍ଞ-କଳାକାରର ପରିସ୍ଥିତି ମଧ୍ୟରେ ସମସ୍ତ କଷ୍ଟ ଭୁଲିବା ହେତୁ ତାଙ୍କର ଶିଳ୍ପୀମନ ସତେଜ ହୋଇ ଉଠିଥିଲା । ଏପରି ଏକ ପରିସ୍ଥିତିରେ ସେ ଚନ୍ଦ୍ରା-ଭରୁଜନ୍ତ—ଏହି କଳାରେ କାଳ ଯାପନ କଲେ ତାଙ୍କର ସୂକ୍ଷ୍ମ କଳାବୋଧ ସଙ୍ଗ ହୋଇପାରେ ।

ଠିକ୍ ସେଥି ସହିତ ପରେ ସୂକ୍ଷ୍ମ-ପରେ ହୋଇ ଆପଣା ଶିଳ୍ପକର୍ମରେ ମନୋନିବେଶ କଲେ । କେବଳ ବୃତ୍ତି ଅନୁଯାୟୀ ଏପରି କାର୍ଯ୍ୟକାରିତା ତାଙ୍କୁ ଅଶେଷ ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରିପାରେ । ସେହିପରି ସୌନ୍ଦର୍ଯ୍ୟବୋଧ ଯୋଗୁଁ ନାନା ପ୍ରକାର ଲଳିତ କଳାରେ ସେ ସଫଳତା ଅର୍ଜନ କରିପାରନ୍ତି ।

ସେ ରାତିର ଅଭିନୟ ପ୍ରଥମେ ମାନଭଞ୍ଜନ ଦୌତ୍ୟ ନୃତ୍ୟ ଦେଇ ଆରମ୍ଭ ହେବ । ବେଶକାର କାର୍ତ୍ତିକ ବାବୁ ରାଧା-କୃଷ୍ଣ ଦୁହିଙ୍କୁ ବେଶ କରୁଥାନ୍ତି । ରାଧାଙ୍କୁ ଅଭିନବ ସାଜ କରି ଏପରି ମନଲୋଭା କରି ସାରିଥିଲେ ଯେ, ମାନ-ଭଞ୍ଜନ ନୃତ୍ୟ ଆରମ୍ଭ ହେଲାବେଳେ ଅଭିମାନିନୀ ରାଧାଙ୍କୁ ମଞ୍ଚ ଉପରେ ଦେଖି ଦର୍ଶକ ମଣ୍ଡଳୀ କରତାଳି ଦ୍ୱାରା ଏକ ନିଜର ସମ୍ମାନ ଜ୍ଞାପନ କରିଥିଲେ । ସେ ପ୍ରଶଂସା କଳା-କୁଶଳୀଙ୍କର ନୁହେଁ—ତାହା ସଂସ୍କୃତ କ୍ରମେ ବେଶକାରଙ୍କର ପ୍ରାପ୍ୟ । ନୃତ୍ୟକେଳିରେ ରାଧାଙ୍କର ଆକର୍ଷ ରମଣୀ ନୟନଯୁଗଳରେ ପ୍ରଣୟୀ କୃଷ୍ଣଙ୍କ ପ୍ରତି ଯେଉଁ ମାନ ଅଭିମାନ ଫୁଟି ଉଠିଲା ପ୍ରକାଶ ପାଉଥିଲା—ତାହା କେବଳ ମାତ୍ର ତାଙ୍କର କୁଶଳୀ ନୃତ୍ୟ କଳା ନୁହେଁ—ବେଶକାରଙ୍କର ଅଭିନବ ରୂପସଜ୍ଜା ପାଇଁ ମଧ୍ୟ । କେଉଁଠିକି ବେଶ ଶୋଭା ଓ ରାଧାଙ୍କର ଅଙ୍ଗର ତାହା ନୁହେଁ ବେଶକାରଙ୍କର ମନୋଜ୍ଞ ସଜ୍ଜା-ବିନ୍ୟାସ ଯୋଗୁଁ ମଧ୍ୟ ରାଧାବେଶୀ କଳାକାରଙ୍କର ରୂପଲାବଣ୍ୟ ଶତଗୁଣରେ ବର୍ଦ୍ଧି ଯାଇଥାଏ ।

ମାତ୍ର, ଏଥିରୁ ପ୍ରତ୍ୟକ୍ଷ ଯେଉଁ କାର୍ତ୍ତିକ ଦାସ ସମାଜରେ ନିଜର କାର ପାଇଁ ଅନାଦୃତ, କୁଣ୍ଠିତ, ଅପମାନିତ, ଘୃଣ୍ୟ ହୋଇଗଲେ, ତାହା କଣ ଏକାଳର ଆନନ୍ଦ-ପ୍ରସୂ ଦର୍ଶକ ସମାଜ ସାମାନ୍ୟ ରୂପରେ ମଧ୍ୟ ଅନୁଭବ କରନ୍ତି ନାହିଁ ? ଆଶ୍ଚର୍ଯ୍ୟ ! ଏହା ସତ୍ତ୍ୱେ ବେଶକାର କାର୍ତ୍ତିକ ବାବୁ ନିଜକୁ ବଞ୍ଚିତ ଏବଂ ଅପମାନିତ ମଣି ଶାନ୍ତନା ପାଉ । ନିଜର ସବୁ କିଛି କଳାତ୍ମ ମନୋନିବେଶ କରି ନାହିଁ ଗୁରୁଙ୍କୁ ସେ ଜାଣିବାକୁ, ବୁଝିବାକୁ, ସେବା କରିବାକୁ ପ୍ରାଣପଣେ ଚେଷ୍ଟା

କରି ଅଛନ୍ତି—ଏହ ଭାରତ ବର୍ଷର ସ୍ୱତନ୍ତ୍ର କଳା-ନୃତ୍ୟ। ତାହାକୁ ସେ ଧୂଳିର ଏବଂ ଗଣ୍ୟ କରି ନାହାନ୍ତି। ନିଜର ଲଜ୍ଜା-ଅଭିମାନ ନ ଥାଇ ସେ କେବଳ ଅନ୍ୟର ନୟନ ତୃପ୍ତି ବା ପ୍ରୀତି, ମଙ୍ଗଳ ପାଇଁ ନିଜ କର୍ମରେ ମନଯୋଗ ଦଅନ୍ତି ତାହା ଅସତ୍ୟ।

ଏହାସତ୍ତ୍ୱେ ଆପଣ ମାନଙ୍କୁ ଏବେ ଗୋଟିଏ ଛୋଟ ଘଟଣା କହୁଛି—ତାହା କେତେଦୂର ବିଶ୍ୱାସଯୋଗ୍ୟ ସେ ବିବେଚନା ଆପଣମାନଙ୍କର। କିନ୍ତୁ ଘଟଣାଟି ଯେ ସତ୍ୟ ସେଥିରେ କୌଣସି ଅସତ୍ୟର ପ୍ରଲାପ ନାହିଁ।

ସେଦିନ କୌଣସି ଏକ ଉପଲକ୍ଷ୍ୟରେ ସ୍ଥାନୀୟ ରଙ୍ଗମଞ୍ଚରେ ତାଣ୍ଡବ ନୃତ୍ୟର ସାଜବେଶ ପାଇଁ କାର୍ତ୍ତିକ ଦାସଙ୍କୁ ଦାୟିତ୍ୱ ପ୍ରଦାନ ହୋଇଥିଲା। କିନ୍ତୁ ପୂର୍ବରୁ ଉଦ୍ୟୋକ୍ତାମାନେ ବେଶ-କାରଙ୍କୁ ସାକ୍ଷାତ କରି ଏହାର ଅଗ୍ରୀମ ଦେଇ ଚୁକ୍ତିବଦ୍ଧ କରି ମଧ୍ୟ ଠିକ୍ ସମୟରେ ତାଙ୍କର ଭେଟ ପାଇ ନ ଥିଲେ। ସନ୍ଧାନ-ଅନୁସନ୍ଧାନ କରି ବିଫଳ ମନୋରଥ ହୋଇ ଉଦ୍ୟୋକ୍ତାମାନେ ମନେ ମନେ ତାଣ୍ଡବନୃତ୍ୟ କାର୍ଯ୍ୟକ୍ରମଟି ସ୍ଥଗିତ ରଖିବା ସ୍ଥିରାନ୍ତ ମଧ୍ୟ କରି ସାରିଥାନ୍ତି। ଅବସ୍ଥାର ସାଜଘରେ ଅବିବେଚନା ଏବଂ ବିସ୍ମୟସୂଚକ ନାନାପ୍ରକାର କଣ୍ଠସ୍ୱର ଶୁଣାଗଲା—ବେଶକାର ନିଜର ବେଶ ସାମଗ୍ରୀ ନେଇ ହାଜର ହୋଇଛନ୍ତି।

ଉଦ୍ୟୋକ୍ତାମାନେ ମନ ଆନନ୍ଦରେ ବେଶକାରଙ୍କଠାରୁ ବିଳମ୍ବର କାରଣ ଜାଣିବା ପାଇଁ ବ୍ୟସ୍ତ ଚଞ୍ଚଳ ହୋଇ ଆସି ମଧ୍ୟ ଗମ୍ଭୀର ହୋଇ ନୀରବ ରହିଲେ।

ବେଶକାରଙ୍କର ବଦନ ମଣ୍ଡଳ ଏପରି ଅସ୍ୱାଭାବିକ ଭାବରେ ଭାବଗମ୍ଭୀର ହୋଇ ରହିଛି କାହିଁକି? ତାଙ୍କର ପରିଧାନ ସକଳ ଏପରି କଦର୍ଯ୍ୟ-କଦାକାର କାହିଁକି? ଅଗତ୍ୟା ନୀରବରେ କେତେଜଣ ଆପଣା ଆପଣା ମଧ୍ୟରେ କେବଳ ଅର୍ଥପୂର୍ଣ୍ଣ ଦୃଷ୍ଟି ଆଦାନପ୍ରଦାନ କରିଥିଲେ।

ତାହାକୁ କିଛି ନ କହି କାର୍ତ୍ତିକ ବାବୁ ନିଜ କାର୍ଯ୍ୟରେ ମନୋଯୋଗ ଦେଲେ।

ନୃତ୍ୟ ଶିଳ୍ପୀ ମାନଙ୍କୁ ବେଶ କରୁଥାନ୍ତି ସେ। ଉଦ୍ୟୋକ୍ତା-ମାନେ ପୁଣି ସ୍ୱ ସ୍ୱ କାର୍ଯ୍ୟରେ ବ୍ୟସ୍ତ ରହିଲେ। ସେମାନଙ୍କ ମଧ୍ୟରୁ ଜଣେ ମଞ୍ଚ ଉପରେ ଦର୍ଶକଙ୍କୁ ବେଶକାରଙ୍କର ଅନଭିପ୍ରେତ ବିଳମ୍ବ ଯୋଗୁଁ କ୍ଷମା ପ୍ରାର୍ଥନା କଲେ। ପରେ ପରେ ପ୍ରେକ୍ଷାଳୟରେ ଆନନ୍ଦ ଧ୍ୱନି ଶୁଣାଗଲା।

କିଛିକ୍ଷଣ ପରେ ମଞ୍ଚର ଆଚ୍ଛାଦନ ଜାଲ ଉଠିଲା। ଦୃଶ୍ୟ ପଟ ଉନ୍ମୁକ୍ତ ହେଲା। ନାନାପ୍ରକାର ବାଦ୍ୟ ସବୁ ବାଜି ଉଠିଲା। ଦର୍ଶକମାନେ ନୀରବ ହୋଇଗଲେ। ଶିବଙ୍କର ତାଣ୍ଡବ ଆରମ୍ଭ ହେଲା।

ମାତ୍ର ଏକ ଅଦ୍ଭୁତ ଢଙ୍ଗରେ ଶିବଙ୍କୁ ବେଶକାର ବେଶ କରିଥିଲେ! ଶିବ ତାଣ୍ଡବ ନୃତ୍ୟ କରୁଥା'ନ୍ତି। ପାର୍ବତୀ ଦର୍ଶକ ଅଜ୍ଞାନ ହୋଇ ପଡ଼ିରହିଛନ୍ତି। ଅନ୍ୟାୟ-ଅନାଚାର ଯୌଗଙ୍କ ଯୋଗୁଁ ତାଙ୍କର ସ୍ତ୍ରୀ-ଜୀବନକୁ କ୍ରୋଧାନ୍ଧ ହୋଇଗଲେ ସେ। ମହାଦେବଙ୍କର ଧର୍ମପତ୍ନୀ ଜଣେ ଅଜ୍ଞାନ ଅବସ୍ଥାରେ କୁଟୀର ଦ୍ୱାର ଦେଶରେ ପଡ଼ିରହିଛନ୍ତି।

ନୃତ୍ୟ ପରିବର୍ତ୍ତନ କରୁ କରୁ ହଠାତ୍ କେତେକ ଆଶ୍ଚର୍ଯ୍ୟ ହୋଇ ବିସ୍ମୟସୂଚକ ସ୍ୱର ସହିତ କହିଲେ—"ବେଶକାର କାର୍ତ୍ତିକ ଦାସ ସ୍ୱୟଂ ନୃତ୍ୟ କରୁଅଛନ୍ତି—ଆଉ ତାଙ୍କର ନିଜ ସ୍ତ୍ରୀ କୁଟୀର ଦ୍ୱାରରେ ଲୁଣ୍ଠିତା। ଶିବ ବେଶ ଧାରଣ କରି କାର୍ତ୍ତିକ ଦାସ ତାଣ୍ଡବ ନୃତ୍ୟ କରୁ ଅଛନ୍ତି ନା ସମସ୍ତ ଦୁନିଆକୁ ଅନ୍ୟାୟ-ଅନାଚାର ଓ ପାପ-ତାପର ସାଧନ ପାଇଁ ପ୍ରତିଶୋଧ ହୋଇଛନ୍ତି?"

ତାଳ, ଲୟ, ମାନ ସବୁ ଯଥା ଯଥ। ବାଦ୍ୟଯନ୍ତ୍ରର ସୁର ସୃଷ୍ଟି ମଧ୍ୟ ନୃତ୍ୟର ତାଳ ଅନୁଯାୟୀ ଅବସ୍ଥା ଅନୁସାରେ ମୂଳଅଛି।

ନା, କୌଣସି ଭୁଲ ନୁହେଁ—ସ୍ୱୟଂ କାର୍ତ୍ତିକ ବାବୁ ପାଗଳ ହୋଇ ଶିବ ବେଶରେ ତାଣ୍ଡବ ନୃତ୍ୟ କରୁଛନ୍ତି। ନିଜର ସ୍ତ୍ରୀ ମଧ୍ୟ କୁଟୀର ଦ୍ୱାରରେ ଲୁଣ୍ଠିତା।

ପୁଣି କେତେକ ହଠାତ୍ ଅବିଶ୍ୱାସ କଲେ—ତାଙ୍କ ସ୍ତ୍ରୀଙ୍କର କେଉଁ ଏପରି ହେଲା କାହିଁକି?

କେହି ଜଣେ ପ୍ରକାଶ କଲେ ହୃଦୟ ବିଦାରକ ସତ୍ୟ—ସେହି ଅବଳା ନାରୀ କିଛି ସମୟ ପୂର୍ବରୁ ଅଜ୍ଞାନ ଅବସ୍ଥାରେ କୁଟୀର ଦ୍ୱାରଦେଶରେ ଚରମ ଭାବରେ ଯୋଗାଡ଼ ହୋଇ ପାଇଛି। ଆଉ ପ୍ରାଣପ୍ରତିମା ସ୍ତ୍ରୀଙ୍କର ଦୁର୍ଦ୍ଦଶା ଦେଖି କାର୍ତ୍ତିକ ଦାସ ପାଗଳ ହୋଇ ଯାଇଛନ୍ତି।

ଦର୍ଶକମାନଙ୍କର ଏପରି ଧ୍ୱନି ବହୁଳ ସମୟରେ ପୁଣି ଅନେକ ସନ୍ଧାନରେ ଜାଣି ପାରିଲେ—ବେଶକାର କାର୍ତ୍ତିକ ବାବୁ ମଧ୍ୟ ସମସ୍ତଙ୍କ ସମ୍ମୁଖରେ ଅବାକ୍ ହୋଇ ସେ ତାଣ୍ଡବନୃତ୍ୟ ପରିବର୍ତ୍ତନ କରୁଅଛନ୍ତି।

ସଦାନନ୍ଦ ଦାସ

ପଇଁ ତରୁଣି

ଜୀବନ ସ୍ମୃତି

ଆଇନ ଭଙ୍ଗର ଉଦ୍ଯୋଗ ପର୍ବ

ସଦର୍ଭ ସ୍ୱରାଜ୍ୟଦଳର ବୈପ୍ଳବିକ ବକ୍ତୃତା ଶାସକ ଗୋଷ୍ଠୀ ପ୍ରାଣରେ ଯଥେଷ୍ଟ ଭୟ ଓ ଆତଙ୍କ ସୃଷ୍ଟି କରିବାକୁ ସକ୍ଷମ ହୋଇ ପାରିଥିଲା, ସଦର୍ଭ କେନ୍ଦ୍ର ଆସେମ୍ବ୍ଲି ଓ ପ୍ରାଦେଶିକ କାଉନ୍‌ସିଲ ମାନଙ୍କରେ ସ୍ୱରାଜ୍ୟ ଦଳର ବିଠଲଭାଇ ପଟେଲ, ପଣ୍ଡିତ ମୋତିଲାଲ, ଚିତ୍ତରଞ୍ଜନ ଦାସ ପ୍ରମୁଖ ବ୍ୟକ୍ତିମାନଙ୍କ ପ୍ରଚେଷ୍ଟା ସମଗ୍ର ଭାରତରେ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ଭାରତବର୍ଷର ଶାସନ ପ୍ରଣାଳୀ ସମ୍ପର୍କରେ ଏକ ସଚେତନ ଦୃଷ୍ଟିକୋଣର ସ୍ଥାପନା କରିବାକୁ ସମର୍ଥ ହୋଇ ପାରିଥିଲା, କିନ୍ତୁ ତାହା ଗାନ୍ଧିଜୀଙ୍କ କଳ୍ପିତ ସ୍ୱାଧୀନତାଠାରୁ ପୃଥକ କଥା। ସ୍ୱରାଜ ଦଳର ଅନୁସୃତ ପନ୍ଥା ଗାନ୍ଧିଜୀଙ୍କ ଧ୍ୟେୟ ପନ୍ଥାଠାରୁ ସ୍ୱତନ୍ତ୍ର ହୋଇ ରହିଲା, ସ୍ୱରାଜଦଳର ଏହିପରି ଅଗ୍ରଗତି ସବୁ ଉପରେ ଗାନ୍ଧିଜୀ ଆସ୍ଥା ସ୍ଥାପନ କରୁ ନ ଥିଲେ । ବରଂ ତାଙ୍କର ଦୃଢ଼ବିଶ୍ୱାସ ଥିଲା ଯେ ଏ ସବୁ କୂଟନୈତିକ କାରବାରରେ ଇଂରେଜ ଜାତିକୁ ଜିଣିବାକୁ ପୃଥିବୀରେ କେହି ଜନ୍ମ ହୋଇ ନାହାନ୍ତି ଏବଂ ସ୍ୱାଧୀନ ଭାରତ ପାଇଁ ଇଂରେଜ ଅସ୍ତ୍ରାଗାରରେ ଯେତେ ପ୍ରକାର ଅସ୍ତ୍ର ଅଛି, ସେଥିମଧ୍ୟରେ କୂଟନୈତିକ ଇଂରେଜୀ ଭାଷା ହେଉଛି ସର୍ବୋତ୍କୃଷ୍ଟ । ଅର୍ଦ୍ଧ ଧରଣୀ ବ୍ୟାପି ସାମ୍ରାଜ୍ୟକୁ ସପ୍ତସମୁଦ୍ର ମନ୍ଥନ କରୁଥିବା ଇଂରେଜ ଯୁଦ୍ଧ ଜାହାଜଠାରୁ ଇଂରେଜୀ ଭାଷା ହିଁ ରକ୍ଷା କରିବାକୁ ଅଧିକ ଉପଯୋଗୀ, ତାହା ଇଂରେଜ ଭାଷାରେ ଅଲୌକିକ ନୈପୁଣ୍ୟ ହାସଲ କରିଥିବା ଗାନ୍ଧିଜୀ ସ୍ପଷ୍ଟ ବୁଝିଥିଲେ ଏବଂ ସେହି କାରଣରୁ ସ୍ୱରାଜ୍ୟ ଦଳର ବାକ୍‌ସର୍ବସ୍ୱ ନୀତିପଥକୁ ଭାରତୀୟ ସ୍ୱାଧୀନତା ମୁକ୍ତିର ଆବଶ୍ୟକୀୟ ଅସ୍ତ୍ର ବୋଲି ଗ୍ରହଣ କରିପାରୁ ନ ଥିଲେ । ସେଥିପାଇଁ ସେ ସ୍ୱରାଜ୍ୟ ଦଳର ସଫଳତା ଉପରେ ନିର୍ଭର ନ କରି, ଚିନ୍ତାକୁଳ ନ ହୋଇ, ସ୍ୱକଳ୍ପିତ ଅହିଂସା ଅସହଯୋଗର ତୀକ୍ଷ୍ଣ ସତ୍ୟାଗ୍ରହ ଅସ୍ତ୍ରକୁ ସର୍ବଂ, ଅହିଂସା ମନ୍ତ୍ରରେ ମଜଭୁତ କରି ଚଳାଇଥିଲେ ।

ତତ୍‌କାଳୀନ ସଦର୍ଭ ଭାରତ ଜାତୀୟ କଂଗ୍ରେସ ସ୍ୱରାଜ୍ୟଦଳର ଜନପ୍ରିୟତା ଉପଲବ୍ଧି କରି ମୁହ୍ୟମାନ ହୋଇ ପଡ଼ିଥିଲା, ତଥାପି ତାହା ଗାନ୍ଧିଜୀଙ୍କ ଅସାଧାରଣ ମନ୍ତ୍ର ବ୍ୟକ୍ତିତ୍ୱରେ ଅତିକ୍ରମ ନ ଥିଲା । "ୟଙ୍ଗ ଇଣ୍ଡିଆ" ମାଧ୍ୟମରେ ଗାନ୍ଧିଜୀଙ୍କ ଲେଖା ପରେ ଲେଖା ତର୍କ ଓ ଯୁକ୍ତିର ବଳକୁ ବଳରେ ସ୍ତର ଭେଦ କରି ଚିନ୍ତା ଓ କଳ୍ପନା ରାଜ୍ୟରେ ଅଗେଇ ବୁଝିବାକୁ ଯଥେଷ୍ଟ ଖୋରାକ ଯୋଗାଇ ପାରୁଥିଲା ଏବଂ ସମସ୍ତେ ବୁଝିପାରୁଥିଲେ ଯେ ଶୀଘ୍ର ବା ବିଳମ୍ବରେ ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶରେ ଆମ୍ଭମାନଙ୍କୁ ପରିଚାଳିତ ହେବାକୁ ପଡ଼ିବ । ତଥାପି ତାହା ଯେ ଏତେ ଆସନ୍ନ ଏ ଧାରଣା କାହାରି ନ ଥିଲା । କୋଉଦିନ ସ୍ୱୟଂ ଗାନ୍ଧିଜୀଙ୍କର ଥିଲା କି ନା ସନ୍ଦେହ । କାରଣ ସେ ସବୁବେଳେ "ଏକ ଆଲୋକ ଅପେକ୍ଷାରେ ଅଛନ୍ତି" ବୋଲି କହୁଥିଲେ ଏବଂ "ରୂପାର ରେଖା" ଦେଖିବା ମାତ୍ରେ ସତ୍ୟାଗ୍ରହ ଆରମ୍ଭ କରି ଦେବାକୁ କୌଣସି ପାର୍ଥିବ ଶକ୍ତି ତାଙ୍କୁ ଅଟକାଇ ପାରିବ ନାହିଁ", ବୋଲି ସେ ସବୁ ବେଳରେ ଘୋଷଣା କରୁଥିଲେ । ଏପରି ଏକ ଜ୍ୟୋତିଷ ଅର୍ଥ ବୁଝାଉଥିବା ଆଧ୍ୟାତ୍ମିକ ବା ନୈତିକ ତତ୍ତ୍ୱ ଉପରେ ଆମ କର୍ମୀମାନଙ୍କର ଶ୍ରଦ୍ଧା ବା ଆସ୍ଥା ଅତି ସାମାନ୍ୟ ଥିଲା ଏକଥା ସ୍ୱୀକାର ନ କଲେ ସତ୍ୟର ଅପଲାପ କରିବା ହେବ । ସ୍ୱାଧୀନତା ଭଳି ଏକ ରାଷ୍ଟ୍ରିକ ବୈଷୟିକ ବ୍ୟାପାରରେ ଏ ସବୁ ଅତି ମାନସିକ ବାଣୀର ବାସ୍ତବ ପ୍ରୟୋଗ, ଗାନ୍ଧିଜୀଙ୍କ ଭଳି ବ୍ୟକ୍ତିତ୍ୱ ସହିତରେ ଆଧ୍ୟାତ୍ମିକ ଗବେଷଣା ବା ଅନୁଶୀଳନ ବୋଲି ଗ୍ରହଣ କରା ଯାଇପାରେ, କିନ୍ତୁ ଏହାର ସଫଳତା ସମ୍ବନ୍ଧରେ ସମସ୍ତେ ବଡ଼ ସନ୍ଦିହାନ

ଥିଲେ, ଏହା କଳ୍ପିତଭାବରେ ବୁଝାଯାଇ ପାରେ । ତଥାପି ସ୍ଥାନାପେକ୍ଷା ଅଧିକାଂଶ ବାସ୍ତବ ହେଉଛି ଯେ ଏ ସମ୍ପର୍କୀୟ ସେମାନଙ୍କ କ୍ଳେଶାନୁଭବ ପଡ଼ିଲୁ ଦେଲେ ଚିତ୍ତର ଅନ୍ତରସ୍ଥଳରେ ସେମାନେ ଅନ୍ତର ଅନ୍ତରେ, ଛଳେ ଛଳେ, ଖାଲି ପ୍ରକୃତ ହୋଇ ଯାଉଥିଲେ ତାହା ନୁହେଁ, ପ୍ରଶଂସା ଅର୍ଜନ କରୁଥାନ୍ତି-ଥିଲେ । ଭାରତବର୍ଷରେ ଯେତେବେଳେ ଗାନ୍ଧିଜୀଙ୍କ ସମସାମୟିକ ବହୁତ ବଡ଼ ବଡ଼ ନେତୃସ୍ଥାନୀୟମାନେ ରହିଥିଲେ । ପ୍ରଥିତ ଲକ୍ଷ୍ମୀ ଜନ, ନମ୍ବୁଦ୍ରିକ, ବାଲଗଙ୍ଗା, ଭାଗି, ରବୀନ୍ଦ୍ରନାଥ ଠାକୁର, ଶ୍ରୀନିବାସ ଶାସ୍ତ୍ରୀ, ତେଜ୍‌ବାହାଦୁର ସାପ୍ରୁ, ମଦନ-ମୋହନ ମାଲବ୍ୟ ପ୍ରଭୃତି ନେତାମାନଙ୍କ ଅନୁପମ ପ୍ରତିଭା ବାସ୍ତବରେ କୌଣସି ଗୁଣ ଊଣା ନ ଥିଲେ, ସମସ୍ତେ ଭାରତୀୟଙ୍କ ଅଭାବ ଓ ଅଭିଯୋଗ ବିଷୟରେ ସଚେତନ ଥିଲେ ଏବଂ ସ୍ୱଳ୍ପ-ଭାବରେ ଦରିଦ୍ର ଯେ କରୁ ନଥିଲେ ତାହା ନୁହେଁ, ତଥାପି ଗାନ୍ଧିଜୀଙ୍କ ମହାତ୍ମ୍ୟ, ମହାମହିମମଣ୍ଡିତ ଐଶ୍ୱର୍ଯ୍ୟମୟ ମୂର୍ତ୍ତି ପରମ୍ପରା ଶୁଣି ଅଭିଭୂତ ହୋଇ ପଡ଼ୁଥିଲେ । ଦୁର୍ଭାଗ୍ୟ ଲୌକିକ ବ୍ୟବହାରରେ ବିଶ୍ୱବନ୍ଦ୍ୟ ପାଶ୍ଚାତ୍ୟ ସଭ୍ୟତା ଏବଂ ଏହି ସଭ୍ୟତାମୂଳକ ଇଂରେଜ ଶାସନକଳ ଓ କଳ ଏହିଠାରେ ଗାନ୍ଧିଜୀଙ୍କ ନିକଟରେ ହାର ମାନୁଥିଲା । ଉଣ୍ଣାସ ଥାଉ ବା ନ ଥାଉ ବୁଦ୍ଧିଶକ୍ତି ଯାହା ଆମ୍ଭେମାନେ ସେହି ବିଶାଳ ସ୍ଥାନର ସ୍ମୃତିରେ ଏକ ଅସ୍ପଷ୍ଟ ଉଦାସ୍ୟଭାବମଣ୍ଡଳରେ ଭୁଲି ଯାଉଥିଲୁ ।

ବସ୍ତୁତଃ ସତ୍ୟରେ ଅଗ୍ନିର ଉପମା ଓ ଆଖ୍ୟା ଦିଆ ହୋଇଥାଏ । ଏହି ବସ୍ତୁବାଦୀଙ୍କ ଦେଶପ୍ରେମୀମାନେ ସତ୍ୟ ପଥ ଖାସ କରନ୍ତି ଏବଂ ଦେଶର ପୀଡ଼ିତ ଲୋକମାନଙ୍କ ଅନ୍ତଃସ୍ପର୍ଶ ଦ୍ୱାରା ସମ୍ପୃକ୍ତ ହୋଇଥାନ୍ତି । ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଅସହଯୋଗ ବା ସତ୍ୟାଗ୍ରହ ଆନ୍ଦୋଳନ ନିଶ୍ଚୟ ବସ୍ତୁର ସତ୍ୟ, କିନ୍ତୁ ତାହା ବହ୍ନିର ଅଗ୍ନି ନୁହେଁ, ବହ୍ନିର ଆଲୋକ । ତାହାର ଧ୍ୱଂସକାରୀ ଶକ୍ତି ସୀମାବଦ୍ଧ, ଅନ୍ଧକାରରେ ପଥ ପ୍ରଦର୍ଶନକାରୀ ଶକ୍ତି ପ୍ରଚୁର । ତାହା ଏପରି ଏକ ସ୍ୱଚ୍ଛ (transparent) ଆବରଣରେ ଆବୃତ ଯେ, ଅଗ୍ନି-ଶିଖାରେ ଧ୍ୱଂସ ହେବାପାଇଁ ପତଙ୍ଗକୁ ଆକୃଷ୍ଟ କରୁଥିବା ତାହା ପତଙ୍ଗକୁ ଆକୃଷ୍ଟ କରୁଥିଲା, କିନ୍ତୁ ଆତ୍ମୋତ୍ସର୍ଗ ଭୂତମାନେ ଭସ୍ମ ହେବାମାତ୍ରେ ସତ୍ୟ ଅହିଂସାର ସେହି ସ୍ୱଚ୍ଛ ଆବରଣ ସେମାନଙ୍କୁ ସଚେତନ କରୁଥିଲା । ଏହି ଅଦ୍ଭୁତ ଓ ଅଭୂତ-ପୂର୍ବ ବସ୍ତୁକୁ ବ୍ୟାପକଭାବରେ ପ୍ରୟୋଗ କରାଇବାରେ ଗାନ୍ଧିଜୀ ଏକମାତ୍ର ବିଶେଷଜ୍ଞ ଥିଲେ ଏବଂ ବୁଝାଇବାର ସେ ଶୈଳୀ କେବଳ ତାଙ୍କର ଜଣାଥିଲା । ଇଂରେଜମାନଙ୍କ 'ସର୍ବୋଚ୍ଚ ଶୌର୍ଯ୍ୟର ମାଉଣ୍ଟ୍ ଏହି ପ୍ରକାର ନେତାଙ୍କ ବାରମ୍ବାର ନିକଟରେ ଅକାଳ୍ୟ ଅନାମୀ ହୋଇପଡ଼ିବ, ଏହା ଇଂରେଜମାନେ ସ୍ପଷ୍ଟ ଅନୁଭବ କରୁଥିଲେ ଗାନ୍ଧିଜୀଙ୍କ ସାଧନା ଶକ୍ତିରେ ପ୍ରତିଷ୍ଠିତ ହୋଇଥିବ, ଏହା ଗାନ୍ଧିଜୀଙ୍କୁ ସ୍ପଷ୍ଟ କରାଇଥିଲା । ଗାନ୍ଧିଜୀଙ୍କ ବାଣୀର ଆଉ ସମସ୍ତେ ବୌଦ୍ଧିକମାନେ ସହଜରେ ବୋଲାଇରେ ଅବହେଳିତ ହୋଇଥିଲେ । କିନ୍ତୁ ସତ୍ୟ ଓ ଅହିଂସାର ଉପରେ ବୁଦ୍ଧିଙ୍କ ଯେଉଁ ମର୍ମ ମର୍ମ ଅନୁଭବ କରିପାରୁ ଥିଲେ, ତାହାକୁ ବ୍ୟାପକ ଜୀବନରେ, ବ୍ୟବହାରିକ ଜୀବନରେ ପ୍ରୟୋଗ କରିବା ପାଇଁ ପ୍ରୟୋଜନୀୟ ସାଧନ ସାମଗ୍ରୀ ସଂଗ୍ରହରେ ସେ ତାଙ୍କ ସ୍ୱୀୟ ସ୍ୱତନ୍ତ୍ର ପ୍ରଣାଳୀ ଦ୍ୱାରା ଅଭ୍ୟାସ ଓ ଉଦ୍ଭାବନରେ ଲାଗିପଡ଼ୁଥିଲେ । ତାହା ସମସ୍ତଙ୍କ ଗୋଚରରେ ଥାଇ ମଧ୍ୟ ଅଗୋଚରରେ ଥିଲା, ଜଣାଜଣା ଥାଇ ମଧ୍ୟ ଅନୁଭୂତ ନଥିଲା । ସେହି ଅନନ୍ୟ ବୁଦ୍ଧିଙ୍କୁ ବାହାର ସହିତ ବା ସହଯୋଗ ସମଗ୍ର ଆଭ୍ୟନ୍ତର ଅବହେଳା ଦୃଷ୍ଟିରେ ପଦ୍ଦଳିତ ଓ ଉର୍ଦ୍ଧ୍ୱ ଗଣିତ ଗୁଣନରେ ପଦଭଗ୍ନ କରିବାର ସୋପାନ ସବୁ ଆବିଷ୍କୃତ ଓ ଅବତାରଣ କରିବା ଏକାକୀ ଜାଣୁଥିଲେ ଗାନ୍ଧିଜୀଙ୍କ ଅନୁଶୀଳନ ଏବଂ ନୀତିର ଆବେଦନ ଅପେକ୍ଷାରେ, ସେହି ଅନୁଭବମୟ ସିଦ୍ଧ ଅପେକ୍ଷାରେ ଉଚ୍ଚ ଦେଶବାସୀଙ୍କୁ ସୌଜନ୍ୟ ସହିତ ଅପେକ୍ଷା କରିବାକୁ ସେ ନିର୍ଦ୍ଦେଶ ପ୍ରଦାନ କରୁଥିଲେ । କିନ୍ତୁ ସମସ୍ତ ଆୟୋଜନ କରି ସାରିବା ପରେ ମଧ୍ୟ ପ୍ରୟୋଗ ପାଇଁ ଉପଯୁକ୍ତ ସୁଯୋଗ ସୁବିଧାକୁ ଅପେକ୍ଷା କରୁଥିଲେ ।

ଠିକ୍ ଏହିପରି ଏକ ସନ୍ଧିକ୍ଷଣ ସମୟରେ ପ୍ରସ୍ତୁତ ହେବା ପାଇଁ ଉତ୍କଳ ସମେତ ଦେଶବାସୀମାନେ ଉଣେଇଶରେ ଯଥେଷ୍ଟ ସମ୍ପୂର୍ଣ୍ଣ ହୋଇ ଛିଡ଼ା ହେବାକୁ ଉଦ୍ୟୋଗ କରୁଥିବା ବେଳେ, ଉତ୍କଳ ଆକାଶରେ ବଜ୍ରାଘାତ ପରି ଅପ୍ରତ୍ୟାଶିତ ଭାବରେ ଉତ୍କଳକୁ ଶୋକାନ୍ଧକାରରେ ବୁଡ଼ାଇ ଦେଲେ—ପଣ୍ଡିତ ଗୋପବନ୍ଧୁ ଦାସ । ତାଙ୍କ ଆକସ୍ମିକ ଅନ୍ତର୍ଦ୍ଧାନ ଆମ୍ଭମାନଙ୍କୁ ବଜ୍ରପାତ ପରି ବିହ୍ୱଳ କରିଦେଲା ଏବଂ ଆସନ୍ନ ମହାଭାରତୀୟ ସଂଗ୍ରାମର ଜଣେ ପ୍ରଥମଶ୍ରେଣୀ ଯୋଦ୍ଧା ଓ ସେନାପତିଙ୍କର ଅକସ୍ମାତ ବିୟୋଗ ଭାରତବର୍ଷକୁ ମ୍ରିୟମାଣ କରିଦେଲା । ଉତ୍କଳର କଂଗ୍ରେସ ସଂଗଠନ ଯେତେବେଳେ ସମସ୍ୟା ବହୁଳ ପରିସ୍ଥିତିର ସମ୍ମୁଖୀନ ହୋଇ ତାହାକୁ ପାର କରି ରହୁଥାଏ । ପ୍ରୌଢ଼ ଓ ଯୁବକ ମାନଙ୍କ ମଧ୍ୟରେ ସ୍ୱରାଜ୍ୟ-ପନ୍ଥୀ ଓ ଗାନ୍ଧିବାଦୀଙ୍କ ମଧ୍ୟରେ ମତଭେଦ, ଏବଂ ବହୁତ କର୍ମପ୍ରବଣତାର ବୃଦ୍ଧିରେ ପିପାସା ମେଣ୍ଟାଇବା ପାଇଁ ଯଥେଷ୍ଟ

ଧର୍ମ ଅନୁଯାୟୀ, ଅନ୍ୟାନ୍ୟ ମନ୍ତ୍ରୀ ସ୍ୱଇମାନଙ୍କର ଉତ୍ଥାନ ହେବା ପରେ, ଉତ୍କଳ କଂଗ୍ରେସ ମହଲରେ ନିଦ୍ରୋହିତା ଫଳରେ ନାନାବିଧ ବିଶୃଙ୍ଖଳା ଘୋଟି ଆସୁଥାଏ । କେବଳ ତାଙ୍କ ଆପଣଙ୍କ ସ୍ନେହ ଓ ସହନଶୀଳତା, କର୍ମକୁଶଳତା, ଓ ବିଜ୍ଞତା ଅବିବେକିତ ପ୍ରଯୋଗ ପରୁ ସଂଗଠନକୁ ବଞ୍ଚାଇ ରଖିଥାଏ ମାତ୍ର । ଯେତେବେଳେ ସେ ସଂଯୋଗ ତୁଟିଗଲା, ସେ ଆଦର୍ଶ ଭୂତ୍ରା ଗୁଣିପଡ଼ିଲା, କଂଗ୍ରେସ ସଂଗଠନର ଆଉ ଉନ୍ନତି କଣ ? ଏହି ପ୍ରଶ୍ନ ସମସ୍ତଙ୍କୁ ଘାରି ରଖିଲା ସେଯାଏଁ, ଯେଉଁଯାଏଁ ଗାନ୍ଧୀଙ୍କ ପ୍ରଶଂସା କରିବାରେ ଗୋପବନ୍ଧୁ ନବୀଗୁପ୍ତ ଅଟେଇ ନ ଆସିଥିଲେ । ଅବଶ୍ୟ ପ୍ରୌଢ଼ମାନେ ହିଁ ଏ ନାସିକା କୁଞ୍ଚନ କରୁଥାନ୍ତି । କିନ୍ତୁ ସ୍ୱଗୁଣବାବୁ, ନବକୃଷ୍ଣ ବାବୁ ପ୍ରମୁଖ ଯୁବକ ଦଳ ଗାନ୍ଧୀଙ୍କ ନବଦୀକ୍ଷାକୁ ଦଳସ୍ୱରରେ ସମର୍ଥନ କରୁଥିଲେ । ଉତ୍କଳ କଂଗ୍ରେସ ସଂଗଠନ ଅକୂଳ ସମୁଦ୍ରରେ ଥଳ ପାଇବା ପରି ଅନୁଭବ କଲା । ଆସନ୍ନ ପ୍ରବଳ ବନ୍ୟା ଓ ଦୁର୍ଯୋଗରେ ଅହରହ ମନ୍ତ୍ରଣା ଚାଲିଲା । ତାଙ୍କ ଆପଣଙ୍କ ସଦସ୍ୟ ବିଚ୍ଛେଦର ପ୍ରତିକ୍ରିୟା ଧୀରେ ଧୀରେ ଅପସରି ଗଲା । ସାଂଗଠନିକ ଶିଥିଳତା କ୍ରମଶଃ ମ୍ଳାନ ହୋଇଗଲା ଏବଂ ସ୍ୱରାଜ୍ୟ ପରି ସ୍ୱତନ୍ତ୍ରବାଦୀମାନଙ୍କ ବିଶୃଙ୍ଖଳ ଆବେଗ ଆଗରେ ସର୍ବବିଧ ବିଶୃଙ୍ଖଳା ସଫା ହୋଇଗଲା । ତାଙ୍କ ବଦାନ୍ୟତାର ଆଲିଙ୍ଗନରେ କ୍ଳିଷ୍ଟ ଜନ୍ମା ଲୁପ୍ତ ହୋଇ ଉତ୍କଳ କଂଗ୍ରେସ ସଂଗଠନର ଉଦ୍ଦାମ ସ୍ୱାସ୍ଥ୍ୟ ଫେରି ଆସିଲା ।

ଏ ସବୁ କୁଚକ୍ରର ନେତୃତ୍ୱ ପଡ଼ିଲା ଗାନ୍ଧୀବାଦୀମାନଙ୍କ ହାତରେ । ପରେ ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଦଳ ଶୃଙ୍ଖଳା ମଧ୍ୟକୁ ଆସି ଲୋକାଲବୋର୍ଡ ନିର୍ବାଚନରେ ପଣ୍ଡିତ ରାଜକିଶୋର ଦାସଙ୍କୁ ପ୍ରବୃତ୍ତ କରି ଏସମସ୍ତ ନିର୍ବାଚିତ ହୋଇ କଟକ ଲୋକାଲବୋର୍ଡ ଚେୟାରମ୍ୟାନ ହୋଇଥିଲେ ଏବଂ ସୁନାମ ଓ ଦକ୍ଷତା ସହିତ ଦାୟିତ୍ୱ ତୁଲାଇ ଦେଶରେ ଲୋକପ୍ରିୟତା (?) ଦେଇଥିଲେ, ତଥାପି ତାଙ୍କ ମୌଳିକ ଲକ୍ଷ୍ୟଥିଲା ଗାନ୍ଧୀବାଦ ପ୍ରତି । ପରେ ଶ୍ରୀ ହରେକୃଷ୍ଣ ମହତାବ ମଧ୍ୟ ସେହି ସମୟରେ ବାଲେଶ୍ୱର ଲୋକାଲବୋର୍ଡ ଚେୟାରମ୍ୟାନ ହୋଇ ସେ ଦାୟିତ୍ୱ ସୁରୁଖୁରୁ ତୁଲାଇ ସାରିବା ପରେ, ୧୯୨୬।୨୭ ନିର୍ବାଚନରେ ଦକ୍ଷିଣ ବାଲେଶ୍ୱରରେ ସଫଳତା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ବିହାର ଓଡ଼ିଶା କାଉନ୍‌ସିଲକୁ ନିର୍ବାଚିତ ହୋଇ ପାରିଥିଲେ, କିନ୍ତୁ ନିର୍ବାଚନ ମକଦ୍ଦମାରେ ହାରି ସ୍ୱରାଜଦଳ ସଂକ୍ରାନ୍ତୀୟ ପ୍ରଶଂସା ଦାୟିତ୍ୱରୁ ମୁକ୍ତ ହୋଇ ଗାନ୍ଧୀବାଦୀମାନଙ୍କ ସହିତ (ମତ ଯାହା ଥାଇନା ଥାଉଁକ) ସମାବୃତ ହୋଇ ନେତୃତ୍ୱ ପ୍ରଦାନ କରିବାକୁ ଇଚ୍ଛା ହୋଇଗଲେ । ସେମାନଙ୍କ "ଯୁଝଂଦେହି" ଭାବ ଶୁଣିବା ବେଳକୁ, ଓଡ଼ିଶା ସ୍ୱରାଜ୍ୟ ଦଳର ପ୍ରଧାନ ଦାୟିତ୍ୱରେ ଥିବା ଆମେ କେତୋଟି, କେନ୍ଦ୍ର ଆସେମ୍ବ୍ଲି ଦାୟିତ୍ୱରେ ଥିବା ପଣ୍ଡିତ ନୀଳକଣ୍ଠ ଦାସ, ଭୁବନାନନ୍ଦ ଦାସ ଏବଂ ବିହାର ଓଡ଼ିଶା ପ୍ରାଦେଶିକ କାଉନ୍‌ସିଲରେ ଥିବା ଗୋଦାବରୀଶ ମିଶ୍ର, ଲିଙ୍ଗରାଜ ମିଶ୍ର, ନନ୍ଦକିଶୋର ଦାସ, ଏବଂ ସ୍ୱୟଂ ଲେଖକ କିପରି ବିଚଳିତ ହେଉଥିବେ ସହଜେ ଅନୁମେୟ । ଅବଶ୍ୟ ଅନ୍ୟମାନଙ୍କ ତତ୍‌କାଳୀନ ମନୋଭାବ ବିଷୟରେ ମୁଁ କେତେକାଂଶରେ ଅପରିଚିତ କିନ୍ତୁ ମୋ ନିଜ ଅବସ୍ଥା ବିଷୟରେ ଲେଖିବାକୁ ଗଲେ, ମୁଁ ଲେଖିବି ଯେ, ମୁଁ ଜୀବନରେ କେବେ ଏପରି ଅନାସକ୍ତି ବା ଉପେକ୍ଷା ବୋଧ କରି ନ ଥିଲି । ଅବଶ୍ୟ କେତେକ ଅଭାବନୀୟ ପରିସ୍ଥିତିର ଘୂର୍ଣ୍ଣିନ ହୋଇ ମୋତେ କାଉନ୍‌ସିଲ, ଲୋକାଲବୋର୍ଡ ଓ ଆସେମ୍ବ୍ଲି ଇତ୍ୟାଦି ପାଇଁ କେତେଥର ନିର୍ବାଚନ ଦ୍ୱାରରେ ଓହ୍ଲାଇବାକୁ ପଡ଼ିଥିଲା, କିନ୍ତୁ ସବୁସ୍ଥଳରେ ଜୟଯୁକ୍ତ ହୋଇଥିଲେ ମଧ୍ୟ ମୁହୂର୍ତ୍ତକ ପାଇଁ ମୁଁ ସେ କୃତକାର୍ଯ୍ୟ ଗୌରବ ଅନୁଭବ କରିପାରି ନଥିଲି । କାରଣ, ଗାନ୍ଧୀବାଦ ମୋର ମୌଳିକ ସ୍ୱପ୍ନ । ନିର୍ବାଚନରେ ଯେତେଥର ଆସିଛି, ତାହାପରେ ମୋତେ ଏଥିପାଇଁ ଅନୁତାପ ଦ୍ୱାରା ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିଛି । ସତ୍ୟାଗ୍ରହ ପାଇଁ "ସ୍ୱାଗ ସାଗ" ଭାବରେ ଗଗନ ପବନ ମୁଖରିତ ହୋଇ ଉଠୁଥିବା ବେଳେ, ଆମ୍ଭେମାନେ ଶୁଷ୍କ ମନରେ ଅପରାଧୀ ପରି କାଉନ୍‌ସିଲ ଓ ଆସେମ୍ବ୍ଲିର ସୀମାବଦ୍ଧ କୂପରେ ମଗ୍ନ ହୋଇ ଏହିପ୍ରକାର ଆତ୍ମଗୋପନ କରୁଥିଲୁଁ ଏବଂ ସାଧାରଣ କର୍ମୀମାନେ ଅସୀମ ସମୁଦ୍ରରେ ସନ୍ତରଣ କରିବାକୁ ପ୍ରସ୍ତୁତ ହେଉଥିବା ଦେଖି ମନରେ ଈର୍ଷା ଅନୁଭବ କରୁଥିଲୁଁ । ମୁଁ ଏତେଦୂର ଆତ୍ମଗ୍ଳାନି ଅନୁଭବ କରିଥିଲି ଯେ, କିଛି-ମହଲର ନିର୍ଦ୍ଦେଶ ଅପେକ୍ଷା ନ କରି ପାଇବା ଆଗରୁ ମୁଁ କାଉନ୍‌ସିଲରେ ଯୋଗ ଦେଇ ପାରିଲି ନାହିଁ ଏବଂ ଦଳର ଶୃଙ୍ଖଳା ଭାଙ୍ଗି ଇସ୍ତଫା ପତ୍ରଟିଏ ସିଧା କାଉନ୍‌ସିଲକୁ ପଠାଇ ଦେଇ ଶାନ୍ତ ହୋଇଗଲି । ଅବଶ୍ୟ ସେଥିପାଇଁ ସହକର୍ମୀମାନଙ୍କଠାରୁ ଅବଶ୍ୟ ଶୁଣିବା ପାଏ କଥା ପାଇଥିଲି କିନ୍ତୁ ମୁଁ ସେତେବେଳକୁ ଦୃଢ଼ଭାବେ ଅଟଳକୁ ସ୍ଥାୟୀ ଭାବେ ଫେରିପାଇ ଅଛିଲା ସହିତ ପ୍ରଧାନ ସମ୍ପର୍କରେ ଯେ କୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ହେବାରେ ଲାଗି ଯାଇଥିଲି । ସତ୍ୟାଗ୍ରହର ରୂପରେଖ କ'ଣ ହେବ, ଆନ୍ଦୋଳନର ପ୍ରଣାଳୀ କ'ଣ ହେବ ତାହା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅଜ୍ଞାତ ବ୍ୟାପାର

ହୋଇଥିଲେ ମଧ୍ୟ ଖଣ୍ଡଣାଦଳ ପର ଏକ ନିଷ୍ଠାମୂଳକ ବ୍ୟାପକ ବନ୍ଧୁକ ବିଷୟରେ ଅନୁମାନ ପୋଷଣ କରି, ସେହିବୃତ୍ତିରେ ସ୍ଥାନେ ସ୍ଥାନେ ଆଲୋଚନା ଥାଏ । ମୋତେ ଲଗେଇ ଦେଶପ୍ରମୁଖ ଦଳ ରଖିବା ଥିଲା ମୋର କାମ, ଲକ୍ଷ୍ୟିତ ନୂତନ ଯାହା ଆପଣା କାହିଁକି କେବଳ ରୋପଣ କରିବାକୁ ବାଳ ଉଦ୍ଦିଷ୍ଟ ଯାହା କିଛି । ଆଗଳ ସ୍ୱାମୀ ସ୍ୱାଧୀନତା ଯୁଦ୍ଧରେ ମୁକ୍ତ ହବାଗମ ପରେ ଦଳ ବୁଝିବାକୁ କାଉନ୍ସିଲ ଇତ୍ୟାଦିର ଜଞ୍ଜାଳ ଛୁଟିଲା ମୋତେବେଳେ ପଦ୍ଧତିମୂଳକ ଶ୍ରେଣୀକରଣ ଅଞ୍ଚଳ ସଂଗଠନରେ ଲଗିଗଲି, ଅନୁଭବ କଲି ଯାଦରେ ନୂତନ ପ୍ରକାର ଶିକ୍ଷା । ତାହାହେଉଛି କୁଜଙ୍ଗ ଗଣ୍ଡପ୍ରଜଙ୍କର ଶେଷ ବଂଶଧର ରାଜା ଜଗଦୀଶ ଚନ୍ଦ୍ର ନରେନ୍ଦ୍ର ବାହାଦୁରଙ୍କ ବିଧବା ପତ୍ନୀ ଭଗବତୀ ପାଟମହାଦେବୀଙ୍କ ପ୍ରତି ମୋର କର୍ତ୍ତବ୍ୟାନୁମୋଦିତ କରିବ୍ୟ । ପୂର୍ବରୁ କୁହା ଯାଇଛି ମୁଁ ବନ୍ଧୁଆଉଣୁଙ୍କ ନାତୁଣୀର ପୁଅ ସମ୍ପର୍କରେ ଅର୍ଥାତ୍ ବନ୍ଧୁଆଉଣୁଙ୍କ ନାତିଙ୍କର ପୋଷ୍ୟପୁତ୍ର ହୋଇ ଅନ୍ତଃପୁରରେ ପ୍ରଶ୍ନ ହୋଇ । ଅଠଗଡ଼ରୁ ବାହାର ହୋଇ କୁଜଙ୍ଗ ଅଞ୍ଚଳର କର୍ମୀଙ୍କୁ କର୍ମକେନ୍ଦ୍ର ବାଛିବା ପରେ ପାରାଦ୍ୱୀପ ସ୍ଥିତ ଗଡ଼କିଲ୍ଲା ସହିତ, ଦୂର ସମ୍ପର୍କୀୟ ହେଲେ ମଧ୍ୟ, ସମ୍ପର୍କ ସ୍ଥାପନ କରିବା ସ୍ୱାଭାବିକ ହେଲା । ସଦ୍ୟ ବିଧବା ରାଣୀ କୁଇଁରି କନ୍ୟାଙ୍କ ସହିତ ପାରାଦ୍ୱୀପରେ ଅବସ୍ଥାନ କରୁଥିଲେ । ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ଋଣ ଜାଲରେ ଯାହା କିଛି ଦେବୋତ୍ତର ସମ୍ପତ୍ତିଥିଲା, ତାହା ସବୁ ବନ୍ଧକରେ ଜଡ଼ିତ । ଗୋଟିଏ ବିବାହ ଉପଯୁକ୍ତା କନ୍ୟା । ସମସ୍ତ ପରିସ୍ଥିତି ବୁଝିବାକୁ ମୋତେ ଅଧିକ ସମୟ ଲାଗିଲା ନାହିଁ । ମୋ ଜାତୀୟ ଆନ୍ଦୋଳନ ଭିତ୍ତିରୁ ମୁଁ ଏହି ମହିଳାଙ୍କ ପରିବାର, ଉତ୍ତରାଧିକାର, ଦୃଢ଼ଚିତ୍ତ ଇତ୍ୟାଦି ଆବଶ୍ୟକୀୟ ଗୁଣମାନ ଲୋକଙ୍କର ଅଗୋଚର ସନ୍ତୋଷ ଲାଭ କରିପାରିଲି । ଅର୍ଥଦାନରେ ଯଦିଓ ମୋର ସ୍ୱଚ୍ଛଳତା ନଥିଲା, ତଥାପି ମୋ ଅଧିକାରରେ ଯଥେଷ୍ଟ ମୂଲ୍ୟବାନ ଭୂସମ୍ପତ୍ତିଥିଲା । ସେହି ବଳରେ ଏହିବଳାଙ୍କୁ ଆବଶ୍ୟକୀୟ ସମସ୍ତ ପ୍ରକାର ଆର୍ଥିକ ସାହାଯ୍ୟ ଯୋଗାଇ ପାରିଲି ଏବଂ ବିବାହ ଉପଯୁକ୍ତା କନ୍ୟାଙ୍କୁ ପାତ୍ରସ୍ଥ କରିଦେବାକୁ ସକ୍ଷମତ୍ତେ ସମର୍ଥ ହୋଇପାରିଲି । କୁଜଙ୍ଗ ଜମିଦାରୀର ବର୍ତ୍ତମାନ ମହାରାଣୀଙ୍କ ସ୍ୱାମୀଙ୍କ ଅମଳ ଶାସନ ବନ୍ଦୋବସ୍ତର ସୁବନ୍ଦୋବସ୍ତ କଲାମାତ୍ରେ ସେମାନେ ମୋତେ କୁଜଙ୍ଗରେ କୌଣସି ସୁବିଧା ଦେବାକୁ ବିଧବାରାଣୀଙ୍କୁ ମନା କରିଦେଲେ । କାରଣ ତାଙ୍କ ମଧ୍ୟରୁ ମାନଙ୍କ ଜୀର୍ଣ୍ଣସଂସ୍କାର ସାଧନରେ ବ୍ରତୀ ହୋଇ ମୁଁ କୁଜଙ୍ଗ ବାସୀମାନଙ୍କ ସମାଜର ଲାଭ କରିଥାଏ ।

କିନ୍ତୁ ଦୁର୍ଭାଗ୍ୟ ଏହି ମହିମମୟୀ ମହିଳା ସେମାନଙ୍କ ଜୀବନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । ଫଳରେ ବର୍ତ୍ତମାନ ରାଜ୍ୟ ସରକାରରୁ ତାଙ୍କୁ ମିଳୁଥିବା ମାସିକ ଶାଠିଏ ଟଙ୍କା ଭତ୍ତା ବନ୍ଦକରି ଦିଆଗଲା । ଜଙ୍ଗଲ, ଗୋଚରଭୂମି ବ୍ରହ୍ମୋତ୍ତର ଇତ୍ୟାଦି ଯେଉଁସବୁ ସୁବିଧା ତାଙ୍କୁ ଦିଆ ଯାଉଥିଲା, ତାହା ସବୁତକ ବନ୍ଦକରି ଦିଆଗଲା । ତାଙ୍କ ଜୀବନଧାରଣର ଅନ୍ତିମର ଲକ୍ଷ୍ୟପ୍ରତ୍ୟେ ଉଦ୍ଦେଶ୍ୟରେ, ମୋ ସମ୍ପର୍କ ତୁଟାଇ ଦେବାକୁ ବହୁପ୍ରକାର ଚକ୍ରାନ୍ତ ତାଙ୍କ ନିକଟରେ ନିରସ୍ତ ହେଲେ । ଶେଷରେ ଅନେକ ବର୍ଷରେ ମୁଁ ଯେତେ ଯାହା ଆର୍ଥିକ ସାହାଯ୍ୟ ଦେଇଥିଲି ତାହା ଏକକାଳୀନ ଫେରାଇ ଦେବାକୁ ପ୍ରତିଶ୍ରୁତି ଦେଇ ମଧ୍ୟ ସର୍ବଥା ବିଫଳ ହେଲେ । ଏ ସବୁର ପରିଣାମ ତାଙ୍କ ଉପରେ ଯାହା ହେବ, ସେ ବିଷୟରେ ସେ ସର୍ବଦା ସଚେତନ ଥାଇ, ରାଜପରିବାରର ବଂଶ ଗୌରବ ଅନୁଷ୍ଠାନ ମାନଙ୍କୁ ଯଥାଯୋଗ୍ୟ ସଂରକ୍ଷଣ କରି ଚଳାଇ, ଦାରିଦ୍ର୍ୟକୁ ବରଣ କରି ନେଲେ ।

ଦାରିଦ୍ର୍ୟଦଂଶନରେ ବହୁ ବର୍ଷ ଧରି ପୀଡ଼ିତ ହୋଇ ସ୍ୱାସ୍ଥ୍ୟଭଙ୍ଗ ଘଟିବାରୁ ତାଙ୍କଠାରେ କର୍କଟ ରୋଗର ଲକ୍ଷଣ ଜଣାଗଲା । ସ୍ୱାମୀଙ୍କର ଦେହତ୍ୟାଗରେ ମୃତ୍ୟୁ ଘଟିଥିବାରୁ, ଏହି ମାରାତ୍ମକ ରୋଗ ସହିତ ସେ ପରିଚିତ ଥିଲେ ଏବଂ କାଉନ୍ସିଲ ନିର୍ବାଚନ ଓ ମହାରାଣୀଙ୍କ ସହିତ ସଂଘାତର ମାମଲାମକଦମାରେ ବ୍ୟସ୍ତଥିବାରୁ, ମୋତେ ଏହି ରୋଗ ବିଷୟରେ ଘୁଣାକ୍ଷରେ ଜାଣିବାକୁ ଦେଇ ନଥିଲେ । ମୃତ୍ୟୁପୂର୍ବରୁ ତାଙ୍କ ସ୍ୱାମୀ ଦେବୋତ୍ତର ଇତ୍ୟାଦି ଯାବତୀୟ ସ୍ଥାବର—ଅସ୍ଥାବର ସମ୍ପତ୍ତିରେ ତାଙ୍କୁ ଉତ୍ତରାଧିକାରିଣୀ ମନୋନୀତ କରି ଏବଂ ଇଚ୍ଛାକଲେ ଦତ୍ତକପୁତ୍ର ଯାବତୀୟ ପୋଷ୍ୟପୁତ୍ର ଗ୍ରହଣ କରି ପାରିବାର କ୍ଷମତା ପ୍ରଦାନ କରି ଗୋଟିଏ ଉଇଲ ସମ୍ପାଦନ କରି ଯାଇଥିଲେ । ତେଣୁ ଏହି ମାରାତ୍ମକ ରୋଗକବଳରେ କବଳିତ ହେବାପରେ ଦେବୋତ୍ତର ଓ ଯାହା କିଛି ଅବଶିଷ୍ଟ ସମ୍ପତ୍ତିଥିଲା ତାହା କାହାର ହାତରେ ନ୍ୟସ୍ତ କରିବେ । ସେହି ଚିନ୍ତା ତାଙ୍କୁ ଗ୍ରାସକରି ବସିଲା । ମୁଁ କାଉନ୍ସିଲ ସଦସ୍ୟ ଥିବା ସମୟରେ ଏକକାଳୀନ ମାସାଧିକ ପାଟଣାରେ ରହୁଥିଲି । ଏହି ସୁଯୋଗରେ ସେ କଟକ ଆସି ମୋ ଅଫିସରେ ପ୍ରତିଷ୍ଠିତ ଉତ୍କଳ ବାର୍ ଲକିଶୋର ରାୟ (ପରେ ଡେପୁଟି) ଙ୍କ ପରାମର୍ଶ ଗ୍ରହଣକରି, ଲକ୍ଷେ ଟଙ୍କା ମୂଲ୍ୟର ଗୋଟିଏ ଦାନପତ୍ରରେ ହଜାରେ ଏକର ପରିମିତ ଜମିର ଦେବୋତ୍ତର ଭୂସମ୍ପତ୍ତି ମୋତେ ପ୍ରଦାନ କରିଦେଲେ । ଏହି ଦାନଲିପି ସମ୍ପାଦନ କରିବାକୁ ସରକାରୀ ଫିସ୍ ଓ ଆନୁଷଙ୍ଗିକ ଖର୍ଚ୍ଚ ନିର୍ବାହ

ଭରିବାକୁ ବହୁ ସହସ୍ର ଟଙ୍କାର ଆବଶ୍ୟକତା ଯେ ସେ କିପରି ମେଣ୍ଟାଉଥିଲେ, ତାହା ଶେଷ ପର୍ଯ୍ୟନ୍ତ ମଧ୍ୟ ମୁଁ ବୋଧ୍ୟା କରି ଜାଣିପାରି ନଥିଲି ।

ଏହି ନିସ୍ୱାର୍ଥପରାୟଣବ୍ୟକ୍ତି ମୋ ଜୀବନର ଗତି ବଦଳାଇ ଦେବାରେ ସେ ହିଁ ଭୂମିକା ଗ୍ରହଣ କରିଥିଲେ । କାରଣ ମୋ ପ୍ରତି ତାଙ୍କର ଅନୁପମ ଶ୍ରଦ୍ଧା, ଆନୁଗତ୍ୟ ଇତ୍ୟାଦି ଦ୍ୱାରା ମୁଁ ଆଗରୁ ଏପରି ମୁଗ୍ଧ ହୋଇଥିଲି ଯେ, ସେ ଋଣରୁ ମୁକ୍ତ ହେବାକୁ ମନସ୍ଥ କରିଥିଲି ତାଙ୍କ ଦୁଇକନ୍ୟାଙ୍କୁ ମୋ ଜମିଦାରୀରୁ ଦୁଇଖଣ୍ଡି ଗ୍ରାମ ପୃଥକ ଭାବେ କାଟିଦେଇ ପ୍ରତ୍ୟର୍ପିତ କରିଦେବି ଏବଂ ଜୀବନ ଥିବାଯାଏ ସେ କନ୍ୟାମାନଙ୍କୁ ପାଖରେ ରଖିପାରିବେ । ତାପରେ ମୁଁ ଦେଶ କାମରେ ଯୋଗଦାନ କରିବାକୁ ଅବିବାହିତ ଜୀବନ-ଯାପନ କରିବି, ଏହି ଲକ୍ଷ୍ୟରେ ଜ୍ୟେଷ୍ଠାକନ୍ୟାଙ୍କୁ ସ୍ୱର୍ଗତ୍ରୋହ ଭାରଶିଳ୍ପ ସିକାଲୁ ବଡ଼ାଙ୍ଗିଡ ଗ୍ରାମର ବିଷ୍ଣୁପାଣିବଂଶର ଶୋଷଦାମୋଦରଙ୍କ ସହିତ ବିବାହ କରାଇ ଦେଇଥିଲି । କିନ୍ତୁ ପାଣିଗ୍ରହଣର ମାତ୍ର ଦୁଇବର୍ଷପରେ ଏହି ଦାମୋଦର ଅତିଶ ଅକସ୍ମାତ୍ ପ୍ରବଳ ଛାତିଯନ୍ତ୍ରଣା ରୋଗରେ ଦେହତ୍ୟାଗ କଲେ । ସେ ବିଧବା ହେବା ପରେ ଏହି ବୁଦ୍ଧିମତୀ ଯୁବତୀ ମହିଳା ମନେ ମନେ ମୋ ଉପରେ ଦାୟିତ୍ୱ ନ୍ୟସ୍ତ କରିବାକୁ ସ୍ଥିର କରି ମୋ ଅଗୋଚରରେ ତାହା ମଧ୍ୟ କାର୍ଯ୍ୟରେ ପରିଣତ କରିଦେଲେ । ମୁଁ ଜାଣିବା ପରେ ମୋ ସକଳ ସତ୍ତ୍ୱ ଲୋପ ହେଲା ବୋଲି ବୁଝିଲି ସତ କିନ୍ତୁ ତାହାର ପ୍ରତିକାର କରିବା ଦୂରରେ ଥାଉ ପ୍ରତିବାଦ କରିବାକୁ ମଧ୍ୟ ସାହସ ହେଲା ନାହିଁ । କାରଣ ତାଙ୍କ ନିକଟରେ ମୁଁ ସେହିପରି କୃତଜ୍ଞତା ପାଶରେ ଆବଦ୍ଧଥିଲି । ଏଣୁ ଠିଣାର ଅନିବାର୍ଯ୍ୟ ପରେ ମୋର ଭବିଷ୍ୟ ଚେଷ୍ଟା ତାଙ୍କୁ ନିକଟ ଆଣି ଚନ୍ଦ୍ରଗ୍ରାମ ପୁନର୍ବସତି କରିବା । ତାହାଙ୍କ ପୂର୍ବୋକ୍ତ ନୀତି ମତେ ମନ୍ତ୍ର ଦେଇ ମୋ ନିକଟକୁ ଶିଷ୍ୟ ପରି ଲାଗୁଥିଲେ । ତଥାପି ସ୍ୱୀୟ ଅଞ୍ଚଳରେ ଆସନ୍ନ ସଂଗ୍ରାମ ପାଇଁ ସାଂଗଠନିକ ଅଗଣିତ ଅନୁଷ୍ଠାନକୁ ଚଳାଇ ରଖିଥିଲି ।

ମୁଁ କହୁଛି ଜଙ୍ଗଲ ଦଳ ଆନ୍ଦୋଳନ ଚଳିବା ଅନୁସାରେ ସେହିପରି ମୋ ଅଞ୍ଚଳରେ ଆଲୋଚନା ଓ ସଂଗଠନ ଚଳାଉଥାଏଁ ଏବଂ ଏହିସବୁ ଦାୟିତ୍ୱ ତୁଲାଇବାକୁ ଯେଉଁ ନିଷ୍ଠା, ଯେଉଁ ଏକାଗ୍ରତା ଲୋଡ଼ା ତାହାର ପ୍ରଧାନ ଅନ୍ତରାୟ ହେଉଥାଏ ମୋର ବୈଷୟିକ ବ୍ୟାପାର । ତେଣୁ କାମକୁ ଏକାଧାରେ ଚଳାଇବା ମୋପକ୍ଷରେ ଅସମ୍ଭବ ଜାଣି ମୋ ସମକକ୍ଷ ଜଣେ ବିଶ୍ୱସ୍ତ ବାନ୍ଧବଙ୍କ ପାଖରେ ବୈଷୟିକ ଦାୟିତ୍ୱ ନ୍ୟସ୍ତ କରିବାକୁ ବାଧ୍ୟ ହେଲି । ସେ ମଧ୍ୟ ଜଣେ ଚଳନ୍ତି ଅଗ୍ରଗଣ୍ୟ କଂଗ୍ରେସ କର୍ମୀ ମାନଙ୍କ ମଧ୍ୟରେ ଅନ୍ୟତମ, କଟକର ଶ୍ରୀ ମଧୁସୂଦନ ପଟ୍ଟନାୟକ, ଜଙ୍ଗଲ ଆନ୍ଦୋଳନର ଜେଲ ଫେରନ୍ତା ନେତା । ଉଭୟେ ଏକତ୍ର ନାନାବିଧ ରାଜନୈତିକ ଆଲୋଚନା କରିବା ଅତି ସୁବିଧାପ୍ରଦ ହୋଇ ଥାଏ । ଆମ ଦୁଇ ବାନ୍ଧବଙ୍କ ମଧ୍ୟରେ ଆନ୍ତରିକତା ଏତେ ଘନିଷ୍ଠ ଯେ, ଜଣଙ୍କ ହୃଦୟରେ କୌଣସି ଭାବ ଉଦୟ ହେବା ମାତ୍ରେ, ତାହା ଅନ୍ୟହୃଦୟରେ ପ୍ରତିଫଳିତ ବା ପ୍ରତିବିମ୍ବିତ ହୋଇ ପାରୁଥିଲା । ଦୁଇଜଣ ଏକବେଳାରେ ବସି ନିୟମିତ ଖବର କାଗଜ ପଢ଼ିବା ଓ ନାନା ବିଷୟରେ ଆଲୋଚନା କରିବା ଚାଲିଥାଏ । ହଠାତ୍ ଦିନେ ମୁଁ କହିପକାଇଲି ସମୁଦ୍ର କୂଳବର୍ତ୍ତୀ ଆମ ଏ ଉପକୂଳରେ ଜଙ୍ଗଲ ଦଳ ଆନ୍ଦୋଳନ ଅପେକ୍ଷା ଲବଣମାରି ଆନ୍ଦୋଳନ ଅଧିକ ବ୍ୟାପକ ହୋଇ ପାରନ୍ତା । ଏ ବିଷୟରେ ଅଧିକ କିଛି ଆଲୋଚନା ହେଲନାହିଁ । ଠିକ୍ ଦୁଇଦିନ ପରେ ମଧୁବାବୁ ହଠାତ୍ ଆସି ମତେ ଚମତ୍କାର ସଙ୍ଗୀନ ଖବର ଦେଲେ, "ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ସ୍ଥିର କରିଥିବା ଅଚ୍ଛ ଖବର କାଗଜରେ ବାହାରିଛି ।" ଅଥଚ ଦୁଇଦିନ ପୂର୍ବେ ମୁଁ ଯେତେବେଳେ ଲବଣମାରି ଆନ୍ଦୋଳନର କଥା କହୁଥିଲି, ତାହା-ଉପରେ ବିଶେଷ କୌଣସି ଗୁରୁତ୍ୱ ଆରୋପ କରିନଥିଲି; କିନ୍ତୁ ଗାନ୍ଧିଙ୍କ ଚିନ୍ତାଧାରା ଯେତେବେଳେ କେମିତି ଯେ ମୋଠାରେ ପ୍ରତିଫଳିତ ହୋଇଗଲା, ତାହାଭାବି ମଧୁବାବୁଙ୍କ ବିସ୍ମୟର ସୀମା ରହିଲା ନାହିଁ । ତେଣୁ କ୍ୱିଆଣ୍ଟ ଜିଲାର ଉପକୂଳ ଅଞ୍ଚଳରେ ଲବଣ ସତ୍ୟାଗ୍ରହ ବ୍ୟାପକ ଆକାରରେ ଚଳାଇବା ପାଇଁ ମୁଁ ସଂକଳ୍ପବଦ୍ଧ ହୋଇଗଲି । ବୋଧହୁଏ ବାଦ୍ୟରୁ ଯେ ମଧୁବାବୁ ମୋ ବିଷୟାଦି ଦେଖାଶୁଣା କରିବା ଦାୟିତ୍ୱ ତୁଲାଇବା ପାଇଁ ଅବଗତ ହେଲେ ସତ୍ୟାଗ୍ରହରେ ଏ ଯାଏ ଯୋଗ ନଦେବା ପାଇଁ ସ୍ଥିର କରିଦେଲେ । କାରଣ ତାଙ୍କର ବିଶ୍ୱାସ ଥିଲା ଯେ, ବୈଷୟିକ ଜିନିଷପତ୍ରକୁ ମୋତେ ସମ୍ପୂର୍ଣ୍ଣ ମୁକ୍ତ ରଖିବାରେ ସାହାଯ୍ୟ କରିବାଦ୍ୱାରା ମୁଁ ପୂର୍ଣ୍ଣ ଉଦ୍ୟମରେ ଲଢ଼ି ପାରିବି, ଏବଂ ତାହା ତାଙ୍କ ପକ୍ଷରେ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଯୋଗ ଦେବାଠାରୁ ଅଧିକ କିଛି ହେବ ବୋଲି ସେ ଭାବୁଥିଲେ ।

ଗାନ୍ଧିଜୀଙ୍କ ଦାଣ୍ଡିଯାତ୍ରା ଅଳ୍ପ ଦିନ ମଧ୍ୟରେ ଆରମ୍ଭ ହୋଇଗଲା । ତାପରେ ଭାରତ ଗାନ୍ଧିଙ୍କ ଏହି ଅହିଂସାତ୍ମକ ଲବଣ ସତ୍ୟାଗ୍ରହ ଅଭିଯାନ ଆରମ୍ଭ ହୁଏ, ମନ୍ଦମୁଖ

ହୋଇଥାନ୍ତି । ଏଥିପାଇଁ ଅନେକ ଅଭିଯାନ ପାଇଁ ଏପରି ଆଶାତୀତ ବ୍ୟାପକ ସମର୍ଥନ ଭାରତବର୍ଷରୁ ମିଳିଲା ଯେ, ଶାସକ ଗୋଷ୍ଠୀ ପ୍ରଥମେ କିଂକର୍ତ୍ତବ୍ୟ ବିମୂଢ଼ ହୋଇଗଲେ । ଆବାଳ ବୃଦ୍ଧ, ବନିତା ସବୁଶ୍ରେଣୀର ଭାରତବାସୀ ଉଦ୍‌ବେଳିତ ସମୁଦ୍ର ଉଚ୍ଛ୍ୱାସପରି ସତ୍ୟାଗ୍ରହରେ ଝାସ ଦେବାକୁ ମାଡ଼ିଆସିଲେ । ସମସ୍ତଙ୍କ ବିଶ୍ୱାସ ହେଲା ଯେ ଗାନ୍ଧିଜୀଙ୍କ ଏ ଉଦ୍ଭାବନ ସର୍ବତୋଭାବେ ଅପ୍ରତିହତ ସମ୍ବଳ ହେବ । ବୋଧହୁଏ ଯେଉଁ ଅବସରକୁ ସେ ଏପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ତାହାହିଁ ଲବଣ ସତ୍ୟାଗ୍ରହ ରୂପେ ମୂର୍ତ୍ତି ହୋଇ ଉଠିଲା ।

ଉତ୍କଳରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ି ଗ୍ରାମର ସମୁଦ୍ରତଟ ସ୍ଥାନ ରୂପେ ବଛାଗଲା । ମହତାବଙ୍କ ସମେତ ବାଲେଶ୍ୱରର କର୍ମୀ ଓ ନେତୃବୃନ୍ଦ ସକ୍ରିୟ ହୋଇ ରହିଲେ । ନେତୃତ୍ୱ ନେବାକୁ କଟକରୁ ଜନଘୋଷ ବାଦ୍ୟମଧ୍ୟରେ ପ୍ରଥମ ସତ୍ୟାଗ୍ରହୀ ସେନା ଦଳ ବାହାରିଲେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ । ମୋର ଠିକ୍ ମନେଅଛି ସେଦିନ ମୁଁ କଟକରେ ଥାଏଁ ଏବଂ ଶ୍ରୀଦିବାକରଙ୍କ ଦର୍ଜି (Canesar) ରୋଗର ଅସ୍ତ୍ରୋପଚାର ନକରିବାପାଇଁ ମୋର ଦୃଢ଼ ଇଚ୍ଛାଥିବା ମୁଁ ସତ୍ୟାଗ୍ରହରେ ପୂର୍ଣ୍ଣମାତ୍ରାରେ ଯୋଗ ଦେଇ ପାରିବି ନାହିଁ ବୋଲି କଟକର ତତ୍କାଳୀନ ପ୍ରବୀଣ ଚିକିତ୍ସକ ସିଭିଲସର୍ଜନ ପାଇଡ଼ ସାହେବଙ୍କ ପରାମର୍ଶରେ ଦନ୍ତଚିକିତ୍ସକ କେତେଗୋଟି ଦାନ୍ତ ଉପାଡ଼ି ଦେବା ପାଇଁ ସେଦିନ ବ୍ୟବସ୍ଥା କରି ଯାଇଥାଏ । ଦାନ୍ତଉପାଡ଼ିବା ପରେ ରୋଗ କିଛିଟା ଉପଶମ ବୋଧ ହେଲା ଏବଂ ଦାନ୍ତମୂଳ ଶୁଖିବା ମାତ୍ରେ ତାଙ୍କୁ ପରାମର୍ଶ ପଚାରି ଦେଇ ମୁଁ ଅସହଯୋଗ ଆନ୍ଦୋଳନର ଦାୟିତ୍ୱରୁ ମୁକ୍ତ ମନେକଲି । ଯଦିଓ ଉପାଡ଼ିତ ଜନିତ ଦାନ୍ତମୂଳ ଶୁଖିଗଲା କିନ୍ତୁ କର୍କଟ ରୋଗାକ୍ରାନ୍ତ ସ୍ଥାନରେ ଉପଶମ କମିବାର କୌଣସି ଲକ୍ଷଣ ଦେଖାଗଲାନାହିଁ । ମୁଁ ଅଧୈର୍ଯ୍ୟ ହୋଇ ଉଠିଲି । ମୋ ଅସୁବିଧା ଦେଖି ପାଇଡ଼ସାହେବଙ୍କ ପ୍ରେସ୍‌କ୍ରିପସନ୍ ମୁତାବକ ଅବଶ୍ୟକୀୟ ଔଷଧପତ୍ର ଯୋଗାଇ ଦେଇ ସ୍ୱାଧୀନତା ମୁକ୍ତ ଅନ୍ଦୋଳନରେ ଲାଗିପିବାକୁ ସେ ମୋତେ ଓଳଟି ଅନୁରୋଧ କଲେ । ରୋଗଗ୍ରସ୍ତ ହୋଇ ମଧ୍ୟ ଲୋକେତବେଳକୁ ସେ ଖୁବ୍ ସବଳ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଖୁବ୍ ସୁସ୍ଥ ଥିଲେ ଏବଂ ସୁବିଧା ହେଲେ ଏ ଅଭିଯାନରେ କିଛି ଯୋଗଦେବାକୁ ଇଚ୍ଛା-ପ୍ରକାଶ କରୁଥିଲେ ।

ଠିକ ସ୍ମରଣର ଦୁଇ ମାସ ପୂର୍ବେ ଥାଏ । ଶ୍ରୀମତୀ ରମାଦେବୀ (ଗୋପବାବୁଙ୍କ ସହଧର୍ମିଣୀ) ସାମାନ୍ୟ କେତେଜଣ କର୍ମୀ ସେଦିନ ସପରିବାରରେ ଅଳକାଶ୍ରମରେ (ଜଗତସିଂହପୁର) ଅବସ୍ଥାନ କରୁଥାନ୍ତି । ସେତେବେଳକୁ ଲବଣ ସତ୍ୟାଗ୍ରହ ମାସାବଧି ଆରମ୍ଭ ହୋଇଗଲାଣି । ଗୋପବାବୁଙ୍କ ସମେତ ପ୍ରଥମଦଳଟି ଧରାହୋଇ ଗଲେଣି । ମହତାବ ବାବୁ ବାହାରେ ରହି ଆୟୋଜନରେ ଲାଗିଥାନ୍ତି । ପରେ ପରେ ବ୍ୟାପକ ଆକାରରେ ସେଠାରେ କାମଲାଗି ଏବଂ ବ୍ୟାପକ ଆକାରରେ ଧରପଗଡ଼ ହୋଇ ସେଠାରେ କାମ ଶିଥିଳ ହୋଇ ଯାଇଥାଏ । ଓଡ଼ିଶାରେ ଅନ୍ୟକୁ ମାଡ଼ି କାମ କରିବାର ଲକ୍ଷଣ ନଦେଖି ରମାଦେବୀ ମୋପରେ ଟେଲିଗ୍ରାମ ଡକାଇ ପଠାଇଲେ । ମୁଁ ଅଳକାଶ୍ରମରୁ ଯାଇ ଦେଖାକଲି । ସେ ପର୍ଯ୍ୟନ୍ତ ରମାଦେବୀ ପଦାକୁ ବାହାରି ନ ଥିଲେ । ପଦାକୁ ଅର୍ଥାତ୍ ସତ୍ୟାଗ୍ରହକୁ ବାହାରି ନଥିଲେ । କିନ୍ତୁ କଟକର ସୁଶୀଳା ଦେବୀ ପ୍ରଭୃତି ଅଳକାଶ୍ରମର ଆଶ୍ରିତ ଏ ଯୁବକ ଓଗାଳି ଅଧି ସାରିଥିଲେ । ତାଙ୍କ ପୂର୍ବ କଳାର ବ୍ୟାପକ ପ୍ରଚାର କରିଥିବା ମୋ ମନରେ ତାଙ୍କର ମଧ୍ୟ ବଦ୍ଧମୂଳର ବୋଧହେଲା । ଯଥା ସମୟରେ ସାକ୍ଷାତ ହେବାକୁ କହିଲେ, "ଗୋପବାବୁ ଜେଲରେ ରହିଲେ, ଆପଣମାନେ ପଦାରେ ନିଶ୍ଚିନ୍ତ ରହିବେ ନା କଣ ?" ମୁଁ କହିଲି, "ଆପଣ ନେତୃତ୍ୱ ଦେବାକୁ ବାହାରି ପଡ଼ନ୍ତୁ । ଅନ୍ୟ ସବୁ ଦାୟିତ୍ୱ ମୁଁ ତୁଲାଇବି । କୁଜଙ୍ଗ ଅଞ୍ଚଳରେ କେତେ ପ୍ରସ୍ତୁତ କରିରହିଛି । କେବଳ ଆପଣଙ୍କ ଆଦେଶ ସାପେକ୍ଷ ।" ସେ ଉତ୍ସାହିତ ସନ୍ତୋଷ ଅନୁଭବ କଲେ ଏବଂ ବୈଶାଖୀ ପୂର୍ଣ୍ଣିମା ଦିନ ସେହି ଏକ ଶୁଭ ମୁହୂର୍ତ୍ତରେ, ସାନ୍ଧ୍ୟ ଅନୁଷ୍ଠାନର ଘନଘଟା ମଣ୍ଡିତ ସେହି ଅଳକାଶ୍ରମରୁ ସିଦ୍ଧାନ୍ତିତ ଭାବରେ ଦିକ୍ଷାନ୍ତ ହୋଇଗଲେ, ଆଗାମୀ ଅବସ୍ଥାନ୍ତରେ ଦଳ କଟକ ଜାତୀୟନେତାଙ୍କ ନେତୃତ୍ୱରେ କଟକ ଜିଲ୍ଲାର ଲବଣସତ୍ୟାଗ୍ରହ ଅଭିଯାନ କୁଜଙ୍ଗରେ ଶୃଙ୍ଖଳିତ ହୋଇ, ଆନୁଷଙ୍ଗିକ ଉଦ୍ୟୋଗ ପାଇଁ ଶ୍ରୀମତୀ ରମାଦେବୀ ସେଦିନଠାରୁ କଟକ ଅଭିମୁଖରେ ଏବଂ ତଦାନୁସାରେ ମୁଁ କୁଜଙ୍ଗ ଅଭିମୁଖରେ ଧାବିତହେଲୁଁ ।

ନାରାୟଣ ବୀରବର ସାମନ୍ତ

ଆତ୍ମଚିତ୍ର

ଡିମିରି ଫୁଲ

"ମୁନୁ ଭାଇ !"

(ଗୀତ ଗାଉଥିଲେ ସ୍ୱରକୁ ଏଇଠାରୁ ହେଁଇବା ସ୍ୱର ଲୋକ କୁହାଯାଇ ପାରନ୍ତା)

"ସତେ ତମେ ଭୁଲିଯିବ ?"

(ହାରମୋନିୟମର ସା ଓ ପା କୋମଳ ଉପରେ ଯେଉଁ ଯେମିତି ମୃଦୁ ଆଙ୍ଗୁଳି ସୂଚନା କରି ଦେଉଛନ୍ତି)

"ଭୁଲ୍ ଯିବନି ତ ?"

(ବେହେଲାର ଝଙ୍କୃତ ତନ୍ତ୍ର ଉପରେ ଛଡ଼ର ଅସାଧାରଣ ଦ୍ରୁତଗତିର କମ୍ପନ ପରି ଲାଗି ଲାଗି)

"ମୋ ଦେହ ଛୁଇଁ କହ ଭୁଲି ଯିବନି ?"

(ଗହଳିଆ ଅମ୍ବତୋଟା ତଳର ଛାଇରେ ନୃତ୍ୟରତ ବୈଶାଖୀ ଦ୍ୱିପ୍ରହର ବେଳର ଲହୋଡର ଗୁଞ୍ଜରଣ ପରି ! ନା-ନା ? ଗୋଟାଏ ନିର୍ଜନ ଜନ୍ମାଷ୍ଟମୀ ର ମଧ୍ୟ ଯାମରେ ହଠାତ୍ ନିଦଭଙ୍ଗା ବେଳେ ଶୁଣିହୁଏ ଏକ ଅଜଣା ବଂଶୀ ବାଦକର ମଧୁର ବଂଶୀର ସ୍ୱରର ଡାକ ପରି । ଆବେଗ ନୁହେଁ—ଅନୁରୋଧ ନୁହେଁ । ଠିକ୍ ବୁଝିହେବାର କଥା ନହିଁ ।)

ତାପରେ ଆଉ କଥା ନାହିଁ । ସ୍ୱର୍ଗର ମାଧ୍ୟମରେ ପ୍ରକାଶର ଅପୂର୍ବ ଭଙ୍ଗୀ ।

ଏମିତି ମୁହୂର୍ତ୍ତରେ ରକ୍ତର ଦ୍ରୁତ ସଞ୍ଚାଳନ ! ହୃତପିଣ୍ଡର ତାଣ୍ଡବ ନୃତ୍ୟ । ନାକପୁଡ଼ା ଭିତରେ ଜୋରର ଗତିରେ ପବନର ଆଗମନ ଓ ପ୍ରତ୍ୟାଗମନ । ସମଗ୍ର ଦେହଟାରେ ଗୋଟାଏ ଆନ୍ଦୋଳନ । ମନ୍ଦର ଝଙ୍କାର ଦାରୁଣ । ପରେ ଝଡ଼ର ପ୍ରତ୍ୟାବର୍ତ୍ତ ଯେମିତି ବାୟୁମଣ୍ଡଳରେ କମ୍ପନ ଛାଡ଼ିଯାଏ ସେମିତି ।

ତାପରେ ସେଇଠି ଆସ୍ତେ ଆସ୍ତେ ଶରୀରରୁ ଶୀତଳର ହୋଇ ମିଳେଇ ଯାଏ ।

ମୁଁ ନାହିଁ । ସେ ନାହିଁ । ବାସ୍ତବର ସତ୍ତା ନାହିଁ । ମୋର ଅସ୍ତିତ୍ୱ ନାହିଁ—ତାର ବ ନାହିଁ । ଖାଲି ଗୋଟାଏ ଏହ୍ରିଏଲ ସ୍ତବ । ଦେହହୀନ—ଅଦୃଶ୍ୟର ଦୁଇଟି ବେହେଲାର ଏକ ସୁରରେ ମିଳନ ପରି । ଖାଲି ସୁର—ଅବାନ୍ତର—ଅପାର୍ଥିବ—ନୈସର୍ଗିକ ।

ଏଇ ସ୍ୱର୍ଗୀୟ ଲହିଁ ଭଲପାଇବା ବା ପ୍ରେମ । ତାହା ସବୁ ଛଳନା—କିଛିତ ଉଧାରକରା ଭଙ୍ଗୀ । ନକଲ୍ ନାହିଁ—। ମୁଗ୍ଧତା—ହେଳନ୍ତ ।

ତେବେ ଯା' ପରେ ପଦ ତାକୁ ମୁଁ ଭଲପାଇଛି (ମାନେ ତାର ଦେହଟାକୁ ନଜର କରି ରଖିବାର ଚେଷ୍ଟା କରିନି) ତେବେ ଦୋଷଟା କଣ ମୋର ?

ଶ୍ରୀ ରବି ପଟ୍ଟନାୟକ

ଚନ୍ଦ୍ରଭାଗା ଉପରେ ଏକ ବିହଙ୍ଗ ଦୃଷ୍ଟି

ରାଧାନାଥଙ୍କ ଚନ୍ଦ୍ରଭାଗା ଆଧୁନିକ କାବ୍ୟ ଜଗତରେ ଏକ ବିସ୍ମୟ ସୃଷ୍ଟି କରିଛି । ସୂର୍ଯ୍ୟଦେବଙ୍କ କିରଣରୁ ଉଦ୍ଧାର କରି ଚନ୍ଦ୍ରଭାଗାକୁ ତା'ର ଆପଣାର କଲାପରି ରାଧାନାଥ, ବହୁ ଇଂରାଜୀ ଓ ଗ୍ରୀକ୍ କବିମାନଙ୍କର ଭାବ ମାନଙ୍କରୁ ସାର ସଂଗ୍ରହ କରି, ନିଜର ଏକ ବିରାଟ ସଂଗ୍ରହଶାଳା ପ୍ରସ୍ତୁତ କରିଛନ୍ତି । ଓଡ଼ିଆଙ୍କର କାବ୍ୟକୁ ବିଶେଷ ବସ୍ତୁ ଆଣି ଅନୁରୂପ ନାୟକ ଓ ପ୍ରକୃତାତ୍ମକ ସୃଷ୍ଟି କରି କାବ୍ୟ ମଧ୍ୟରେ ଅପରୂପ ଚମତ୍କାରିତା ସଞ୍ଚାରି କରିବାରୁ ସେ ବେଶ୍ ଜନପ୍ରିୟ ଓ ଅନେକ ସମ୍ମାନରେ କୃତକାର୍ଯ୍ୟ ହୋଇଥିଲେ । କିନ୍ତୁ ସମାଲୋଚକର ଦୃଷ୍ଟିରୁ ରାଧାନାଥ କେତେଦୂର କେତେ ସଫଳ ରୂପକାର ପ୍ରତିଭାଶାଳୀ କବି ପାଠକ ସମାଜ ସମ୍ମୁଖରେ ବିଦ୍ୟମାନ । ତେଣୁ ପାଠକ ଭଗବାନ୍ ହୁଏ—କବିର ଏ କଥାକୁ ସ୍ୱୀକାର କରାଇବାକୁ ପଡ଼ିବ ।

ଏହା ସର୍ବବାଦୀ ସମ୍ମତ ଯେ ରାଧାନାଥ ବହୁ ଦେଶରୁ କାବ୍ୟ ସଂଗ୍ରହ କଲେ ସୁଦ୍ଧା ତାଙ୍କର ଦୃଷ୍ଟି ଥିଲା ଉତ୍କଳୀୟ ସମ୍ପଦ ଉପରେ ନିବଦ୍ଧ । ଯାହା ଏ ଦେଶରେ କେବେ ହୋଇନାହିଁ ବା ହେବାର ସମ୍ଭାବନା ନାହିଁ, ସେହିପରି ଏକ ବ୍ୟାପାର ସୃଷ୍ଟି କରିବା ଦ୍ୱାରା ସାହିତ୍ୟ କ୍ଷେତ୍ରରେ ଏକ ଚମକ ସୃଷ୍ଟି କରିଛନ୍ତି । ଚମକ ସୃଷ୍ଟି କରିବାରେ ରାଧାନାଥ ଧୁରନ୍ଧର । ପ୍ରାଚୀନ କାଳର ଅଳଙ୍କାର ଭରା ଦୁଇ ଭାଗ କାବ୍ୟ ସ୍ତନଙ୍କୁ ବର୍ଜିତ କରିବାକୁ ସେ ଯେପରି ପଦ୍ମପତ୍ର, ପାଶ୍ଚାତ୍ୟ ଦେଶର ଅଳଙ୍କାର ଶୂନ୍ୟତା ରୂପକ ଆଦର୍ଶକୁ ନେଇ ନାୟିକା ମାନଙ୍କୁ ସଜେଇ ଦେଖିବାକୁ ସେ ଚେଷ୍ଟିତ ପଶ୍ଚାତ୍‌ପଦ, ଫଳରେ ତାଙ୍କ ସାହିତ୍ୟରେ ଏକ ମିମାଂସା ମୂଳକ ଦୃଷ୍ଟିକୋଣ, ସମନ୍ୱୟ ବୁଦ୍ଧିର ସୂଚନା ଆମ୍ଭେମାନେ ପାଇଥାଉଁ । ରାଧାନାଥ କବେ ନିଜର ଆଦର୍ଶକୁ ପାଠକ ମାନଙ୍କ ଦୃଷ୍ଟି ପଥରେ ରଖି କାବ୍ୟ ଲେଖିଛନ୍ତି, "ପଦ୍ମପଲାଶ ଲୋଚନେ ଲୋଚନେ ମନ୍ଦହାସୀ, ଅଳସ ଭାସ ଯିବା ଗୋଡ଼େ ପୌର୍ଣ୍ଣମାସୀ ।" ଚନ୍ଦ୍ରଭାଗାର ରୂପ ବର୍ଣ୍ଣନାରେ ଅଳଙ୍କାର ପ୍ରିୟତାର କମ୍ ଦୃଷ୍ଟି ହୁଏ ନାହିଁ । ନାୟିକା ଚନ୍ଦ୍ରଭାଗା ଉମଲଦେହୀ ଅଳଙ୍କାର ବିନା ସୁନ୍ଦରୀତର ହୋଇଛି । ତା'ର ଦେହ ଫୁଲ ଭୂଷଣ ସବୁ । କଟିରେ ମେଖଳା, କଣ୍ଠରେ ମୋତିମାଳା, ତରଳ, କର୍ଣ୍ଣରେ କୁଣ୍ଡଳ, ମସ୍ତକେ ସିନ୍ଦୂର, ନାସାରେ ବସଣି, ବଦନରେ ମଣି, ଚିବୁକରେ ମୃଗମଦ—ବାସ; ଲଲନାର ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ଏତିକ ଯଥେଷ୍ଟ । ରୂପସାଗରରେ ଅଧର ରୂପକ ପ୍ରବାଳ ଲଭାର ଶ୍ରୀ ଅକ୍ଷରମଣୀୟ । ରାଧାନାଥ ମୁଦ୍ରିତା, ଉତ୍ତେଜିତା ନବ୍ୟ ଧୂପଟ ସୁଦ୍ଧା ନଗର ଘୋଷାଙ୍କ ଶୋଭା ଭୂଷା ଭଷା ସୁନ୍ଦରୀଙ୍କୁ ମଧ୍ୟ ଅଳଙ୍କାର ମୋହ ତ୍ରସ୍ତ କରିଛନ୍ତି । ଅମର ପରମ୍ପରାକୁ ନେଇ କବି ଚନ୍ଦ୍ରଭାଗାର ପ୍ରତି ପଦାଙ୍କପରେ ଶତଦଳ ଫୁଟାଇଛନ୍ତି । ତନ୍ମୁର ବାଲୋଳ ପତନରେ କୁସୁମ-ଧନୁ-ଭ୍ରୂଦ୍ୱୟ ସୃଷ୍ଟି ବିକାଶରେ ଚନ୍ଦ୍ରବିନ୍ଦୁ ଅଙ୍କନ କରିଛନ୍ତି । ତାର କାରଣ କହେ କାମର ଅକ୍ଷୟ ଅସ୍ତ୍ର, ଶସ୍ତ୍ର ଅମୋଘ ବାଣ । ଚନ୍ଦ୍ରଭାଗାର ବୃନ୍ତ ମୂଳ ଜମ ବର୍ତ୍ତୁଳ ତାଳମାଳକୁ ଧାରଣ କରିଛି । ନିତମ୍ବରେ ସ୍ଥୂଳ ଦର ନେଇ ଜଙ୍ଘ ଉଁକି ଦ୍ୱାରା କଦଳୀ କାଣ୍ଡ ସହ ତୁଳନା କରା ଯାଇଛି । ରାଧାନାଥ ଏ ଦୃଷ୍ଟିକୁ ପ୍ରାଚୀନ ସାହିତ୍ୟର ଧାରା ଓ ଆଦର୍ଶକୁ ମୋଟେ ଛାଡ଼ି ପାରି ନାହାନ୍ତି । ସବୁତ ଆଧୁନିକତାର ଅନୁଭୂତ ବାସ୍ତବ ଭୂମିରେ ତାଙ୍କର ନାୟିକା ବର୍ତ୍ତମାନ, ଯୁଦ୍ଧ ସୃଷ୍ଟ ସମାଜ ମଧ୍ୟରେ ନିଜର ଦାବୀ ସାବ୍ୟସ୍ତ କରିବାରେ ଆଗଭର; ତଥାପି ରୂପର ମାଦକତା ଉପରେ ତତ କମ୍ ଜୋର ଦେଇ ନାହାନ୍ତି ।

କଟକ

ପାଇଁ ଗ୍ଲକଣି

ସ୍ୱର୍ଣ୍ଣ ପୁଲିନ ବକ୍ଷରେ ନିର୍ବିକାର ଚନ୍ଦ୍ରଭାଗା କ୍ରୀଡ଼ାରତ । ସିନ୍ଧୁ ପବନ-ତାଡ଼ିତ ଝୀନ ବସନ ମଧ୍ୟରେ ଉଦ୍‌ବେଳ ହୋଇ ଉଠିଛି । ଜୀବନର ଉଦ୍ଦାମ ଲାଳସାର ହେତୁ ସୃଷ୍ଟି କରିବ ଚନ୍ଦ୍ରଭାଗା ଜଳକ୍ରୀଡ଼ାରେ କ୍ଳାନ୍ତ ହୋଇ ପଡ଼ିଲାଣି, ଅସୂର୍ଯ୍ୟମ୍ପଶ୍ୟା ରମଣୀ ଚନ୍ଦ୍ର ଓ ଆକାଶ ତଳେ ସ୍ୱଚ୍ଛନ୍ଦ ବିହାର କରିବାର ଧାରଣା କେତେ ସୁନ୍ଦର ତାହା ବାହୁଲ୍ୟର ଅନୁକରଣ ମାତ୍ର, ତାହା ଲୁହାପାଇ ନ ପାରେ । ଆମର କାବ୍ୟନାୟିକା ଗଣ ବିଳାସିନୀ ହେଲେ ବି ଉଚ୍ଛୃଙ୍ଖଳା ନୁହଁନ୍ତି । ସତୀ ପାର୍ବତୀଙ୍କ କ୍ଷେତ୍ରରେ ସେ କଥା ପ୍ରମାଣିତ ହୋଇଛି । "ଭ୍ରମଂ ପରୀତ କନ୍ଦୁକ ମାଲସ୍ପୃତି ଯା ଭଦ୍ରା ସୁକାନାଂ ଚନ୍ଦ୍ରଂ ବଂଗାହ୍ୟତ" ସେହିପରି ଜଳକ୍ରୀଡ଼ାରେ କ୍ଳାନ୍ତ ଚନ୍ଦ୍ରଭାଗା ଆଜ ଅନୁଧ୍ୟାନ୍ତା ତାହାଙ୍କ ଶରୀର ଦ୍ୱାରା ତଥ୍ୟର ପ୍ରମାଣ ଦେଇ ପାରୁଛି । ଅଗାଧ ଭୂମି ଗ୍ରହିତା ନାୟିକାମାନଙ୍କ ଏପରି ଦୌର୍ବଲ୍ୟ ମୂଳରେ କବିଙ୍କର କ ଉଦ୍ଦେଶ୍ୟ ସାଧିତ ହୋଇଛି । ଚନ୍ଦ୍ରଭାଗା ଅଦୃଶ୍ୟ ଅନ୍ତର୍ହିତ ହୋଇ ପଡ଼ୁଛି ମାତ୍ର କଥା ମହାଗୁରୁ ହୋଇ ଉଠିଛି । ଚନ୍ଦ୍ରଭାଗାର ରୂପ ଜ୍ୟୋତ୍ସ୍ନା, ଅତୁଳ ସୁନ୍ଦର କରି ହୋଇ ଉଠିଛି ତାଙ୍କ ଚିତ୍ର ପଟରେ । ରାଧାନାଥ ଚନ୍ଦ୍ରଭାଗାକୁ ବସୁନ୍ଧରାରେ ବା ସ୍ୱର୍ଣ୍ଣାଙ୍ଗୀ କରିବାର ପରିକଳ୍ପନା କରିଛନ୍ତି । ଚନ୍ଦ୍ରଭାଗାର ଗତ ଓ ସୃଷ୍ଟିର ଅନ୍ତ୍ୟାଳନରୁ ଲକ୍ଷ୍ୟ କରି ସେ କହୁଛନ୍ତି—

"ହେମାଙ୍ଗ ଦ୍ୱାଳଦ ବସନ୍ତ ଦେଖି ଚପଳେ ସଙ୍ଗିଣ,
ଅନ୍ତରାତ୍ମେ ଥାଏଁ ସକଳଙ୍କ ଲୟ-ସ୍ଥଗ୍ଧ ସମାନ ।
ଜୀବନ ବଳିଲେ ସଲିଳେ ଶରେ ଥାଏଁ ଦୁର୍ବଳ,
ଏ ଉଭୟ ଦେଖେ ଜୀବନ ଆଶେ ଥାଏଁ ପ୍ରବଳ ।
ପ୍ରଭୁ ବର୍ଣ୍ଣି ହାନ ସଙ୍ଗିଣ ସହଁ ଉଠେ ବହ୍ଲାଇ,
ମନେ କଲ୍ପିତ ପଲକେ ପଶୁ ଘେନ୍ଦ୍ର ଶୀକାର
ଦ୍ୱାଳଦା ବସନ୍ତ ଏକାନ୍ତ ପ୍ରାଣ ଭକ୍ଷେ ଅସୁ ର,
ଚରଣ ପ୍ରଭୁ ସରଣ ପୁଲକ ମନେ ବାଳ ଶରୀର ।
ଘାଟିନ ଦୁଇକୁ ସଙ୍ଗିଣ ବର୍ଣ୍ଣ ଚରଣ ପରଶେ,
ବର୍ଣ୍ଣିଲେ ଏହାକୁ ନୀକାର ଶରେ ଗାର୍ଜିକେ ଘରେ ।"

ସ୍ୱର୍ଣ୍ଣାଙ୍ଗୀ ଚନ୍ଦ୍ରଭାଗା ଯଥାର୍ଥରେ ଦ୍ୱାଳଦା ବସନ୍ତ । ରୂପ ଭୂଷିତ ସ୍ୱର୍ଣ୍ଣ, ଘାତାଭିଘାତରେ ପ୍ରେମ ବଦଳରେ କାମର ଦାବାନଳ ଅଳ୍ପ ହୃଦୟ ଯଥାର୍ଥରେ ଏକ ସଙ୍ଗିଣ । ତାଙ୍କର ଉଦ୍ଦେଶ୍ୟ ରୂପକୁ ଭୋଗ କରିବା ପାଇଁ ନୁହେଁ, ତାକୁ ନାଶ କରିବା ପାଇଁ । ଏଥିରେ ସଙ୍ଗିଣ ଓ ଦ୍ୱାଳଦା ବସନ୍ତର ମନସ୍ତାତ୍ତ୍ୱିକ ବର୍ଣ୍ଣନା ଦେବାକୁ ଚେଷ୍ଟା କରାଯାଇଛି ।

ରାଧାନାଥ ସାମନ୍ତ କବିଙ୍କରେ ପାରଦର୍ଶୀ । ଅତଥା ବର୍ଣ୍ଣନାକୁ ସାର୍ଥ କରି ଉପଭୋଗ କରିବାର ମନୋବୃତ୍ତି ତାଙ୍କର ନଥିଲା । ତେଣୁ ଗୋଟିଏ ରୂପମାନଙ୍କୁ ଉପଯୋଗୀ ପଂକ୍ତିରେ ବ୍ୟକ୍ତ କରିବାରେ ତାଙ୍କର ଓ ଉଦ୍ଦେଶ୍ୟ ସାଧିତ ହୋଇଛି ତାହା ଦେଖିବାର କଥା । ସଙ୍ଗିଣର ଲଳସାମଗ୍ନ ମୂର୍ତ୍ତିର ବଦଳକୁ ଖାଇଯାଉଛି ବ୍ୟାକୁଳ ହୃଦୟ ଦ୍ୱାଳଦା ବସନ୍ତ । ଅନ୍ତର୍ଭୁକ୍ତର ଗଭୀରତା ପ୍ରତ୍ୟେକ ପଦରେ ବ୍ୟକ୍ତିତ ହେଲପରି ଜଣାପଡ଼େ । ସମସ୍ତ ପଂକ୍ତି ଗୁଡ଼ିକର ଅନୁଶୀଳନ ଦ୍ୱାରା ଦୁଇପ୍ରକାର ମନୋବୃତ୍ତିର ବିଶ୍ଳେଷଣ ଜଣାପଡ଼ୁଛି ।

ବିଶ୍ୱର ଦୂରଦର୍ଶୀ ଲେଖକ ସେକ୍ସପିୟର ଏକ ଅପରାଧୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି, ସାମାନ୍ୟ ବିଶ୍ଳେଷଣ ପଦ୍ଧତି ଦ୍ୱାରା । ଶିରଚ୍ଛେଦନର ସମୟ କ୍ରମେ ନିକଟରୁ ନିକଟତର ହୋଇ ଆସୁଛି, ଅପରାଧୀର ମନ ଆସ୍ତେ ଆସ୍ତେ ମରି ମରି ଆସୁଛି । ତହିଁରେ ଅଛି ଏକ ଅଦମ୍ୟ ବ୍ୟାକୁଳତା । ସମୟର ପରିସର ନିଜସ୍ୱ ଭାବରେ ସଙ୍କୁଚିତ ହୋଇ ଆସୁଛି, ତାଙ୍କ ପ୍ରିୟ ପ୍ରାଣକୁ ଏକ ମୁହୂର୍ତ୍ତରେ ଚିନ୍ତା କରି ଦେବା ପାଇଁ । ଏହି କେତେକ ସଂଯତ ବର୍ଣ୍ଣନା ଦ୍ୱାରା Othelo ନାଟକରେ Shakespeare, Desdemona ର ଅତୁଳ ଆତ୍ମାର ଅନ୍ତର୍ବ୍ୟଥା ଦେଇ ପାରିଛନ୍ତି । Desdemona ଗୋଟିଏ ମାତ୍ର ରାତି ବଞ୍ଚିଛି ମୁହୂର୍ତ୍ତ ପାଇଁ, ମାତ୍ର ତୁଥାରେ ସମସ୍ତ ନଷ୍ଟ କରିବା ପାଇଁ Othelo ରାଜି ନୁହେଁ । ତା ପରେ ସେ ଏକଥାକୁ ସମସ୍ତ ବଞ୍ଚିଛି ମାତ୍ର ସେତିକ ବି ସେ ପାଉନାହିଁ । ଶେଷରେ ଏକ ମୁହୂର୍ତ୍ତ ମାତ୍ର ବଞ୍ଚିଛି ମୁହୂର୍ତ୍ତ ମୁହୂର୍ତ୍ତକୁ ଭଗବାନଙ୍କୁ ଡାକିଏ ସ୍ମରିବାକୁ । ମାତ୍ର ନୃଶଂସ Othelo ନିକଟରେ ସେ କାତରୋକ୍ତି ଅରଣ୍ୟ ରୋଦନରେ ପରିଣତ ହୋଇଛି । ଗଳା ଚିପି ମାରିବାକୁ Othelର ହସ୍ତ ନିକଟରୁ ନିକଟତର ହୋଇ କ୍ରମେ ଚାଲି ଆସୁଛି ତତ୍ପଲକରେ ଏକ ନିରପରାଧ ଆତ୍ମାର ବଳିଦାନ ଉଦ୍ଦେଶ୍ୟରେ । ଏଠି ଏକ ସରଳ ନିର୍ଦ୍ଦୋଷ ଆତ୍ମାର ବୈଚିତ୍ର୍ୟ ପ୍ରତ୍ୟେକ ପାଠକର ପ୍ରାଣରେ ନିଶ୍ଚୟ ସଞ୍ଚାରିତ ହେବ ।

ରାଧାନାଥ ଦୁଇଟି ଏହିପରି ଏକ ଦର୍ଶଣ ଦେବାକୁ ଚେଷ୍ଟା କରି ଅନେକ ପରିମାଣରେ କୃତକାର୍ଯ୍ୟ ହୋଇ ପାରିଛନ୍ତି । ତାହା ପାଇଁ ସତୀତ୍ୱ ଜୀବନଠାରୁ ଅଧିକ ମୂଲ୍ୟବାନ୍ । ସତୀତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଚନ୍ଦ୍ରଭାଗା Tempest ର Miranda ପରି ଏକ ଅର୍କିଡ ଭାଲୁକାମୟ ପ୍ରଦେଶରେ ଚିତ୍ର ହରିଣୀ ପରି ପ୍ରଧାବନ୍ତା ।

ଝିଲିଷାର ଉଚ୍ଛଳ ଥିବ ଲଗ୍ନରେ ସୂର୍ଯ୍ୟ ଦେବତା ତାର ପର୍ଯ୍ୟାଲୋଚନ କରୁଛନ୍ତି । ନିର୍ଜନ ଦ୍ୱୀପଟିର ବେଳାଭୂମି ଅପେକ୍ଷା ରୋମାଣ୍ଟିକ ଶବ୍ଦଟିରୁ ବଢ଼ିକରି ଆଉ କିଛି ନାହିଁ । ସିନ୍ଧୁତୀରଙ୍କ ନିର୍ଜନ ଉପକୂଳର ବସ୍ତୁ ଉଭୟ କ୍ଷେତ୍ରରେ ଏକ ନୈସର୍ଗିକ ପରିବେଶ ସୃଷ୍ଟି କରୁଛି । ସ୍ୱଚ୍ଛନ୍ଦ ବହମାନୀ ବହୁଳ ଯୌବନା ଚନ୍ଦ୍ରଭାଗା ପ୍ରତି କବିଙ୍କର ସହାନୁଭୂତି ପ୍ରକଟିତ ହେଉଛି । ଏ ଯୌବନ କେବଳ ଦେବଙ୍କ ଉପଭୋଗ କରିବା ପାଇଁ । ପୁଷ୍ପର ସୁଗନ୍ଧ ପରି ଏହି ଯୌବନ ସ୍ୱୟଂ ପ୍ରକାଶ । କାମନାର ବନ୍ଧନମୁକ୍ତ, କନ୍ଦର୍ପର ପ୍ରଭାବ ଅନଭିପ୍ରେତରୁ ଚନ୍ଦ୍ରଭାଗା ବହୁ ଦୂରରେ । ଏକ ସାନ୍ଧ୍ୟ ପରିବେଶରେ ରୂପ ଯୌବନ ଚନ୍ଦ୍ରଭାଗାର ଅନ୍ତର ମଧ୍ୟ ଅନ୍ତର୍ଦୃଷ୍ଟି ହୋଇଛି । ଅନଙ୍ଗର ସମ୍ୟକ ସୃଷ୍ଟି ତା ଅନ୍ତରକୁ ପ୍ରଭାବିତ କରିନାହିଁ । ଅନ୍ତର ଓ ବାହାରର ସାମଞ୍ଜସ୍ୟରେ ଚନ୍ଦ୍ରଭାଗାର ବିଶେଷତ୍ୱ ଫୁଟି ଉଠିଛି । ଏପରି ଅପୂର୍ବ ସୁଷମା ସମ୍ଭାର ଧରି ପ୍ରକୃତିର କୋଳରେ ଲାସ୍ୟମୟୀ ବନ୍ଧ୍ୟା ପରି ପ୍ରତି ମୁହୂର୍ତ୍ତରେ କଳିକା ହୋଇ ଉଠୁଥିବା ଚନ୍ଦ୍ରଭାଗା ପ୍ରତି ଯେ କୌଣସି କାମନା ସକ୍ତ ଦୃଷ୍ଟିରେ ମୁଗ୍ଧ ତା ପାଇଁ କଠିନ ବନ୍ଧ ସୃଷ୍ଟି କରି ରଖିଛି ପ୍ରକୃତି—ସେ ଦେବତା ହେଉ ବା ମାନବ ହେଉ । ଫଳରେ ସୂର୍ଯ୍ୟ ଦେବତାଙ୍କର ସମସ୍ତ ପୁଣ୍ୟଭୂମି ଅତଏବ ଧୂଳିସାତ୍ ହୋଇଛି, ତାଙ୍କର ଗର୍ବିତ ମନ ଶ୍ରୀ ପ୍ରତିହତ ହୋଇଛି ।

ରାଧାନାଥ Ovidଙ୍କୁ ପ୍ରତି ପଦେ ପଦେ ଅନୁସରଣ କରିଛନ୍ତି । ଏଥିଲାଗି ତାଙ୍କର ଅପଯଶର ମାତ୍ରା ବି ବଢ଼ି ଯାଇଛି । Ovidଙ୍କର Diana ଯେପରି ଚିରକୁମାରୀ ହେବାକୁ ପ୍ରତିଜ୍ଞା ବଦ୍ଧ ହୋଇଥିଲା, ଚନ୍ଦ୍ରଭାଗା ମଧ୍ୟ ସେହିପରି ପୁରୁଷର ପ୍ରସଙ୍ଗ ପଡ଼ିଲେ ଦୂରରୁ ଜୁହାର କରୁଥିଲା । ପ୍ରେମ ପ୍ରସଙ୍ଗରେ ତା'ର ସଦା ଅଦ୍ଭୁତ ଔଦାସୀନ୍ୟ ଥିଲା । ଅନେକ ସମାଲୋଚକ ଓ ଭାବକଙ୍କର ମତରେ ଏହିଠାରେ ବିଶେଷ ଦୋଷ ପ୍ରଦର୍ଶନ କରି ଥା'ନ୍ତି, ଯେଉଁ ନାୟିକା ପ୍ରେମ ବିଷୟରେ ଏତେ ଉଦାସୀନ, ତେବେ କନ୍ଦର୍ପର ଶର ପ୍ରୟୋଗର ଯଥାର୍ଥତା କେଉଁଠି ରହିଲା ? ଯେ ଆଗରୁ ମରିଛି ତାକୁ ଅସ୍ତ୍ରଦ୍ୱାରେ ମାରିବାକୁ ଯିବାରେ କି ଗୌରବ ଥାଇ ପାରେ ? ସେଥିଲାଗି ଅନେକ ସମାଲୋଚକ ଓ ଭାବକ ଭୁଲ ଦୃଷ୍ଟିକୋଣରୁ ସମାଲୋଚନା କରନ୍ତି । ପୁଣି ରାଧାନାଥଙ୍କ ପରି କବି ମଧ୍ୟ ଏଥିରେ ନୂତନତ୍ୱ ଦେଇ ପାରି ନାହାନ୍ତି

ସମାଲୋଚନାର ଉଦ୍ଦେଶ୍ୟ— କବିଙ୍କୁ ଗୌରବ ଶ୍ରୀ ପ୍ରଦାନ କରିବା ହୋଇ ପାରେ, ପୁଣି ଅଗୌରବର ପାତ୍ର ବର୍ଣ୍ଣିତ କରିବା ବି ହୋଇପାରେ । ତେଣୁ ସମାଲୋଚକର ସମସ୍ତ ପ୍ରକାର ଅଧିକାର ଅଛି, ମାତ୍ର ତାଙ୍କୁ ମୁକ୍ତ ଭାବ ଭୁଲ ବୋଲି ପ୍ରମାଣିତ କରିବାକୁ ପଡ଼ିବ । ସେ-ସମାଲୋଚକ ତାଙ୍କ ସୁଯୋଗର ଅସଦ୍ବ୍ୟବହାର କରୁଛି ବୋଲି ଭାବିବାକୁ ପଡ଼ିବ । ସୂର୍ଯ୍ୟ ଓ ଚନ୍ଦ୍ରଭାଗା ପ୍ରତି ଶର ପ୍ରୟୋଗ କରିବା ଦ୍ୱାରା କବି ପ୍ରେମାବେଗକୁ ଆରମ୍ଭ କରି ଦେଇଥା'ନ୍ତି, ତେବେ କବିଙ୍କ ଉଦ୍ଦେଶ୍ୟ ନିଶ୍ଚୟ ଫଳବତୀ ହୋଇ ପାରି ନଥାନ୍ତା । ସୂର୍ଯ୍ୟ ଏହି ଅବସ୍ଥାରେ କାମୁକର ଅଭିନୟ କରିବା ପ୍ରେମିକର ଅଭିନୟ କରି ଥା'ନ୍ତେ । ସୂର୍ଯ୍ୟଙ୍କ ଭଳି ଦେବତା ଯେଉଁ ରମଣୀର ପ୍ରଣୟ ପ୍ରାର୍ଥୀ, ସେ ରମଣୀ ମୁହୂର୍ତ୍ତକରେ ଓ ଉଜ୍ଜ୍ୱଳ ଭବିଷ୍ୟତର କଳ୍ପନାରେ ନିଶ୍ଚୟ ସମ୍ମତି ଦେଇ ଦେଇଥାନ୍ତା, କିନ୍ତୁ ସୂର୍ଯ୍ୟଙ୍କର ଯେଉଁ ବଳାତ୍କାରର ଅନୁଧାବନର ଚିତ୍ର ଦିଆ ଯାଇଛି, ସେଥିରେ ଯେ କୌଣସି ଲଳନା ପ୍ରାଣରେ ଭୀତ ସଞ୍ଚାର ହେବାର କଥା । ପ୍ରେମିକ ନାୟକ ରୂପରେ ଆସିଥିଲେ ସୂର୍ଯ୍ୟ ନିଶ୍ଚୟ Ferdinand ପରି ବ୍ୟବହାର କରିଥାନ୍ତେ । Ferdinand ଥିଲେ ଜଣେ ପ୍ରେମିକ । ତେଣୁ ସେ Miranda କୁ ପ୍ରୀତ କରିବାକୁ ଚେଷ୍ଟା କରିଛି । ନାୟକର ଆତ୍ମ ଉତ୍ସର୍ଗରେ ନାରୀ ଅଭିଭୂତ ହୋଇ ଯାଇଛି, ତେଣୁ ପ୍ରେମ ଜାଗ୍ରତ ହେବା ସ୍ୱାଭାବିକ୍ । ପ୍ରେମର ପରାକାଷ୍ଠା ପ୍ରତିଷ୍ଠିତ ହୁଏ ଦାନରେ; କିନ୍ତୁ ଦାବୀ ଦ୍ୱାରା ନୁହେଁ । ସୂର୍ଯ୍ୟଙ୍କ ଠାରୁ ଚନ୍ଦ୍ରଭାଗା ସେପରି ବ୍ୟବହାରର ଅବକାଶ ପାଇନାହିଁ । ତେଣୁ ଶର ପ୍ରୟୋଗ ଯେ ଅତି ସୂକ୍ଷ୍ମ ଯୁକ୍ତି ସୁନ୍ଦର କଳନା ସୃଷ୍ଟି ହୋଇଛି, ଏଥିରେ ସନ୍ଦେହ ନାହିଁ ।

Ovidଙ୍କ ବର୍ଣ୍ଣନାରେ Cupid ଦୁଇଟି ଶର ପ୍ରୟୋଗ କରିଛି, ଗୋଟିଏ ଶରର ଅଗ୍ରଭାଗ ସ୍ୱର୍ଣ୍ଣଖଚିତ, ଅନ୍ୟଟି ଲୌହ ଖଚିତ । He (Cupid) Stood up upon the Shady heights of parassus and drew two weapons out of his arrow—Bearing quiuer, of Different workman ship, the one repels, the oth r oncites desire, that which causes love is of gold and is brilliant, with a sharp point, that which repels it, is blunt and contains lead beneath the reed.

ମାତ୍ର ରାଧାନାଥ ଗୋଟିଏ ଶରର ପ୍ରୟୋଗ କରିଛନ୍ତି । କନ୍ଦର୍ପର ପାଞ୍ଚୋଟି ଶର ମଧ୍ୟରୁ ଗୋଟିଏ ଶରକୁ ଫୁଲ ଷାଗ

ଭଳି ଢଙ୍ଗରେ ପ୍ରୟୋଗ କରିଛନ୍ତି । ଅଧ୍ୟାପକ ନଟବର ସାମନ୍ତରାୟ ତାଙ୍କର ଉଦ୍ଭାବନା—'ଏକ ଅଧ୍ୟୟନ' ନାମକ ପ୍ରବନ୍ଧରେ ଲେଖିଛନ୍ତି "ଜନ୍ମର ପରିବେଶ ବ୍ରହ୍ମାଣ୍ଡ ଶାସ୍ତ୍ରାନୁମୋଦିତ । ଏ ପ୍ରସଙ୍ଗରେ ପରିକଳ୍ପିତ ଆଣିବା ଆଦୌ ଅସ୍ୱାଭାବିକ ନୁହେଁ । କେବଳ ଏହି ଗୋଟିଏ ଗୋଡ଼ଦ୍ଧ ମୂଳପିଣ୍ଡ ଭଳି ସ୍ୱାଧୀନାଥ ମୂଳ ଲେଖାଟିର ଅବାସ୍ତବ ବର୍ଣ୍ଣନାଟିକୁ ବାଦ ଦେଇଛନ୍ତି ଓ ଗୋଟିଏ ଶବ୍ଦରେ ଦୁଇଟି ବିପରୀତ କିମ୍ବା ସମ୍ପାଦନ କରି ପାରିବା ଗୁଣ ଆରୋପ କରିଛନ୍ତି × × × ସ୍ୱାଧୀନାଥଙ୍କ କଥାବସ୍ତୁ ସଂଯୋଜନା କୌଶଳ ପ୍ରତି ଲକ୍ଷ୍ୟ କଲେ ଏ ମହାକାବ୍ୟ ଓ ପଢ଼ଣରୀ ସମ୍ବନ୍ଧରେ ସମ୍ପାଦନ ଭିତ୍ତିର ଓଲଟା ପ୍ରୟୋଗ ଏ କାବ୍ୟ ଭିତରେ କୌଣସି ପୁନରାବୃତ୍ତି ବା ଅସଙ୍ଗତ ଦେଖିବାକୁ ମିଳେ ନାହିଁ" ('ଝଙ୍କାର' ୧୦ମ ବର୍ଷ, ୭ମ ସଂଖ୍ୟା)

ସମ୍ମୋହନ ବା ଆକର୍ଷଣର ବିପରୀତ ଘୃଣା ବା ବିପ୍ରକର୍ଷଣ ହୋଇପାରେ । କନ୍ଦର୍ପ ଶରର ଏକ ପାଶ ପ୍ରୀତିର ଉଦ୍ଦୀପକ । ଅତଏବ ପ୍ରୀତି ବା ପ୍ରେମର ବିପରୀତ ଶରର ବିପରୀତ ଗୁଣ ହେବାର କଥା । ଅବଶ୍ୟ ଏପରି ଅର୍ଥର ବ୍ୟଞ୍ଜନା ଜଣେ ଦେଇପାରେ । ମାତ୍ର ଏଥିରେ କୌଣସି ସୂତ୍ର ସିଦ୍ଧାନ୍ତ ଥିବାର ଅନୁମାନ ହୁଏ ନାହିଁ । ସେ ସବୁ ନିତାନ୍ତ ନୈଷ୍ଠିକ ନିତାନ୍ତ । ଅନ୍ୟ ଦଉନ୍ତୁ କାମୁକଙ୍କ କନ୍ଦର୍ପର ପତ୍ର ଓ ଶର କମନ୍ତ କୁସୁମ ନିର୍ମିତ । ଏହା ପ୍ରଣୟୀ, ପ୍ରଣୟିନୀଙ୍କ ହୃଦୟରେ କୋମଳ ଭାବରେ ବାଜନ୍ତି । ନିତାନ୍ତ କଠିନ ହୃଦୟକୁ ଭେଦକାରେ ଅତି ଉଚ୍ଛଳରେ । ମାତ୍ର ନିଷ୍ପେଷିତ କରେ ନାହିଁ । ପ୍ରକୃତ ଶବ୍ଦ ଭବରେ ତଥାପି ସେ କଠିନ ତଥ୍ୟ ସଦା ଦୃଢ଼ ହେଉଛି । କୁସୁମ ପତ୍ର ଓ କୁସୁମ ଶରର କୌଣସି ଅଂଶ ବିଷାକ୍ତ, ଅସୁନ୍ଦର ଓ ଅସ୍ୱାଭାବ ହୋଇପାରେ, ଏକଥା ଅଧିକାଂଶ ବିଶ୍ୱାସ କରନ୍ତି ନାହିଁ । ବିଶ୍ୱାସ କରିବାକୁ ଅନେକ ପ୍ରସ୍ତୁତ ବି ହେବେନାହିଁ । କେବଳ ତାଙ୍କ ଦୁଇ ପାଖରେ ଦୁଇ ପ୍ରକାର ବିପରୀତ କିମ୍ବା ସମ୍ପାଦନ ହେବାର ସମ୍ଭାବନା କିଛିଟା ଅବାସ୍ତବ ତତ୍ତ୍ୱ । ସ୍ୱାଧୀନାଥଙ୍କ ଚନ୍ଦ୍ରଭାଗାକୁ ଛାଡ଼ିଦେଲେ ଅନ୍ୟ କୌଣସି କାବ୍ୟ ପୁରାଣରେ ଏପରି ବର୍ଣ୍ଣନା ମିଳିବା ଅସମ୍ଭବ । ଏପରି ଏକ ନୂତନ କଳ୍ପନା କରି ପାରିଛନ୍ତି ସ୍ୱାଧୀନାଥଙ୍କର ସୃଷ୍ଟି କରିବାର ଶକ୍ତି ଓ ସାମର୍ଥ୍ୟ । ଏହା ତାଙ୍କର ସ୍ୱକୀୟ ମୌଳିକତା । ବରଂ ଏହା କରିବା ଦ୍ୱାରା ସ୍ୱାଧୀନାଥ ପ୍ରାଚୀନତାର ପରମ୍ପରା ମୂଳରେ କୁଠାରାଘାତ କରିଛନ୍ତି । ଉପର୍ଯ୍ୟୁକ୍ତ ପ୍ରଚଳିତ ପୌରାଣିକ ଉପାଖ୍ୟାନ ଉପରେ ଆମେ ଶାସ୍ତ୍ର, ମନ୍ତ୍ରବଂ ପ୍ରବାଦ କରି ଶାସ୍ତ୍ର ଦୃଷ୍ଟିରୁ ଆଧୁନିକ ଦୃଷ୍ଟି ହୋଇପାରେ, ମାତ୍ର ପୁରାଣର ବିଷୟ ବସ୍ତୁକୁ ବଦଳାଇ କରିବାର ଅଧିକାର ଆମର ନାହିଁ ।

ପୁଣି ସ୍ୱାଧୀନାଥଙ୍କ ବର୍ଣ୍ଣିତ ଶର ବିଷୟରେ ଆମର କୌଣସି ସ୍ପଷ୍ଟ ଧାରଣା ହେଉ ନାହିଁ । ପୌରାଣିକ ଆଖ୍ୟାନ ମାନଙ୍କରେ ଶରସ୍ତମ୍ଭକର ସାହାଯ୍ୟ ଦେବରେ ସ୍ପୃଷ୍ଟ ବସ୍ତୁର ଏକ ପ୍ରକାର ପଦାର୍ଥ ଦେଖା ଯାଇ ଥାଏ । ଏହା ପଶୁର ପକ୍ଷ ହୋଇ-ପାରେ କିମ୍ବା ଅନ୍ୟ କୌଣସି ପଦାର୍ଥରେ ନିର୍ମିତ ହୋଇ ପାରେ । ଅନ୍ୟ ମାର୍ଗରେ ଗଢ଼କକୁ ଦେଖିଲେ ତାର ସାମ୍ୟ ରକ୍ଷା କରିବା ପାଇଁ ସେ ସବୁ ଉଦ୍ଦିଷ୍ଟ, ମାତ୍ର ଦୁଇ ପାଖ ପ୍ରସ୍ତୁତ ହେଲେ ଶରର ଅଗ୍ରଭାଗ, ପ୍ରୟୋଗ ଓ ଲକ୍ଷ୍ୟସ୍ଥଳ ଭେଦ କରିବା ନେଇ ନାନା ଜଟିଳତା ଉପସ୍ଥିତ ହୋଇପାରେ । ଏହି କଳ୍ପନା ଯାହା ସ୍ୱାଧୀନାଥ ଏଥି ପ୍ରତି ଦୃଷ୍ଟି ଦେଲ ପରି ମନେ ହେଉନି ।

ଦ୍ୱିତୀୟତଃ Ovid ଙ୍କ ଶର ବର୍ଣ୍ଣନା ପ୍ରଣାଳୀରେ ପରିବର୍ତ୍ତିତ ଅଂଶ ସ୍ୱାଧୀନାଥଙ୍କ ବୈଶିଷ୍ଟ୍ୟ ପ୍ରଦର୍ଶନ କରିଛନ୍ତି ଦେଖିବାର କଥା । ସ୍ୱର୍ଣ୍ଣ ନିର୍ମିତ ଅଗ୍ରଭାଗ ସ୍ନେହ ଓ ଅନୁରାଗର ଦ୍ୟୋତକ, ସୀସା ନିର୍ମିତ ଅଗ୍ରଭାଗ ଘୃଣା ବ୍ୟଞ୍ଜକ । ସ୍ୱାଧୀନାଥ ଏ ଦୁଇଟି ଶରକୁ ଉଠାଇ ଦେବା ସ୍ଥାନ ଭାବମଧ୍ୟରେ ଏକ ଶ୍ରେଣୀଗତ ବ୍ୟଞ୍ଜନାକୁ କଳ୍ପନା କରି ଦେଇଛନ୍ତି । ସୁତରାଂ ସ୍ୱାଧୀନାଥ ଏତଦ୍ ପ୍ରକାର ବ୍ୟଞ୍ଜନାଟିକୁ ଅବହେଳା କରିଛନ୍ତି ପୁରାଣର ପରମ୍ପରା ଓ ଆଧୁନିକତାର ନୂତନତ୍ୱ ମଧ୍ୟରେ ଏକ ସଂଯୋଗ ମାତ୍ର ସ୍ଥାପନ କରିବା ପାଇଁ ଏ କ୍ଷେତ୍ରରେ ତାଙ୍କର ଅବଦାନ ଦୋଦୁଲ୍ୟମାନ । କୌଣସି ଗୋଟିକୁ ସେ ଧରି ପାରି ନାହାନ୍ତି । ଯାହା ନିଜର ନିଜତ୍ୱ ବୋଲି ପ୍ରକାଶ କରିଛନ୍ତି ତାହା ଔଚିତ୍ୟ ବୁଦ୍ଧିରୁ ନିତାନ୍ତ ଚ୍ୟୁତ ହୋଇଛି ।

କେତେକ ସମାଲୋଚକ କହନ୍ତି ପୁରାଣର ପରମ୍ପରା ରକ୍ଷା କରିଛନ୍ତି । ମାତ୍ର ପାଞ୍ଚଟି ଶର ପ୍ରୟୋଗ ନକରି ଗୋଟିଏ ଶରର ଦୁଇ ପାଖକୁ ପ୍ରୟୋଗ କରିବା ଦ୍ୱାରା ପୁରାଣର ପରମ୍ପରା ପ୍ରତିହତ ହେଲାପରି ବୋଧ ହୁଏ, ବରଂ ଏ କ୍ଷେତ୍ରରେ ସେ ଅନ୍ୟ ଏକ ମୋହନାସ୍ତ୍ରର ପରିକଳ୍ପନା କରିପାରି ଥା'ନ୍ତେ । କବି କାଳ ଚକ୍ରଣ ତାଙ୍କ ମହାଗ୍ରନ୍ଥ ମଙ୍ଗଳ କାବ୍ୟରେ କନ୍ଦର୍ପର ଜାଲ, ଅସି, ମୋହନ ଶର, ଚକ୍ର ଓ ଭଲ୍ଲ ପ୍ରଭୃତିର ପରି କଳ୍ପନା କରିଛନ୍ତି । ଏହା ଦ୍ୱାରା ପୁରାଣ ଉପରେ ହସ୍ତ-କ୍ଷେପ ନ କରିବା ସଙ୍ଗେ ସଙ୍ଗେ ନିଜ କଳ୍ପନା ଶକ୍ତିର ପରିଚୟ ଦେଇଛନ୍ତି । ଏହିପରି କାମଦେବମାନଙ୍କ ପରିକଳ୍ପନା ଗଢ଼ିଥିଲେ ମଧ୍ୟ ତାଙ୍କ କାବ୍ୟ ଉପରେ ଆଞ୍ଚ ଆସି ନଥା'ନ୍ତା ।

ଚନ୍ଦ୍ରଭାଗାର କୋଣାର୍କ ବାସ୍ତବରେ ରାଧାନାଥଙ୍କ ହାତରେ ରମଣୀୟ ହୋଇ ଉଠିଛି । ସମୁଦ୍ର କୂଳରେ ଲୀନ ହୋଇ ଯିବା ପୂର୍ବରୁ ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇଛି—

"ଏମନ୍ତେ କହନ୍ତେ ଉଠିଲା ଊର୍ମି ସଂଘଟ୍ଟାକାର,
ଗଲା ଗାଡ଼ି ଗଲା ସାଗର କବଳେ ଭଲେ ବସ୍ତ୍ରାର ।
ମହା କଲରବେ କଢ଼ିଲେ ନିର୍ଘୋଷେ ଜଳତରଙ୍ଗ ବହୁଙ୍ଗ
ବେଳା ମୁହୂର୍ତ୍ତେ ମାତ୍ର ଅଛିଲା ବସ୍ତ୍ର ରାଶି ତରଙ୍ଗ ।"

ପ୍ରକୃତିର ଏକ ଅନୁପମ ସୃଷ୍ଟି ବକ୍ଷରେ ସୂର୍ଯ୍ୟ ଦେବତା ଅତ୍ୟାଚାର ଚଳାଇଲେ । ଫଳରେ ସତ୍ତ୍ୱମୟୀ ପ୍ରକୃତି ତମୋମୟୀ ହୋଇ ଉଠିଲା । କରାଳ ମୂର୍ତ୍ତି ଧାରଣ କରି ଏ ଦାରୁଣ ଦୃଶ୍ୟକୁ ଅପ୍ରାକୃତିକ ସତ୍ତାକୁ ଭେଟ କରିବାକୁ ବସିଲା । ଗଙ୍ଗାଧର ଯେପରି ସମବେଦନାର ଅଶ୍ରୁଜଳରେ ପ୍ରକୃତିକୁ ସିକ୍ତ କରିଛନ୍ତି, ରାଧାନାଥ ମଧ୍ୟ ଏଠାରେ ସେମ ପ୍ରାଣଶୀ ସୃଷ୍ଟି କରି ଶାନ୍ତ ପ୍ରକୃତିକୁ ଦୁରନ୍ତ କରିଛନ୍ତି ।

କୋଣାର୍କ ନିକଟରେ ଥିବା ଚନ୍ଦ୍ରଭାଗା ନଦୀ ଏବେ ସ୍ମୃତି ଶେଷ ହୋଇଥିବାରୁ ମାତ୍ର ଚନ୍ଦ୍ରଭାଗାର ସମୃଦ୍ଧ ଜୀବନ ରାଧାନାଥଙ୍କ ନିକଟରେ ସର୍ବୋଚ୍ଚ ରୂପେ ପ୍ରତିଭାତ ହୋଇଛି । ଏ ଘଟଣା ସହିତ ଇତିହାସର ସମ୍ପର୍କ ଥାଉ ନ ଥାଉ ମାତ୍ର କଳ୍ପନା-ଦାଶ୍ରୀ ପ୍ରକୃତି ପ୍ରେମୀ ରାଧାନାଥଙ୍କର କୃତି ଏଠି ନୂତନ । କଳ୍ପନା ବଳରେ ସେ ଚନ୍ଦ୍ରଭାଗାର ରୂପସୁଧା ପାନ କରିଛନ୍ତି ଏବଂ ପ୍ରୀତିକର କରି ଯେଉଁ ଚନ୍ଦ୍ରଭାଗା ଦିନେ ତାଙ୍କ କଳ୍ପନାରେ ଅଦ୍ଭୁତ ସୃଷ୍ଟି କରିଥିଲା । ସେହି ଚନ୍ଦ୍ରଭାଗାକୁ ଏକ ସ୍ୱାୟୁ ପଥର ବା ଦୃଷ୍ଟିରୁ ଉପରୁ ସେ କଳ୍ପନା କରିପାରିଥାନ୍ତେ ? କେବଳ ଚନ୍ଦ୍ରଭାଗା ନଦୀ ତାଙ୍କ ନିକଟରେ ଏକ ତୁଚ୍ଛ କିମ୍ବଦନ୍ତୀ । କବି ତାଙ୍କ ମାନସୀକୁ ଅଚଳ ଜଳମଗ୍ନ ମଧ୍ୟରେ ସମାଧି ଦେଇଛନ୍ତି । ସେ ଚିରଦିନ ଲାଗି ଦୃଷ୍ଟିର ପର ପାରକୁ ଚାଲିଯାଇ ଛନ୍ତାନାହିଁ ; ମାତ୍ର ସେ କବିଙ୍କର ଜୀବନ କବିତାରେ ଅସ୍ଥିର ମହାନ୍ କେବେହେଲେ ପୂଜା ପାଇବାରେ ବାଧା ନାହିଁ । ବାସ୍ତବରେ ଏଥିଠାରେ ରାଧାନାଥଙ୍କର ପ୍ରକୃତି ପ୍ରେମର ପରାକାଷ୍ଠା ପରିଲକ୍ଷିତ ହୁଏ । ଏହା ଅନ୍ୟ କବି ଜବାବରୁ ସ୍ୱତନ୍ତ୍ର ।

ରାଧାନାଥ Art for art sake ଆଦର୍ଶର ପକ୍ଷପାତୀ । ତା'ଣ ହୋଇଲେ ସେ ସୁନ୍ଦରକୁ ଏପରି କାର୍ଯ୍ୟକାରଣରେ ଦେଖା ହର ନ ଥାନ୍ତେ । ତାହାର ଦୃଷ୍ଟିରୁ ବାଦ ଦେଲେ ଆଉ ଏକ ଭାବ ଅର୍ଥାତ୍ କାମମୂଳକ ଭାବର ଆରୋପ ତାଙ୍କ ଉପରେ କରାଯାଏ । କୋଣାର୍କ ଦେଉଳ ଧ୍ୱଂସ ତାଙ୍କର କାମମୂଳକ ଭାବର ଫଳ ବୋଲି ଅନେକ ସମାଲୋଚକ ମତ ଦିଅନ୍ତି । ଅଧ୍ୟାପକ ସମନ୍ତରାୟ ଲେଖିଛନ୍ତି—"କାବ୍ୟର ଶେଷରେ ସେ ଦେଖାଇଛନ୍ତି ସୁମନ୍ତ୍ରାଙ୍କର ପ୍ରେମ କାମମୂଳକ ନୂତନ ପ୍ରେମ ତାଙ୍କର ଜୁର ଅଭିଶାପ ଓ ସେହି ଅଭିଶାପ ଯୋଗୁଁ ଅର୍କମନ୍ଦିରର ଅକାଳ ବିପର୍ଯ୍ୟୟ । ଏପରି କଳ୍ପନା ପଛପଟରେ ଅଛି ରାଧାନାଥଙ୍କର ଏକ ଚିତ୍ର କାମମୂଳକ ବୋଧ ।" (ଝଙ୍କାର ୧୦ମ ବର୍ଷ, ୭ମ ସଂଖ୍ୟା)

ସମାଲୋଚକଙ୍କର ଯୁକ୍ତି ହେଉଛି ଯଦି କାଳ ଏ ଅପୂର୍ବ ସୃଷ୍ଟିକୁ ଧ୍ୱଂସ କରି ପାରି ନ ଥାନ୍ତା, ତେବେ ଓଡ଼ିଆ ଶିଳ୍ପୀର କୃତିତ୍ୱରେ ଆଞ୍ଚ ଆସିଥାନ୍ତା । ମାତ୍ର ଏସବୁ ଚିନ୍ତାଧାରା ମୂଲ୍ୟହୀନ ଜଣାପଡ଼େ । କେବଳ ଅଭିଶାପ ବାଦ ଦେଲେ ଏ ସୃଷ୍ଟି ମୋଟେ ବାଧିତ ହୋଇ ନଥାନ୍ତା । ଏ କଳ୍ପନା ଧାଡ଼ି ଅସମ୍ଭବ ଧରଣର କାମୁକର କାମମୂଳକ ଭାବ ଏଠି ସୃଷ୍ଟି କରି । ତା ନହେଲେ ଏମିତି କେବଳ କଳ୍ପନା ସ୍ୱପ୍ନ ନ ହୋଇ ବାସ୍ତବ ଜଗତକୁ ଓହ୍ଲାଇ ଆସି ନ ଥାନ୍ତା । ଯଦିପି ଏ ଯୁକ୍ତିରେ ଏତିକି ଦୁର୍ବଳତା ଅଛି ଯେ କୋଣାର୍କର ଧ୍ୱଂସ ଉତ୍କଳ କଳାକ୍ଷେତ୍ରର ଏକ ଅକାଳ ମୃତ୍ୟୁ ଛଡ଼ା ଆଉ କିଛି ନୁହେଁ । କାଳକ୍ରମେ ଏହା ଧ୍ୱଂସ ପ୍ରାପ୍ତ ହୋଇଥିଲେ ବୋଧହୁଏ କଳାପ୍ରିୟ ଉତ୍କଳୀୟ ପ୍ରାଣରେ ଏହି ଏପରି ତୀବ୍ର ଆଘାତ କରି ନଥାନ୍ତା । ଉତ୍କଳ ଗୌରବର ମୂକସାକ୍ଷୀ କୋଣାର୍କ ଏହିଠାରେ ନୂତନ ଇତିହାସ ସୃଷ୍ଟି କରିଛି । ପ୍ରତ୍ୟେକ ସ୍ମୃତିରେ ଜାଗରଣ ଖେଳିଛି । ତଥାପି କୋଣାର୍କ ଭାବୁକଙ୍କର ଉପଭୋଗ କରିବାପାଇଁ ମନ୍ଦିରଟି ଭଗ୍ନ ହେବାର ଅପମାନ କୌଣସି ମତେ ସ୍ୱୀକାରୀୟ ନୁହେଁ ।

ସୂର୍ଯ୍ୟ ଏ କାବ୍ୟର ମୂଳ ଦେବତା । ସୃଷ୍ଟିକୁ ଆଲୋକିତ କରୁଛନ୍ତି ସେ । ସେ ଧର୍ମ ଦେବତା । ତାଙ୍କ ନାମରେ କଳଙ୍କର ଦାଗ ଲାଗିବାରେ ଆମର ଆଦର୍ଶ ବ୍ୟାହତ ହେବ ନାହିଁ କି ? ରାଧାନାଥଙ୍କର ପ୍ରକୃତିଗତ ଗୁଣଗୁଡ଼ିକ ସୂର୍ଯ୍ୟଙ୍କ ଉପରେ ନୂତନତାର ପ୍ରଲେପ ଦେବା । ସେ ସେମିତି ମତ ଦେଇଛନ୍ତି । ଶକ୍ତି ସୃଷ୍ଟିର ପ୍ରତିଭୂମି ନେଇ ସେ ପୂର୍ଣ୍ଣ ଉନ୍ନତି ନାହାନ୍ତି । ଦେବତା ହୁଅନ୍ତୁ, କାମମୁଗ୍ଧ ଅଭିଶାପ ଉପରେ ଆଞ୍ଚ ଆସିପାରେ । ସେ ବରଂ ସେ କେବେହେଲେ ଦ୍ୱିଜ ନାହାନ୍ତି । ଧର୍ମଧାରଣାକୁ ନ ଛାଡ଼ିଲେ ନୂତନତାର

ଆଜ୍ଞୁଗ୍ୟ ଏ ଦେଶରେ ସମ୍ଭବ ହୋଇ ନ ପାରେ । ବୋଧହୁଏ ଏଇ ବସ୍ତୁନିଷ୍ଠ ମନୋଭାବ ନେଇ ସେ ବହୁତ ବଦ୍ଧମୂଳ ଧାରଣା ବିଷୟରେ ସେ ଆଘାତ ଦେଇଛନ୍ତି ।

କେତେକ କହନ୍ତି, ସୂର୍ଯ୍ୟଙ୍କର ଲକ୍ଷ୍ୟ ପୁରାଣ ବାଦର ପୁରାଣର ଧ୍ୱଂସ ନେଇ କୁନ୍ତୀଙ୍କ ସହିତ ତାଙ୍କର ସମ୍ପର୍କ ବିଷୟ ଉଲ୍ଲେଖକରି ତାଙ୍କ ଚରିତ୍ରକୁ ଦୁଷ୍ଟ କରିଛନ୍ତି । ଅତଏବ ସେତେବେଳେ ପଣ୍ଡିତ ଭ୍ରାନ୍ତମାନେ ଏକଥା ସହିଲେ ଏତେବେଳେ ସେଥିପାଇଁ ଅନ୍ୟ ଏକ ଆଘାତ ତାଙ୍କୁ ସହି ନ ପାରିବେ ? ମାତ୍ର ପୁରାଣର ସୂର୍ଯ୍ୟ ଓ ଚନ୍ଦ୍ରଭାଗାର ସୂର୍ଯ୍ୟଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି । ଋଗ୍‌ବେଦର ସୂର୍ଯ୍ୟ ମନୁଷ୍ୟରେ ଅବତୀର୍ଣ୍ଣ ହୋଇ ଆସିଥିଲେ । ତା' ପୂର୍ବରୁ ତାଙ୍କ ଚରିତ୍ର ବିଷୟରେ ବିଶେଷ ଆପତ୍ତିଯୋଗ୍ୟ ଦେଖିବାକୁ ମିଳେନା ମାତ୍ର ଚନ୍ଦ୍ରଭାଗାର ସୂର୍ଯ୍ୟ ଜଣେ ଧର୍ଷଣମୁକ୍ତ ଦସ୍ୟୁ ବିଶେଷ । କନ୍ଦର୍ପର ଶକ୍ତି ବିଷୟରେ ସେ ଅଜ୍ଞ । କନ୍ଦର୍ପ ସହିତ ସେ ଉପରେ ପଡ଼ି କଳହ କରିଛନ୍ତି । ତା'ର ଫଳ ସେ ହାତେ ହାତେ ପାଇପାଇଛନ୍ତି ।

ରାଧାନାଥ ସୂର୍ଯ୍ୟଙ୍କ ଠାରେ ସାଧାରଣ ମାନବର ଦୋଷ ଓ ଦୁର୍ବଳତା କୁ ନ୍ୟସ୍ତ କରିଛନ୍ତି । ସେଥିରେ କାହାରି ଆପତ୍ତି କରିବାର ନାହିଁ । କଳ୍ପନା ବଳେ ବାହାର କବିମାନେ ଏକ ଅସମ୍ଭବ ପରିକଳ୍ପନା କରିପାରେ, ସେଥିରେ କାହାରି ଆପତ୍ତି ମଧ୍ୟ ଥାଇ ନ ପାରେ । ମାତ୍ର ସେ ଘଟଣା କୁ ବାସ୍ତବ ଜଗତର ଅପୂର୍ବ ସୃଷ୍ଟି କୋଣାର୍କ ସହିତ ମିଶାଇ ଦେବା ଦ୍ୱାରା ଧର୍ମ ଧାରଣା ଓ ଜାତୀୟତା ବୋଧ ଉପରେ ପ୍ରଚଣ୍ଡ ଆକ୍ରମଣ ଚଳାଇଛନ୍ତି । ତେଣୁ ଏହାକୁ ଜାତୀୟତାର ବିରୋଧ କହିଲେ ସତ୍ୟର ଅପଳାପ ହେବ । ଅନ୍ୟ ପକ୍ଷରେ ଏହାର ଘୋର ବଳାତ୍କାର ମନୋବୃତ୍ତିର ପରିଚୟ ଦେଇ ନ ପାରେ । ରାଧାନାଥ ଅନ୍ତର୍ଜାତୀୟ ଦୃଷ୍ଟି କୋଣରୁ ସମସ୍ତ ବସ୍ତୁର ଧାରା ସନ୍ଧାନ କଲେ ମଧ୍ୟ ଏ ସ୍ଥଳରେ ଏହା ଜାତୀୟତାର ଘୋର ବିରୋଧୀ କାର୍ଯ୍ୟ କରିଛନ୍ତି । ବସ୍ତୁ ଜଗତ ର ତୁଳନା କଲେ ସ୍ଥାନୀୟତାକୁ ବଳବାନ କରିବା ଦରକାରହେଁ । ତେଣୁ ଏ ବିଷୟରେ ତାଙ୍କୁ ଯଥା ପ୍ରଶଂସା କରିବା ଅନୁଚିତ ।

ଅଧ୍ୟାପକ ଯାମନ୍ତରାୟ ଚନ୍ଦ୍ରଭାଗା କାବ୍ୟର ଆରମ୍ଭ ଅଂଶକୁ ଖୁବ୍ ପ୍ରଶଂସା କରିଛନ୍ତି । ସେଥିରୁ ତାଙ୍କର ଅଧ୍ୟୟନ ଶୀଳତା ଓ ଚିନ୍ତାଶୀଳତାର ପରିଚୟ ମିଳେ । "ଚନ୍ଦ୍ରଭାଗା ଏକ ଅଧ୍ୟୟନ" ପ୍ରବନ୍ଧରେ ସେ ଲେଖିଛନ୍ତି—"ଶୌଣ୍ଡମାସ ସମାଗମରେ ଦର୍ଶନ ପାଇଁ ଆସିଛନ୍ତି ଦେବୀ ହରବଲ୍ଲୀ, ତାଳପୁରର ଉରଦାଳୀ, ଭୁବନେଶ୍ୱରରୁ ଭୂତନ ଜଗସ୍ତ, ଭଦ୍ରକର ମନ୍ଦନା ନୈଦାକ ଛିଣ୍ଣର ରାସିଗା ଦେବୀ ବାକୀର ଚର୍ଚ୍ଚିକା, ... କାଳିରାୟ ଦେବୀ । ଏହି ମାନଙ୍କ ସହ ଆସିଛନ୍ତି ରମାଙ୍କର ବାଲ୍ୟ ସଙ୍ଗିନୀ ଅପ୍ସରା, ସୂର୍ଯ୍ୟଦେବ, ରତ୍ନ ଓ ଭଗବାନ । ଏ ଦେବୀ ମାନଙ୍କ ମଧ୍ୟରୁ ଯାତ ଜଣ ହେବଛନ୍ତି ପୁରୀ ଜଗରର, ଉତ୍କଳ ବଳର କେବଳ ସୁରକାଣ, ତାହାର ବଧ୍ୟ ତାତ୍ତ୍ୱିକ ସୁସ୍ଥିତ, ଶେଷେଗଣ ଜଗନ୍ନାଥ ମନ୍ଦିର ଠାରୁ ଆରମ୍ଭ ହୋଇଥିବାରୁ ଏଠାରେ ପୁରୀ ଜଗର ଦେବୀଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳେ ।" (ଝଙ୍କାର ୧୦ମ ବର୍ଷ, ୮ମ ସଂଖ୍ୟା)

ଅଧ୍ୟାପକ ମହାପାତ୍ର ପୁଣି ଦାବୀ କରନ୍ତି ଯେ ଏ ହେଉଛି ଏକ ମୁକ୍ତି । ପୁଷ୍କରରେ ଘଟଣା ଘଟିଥିବା ପୁରୀର କେଉଁ ଠାକୁରାଣୀ ରହିଛନ୍ତି । କେବଳ ଉତ୍କଳ ଜଗର ଗୁରୁଜଣଙ୍କୁ ସ୍ଥାନ ଦେବାର କାରଣ କ'ଣ ?

ରାଧାନାଥ କ'ଣ କେତେକ ଭଗବାନ ଉତ୍କଳୀୟଙ୍କୁ ଗୁରୁତ୍ୱ ସ୍ଥାନ ଦେଲେ ? ଯଦି ଠାକୁରାଣୀ ନର୍ବାଚନରେ ତାଙ୍କର ଦୃଷ୍ଟି ଏପରି ସୀମିତ, ତେବେ ତାଙ୍କ ନିଜ ଜିଲ୍ଲା ବାଲେଶ୍ୱରର ଜଣେ ଦୁଇଜଣଙ୍କର ନାମତ ଦେଇ ପାରି ଥା'ନ୍ତେ । ପୁଣି ପୁରୀର ଉପଶାଖାଭୁକ୍ତ ଜାଜପୁରରେ ଥିବା ବରହମ ପୁରର ଠାକୁରାଣୀଙ୍କୁ ଏଥିରେ ହେଲେ ସୁଯୋଗ ଦେଇ ଥାନ୍ତେ । ତା'ନହେଲେ ତା ହେବ ? ଉତ୍କଳକୁ ପ୍ରତିଜଣ ନେବାଇଲି ଅନ୍ତତଃ ଅନ୍ୟ ଜିଲ୍ଲାକୁ ଜଣେ ଜଣେ ପଠାଇ ପାରିଥାନ୍ତେ । ଅତଏବ ଏହାକୁ କ'ଣ ପ୍ରମାଣିତ ହେଉଛି ରାଧାନାଥ କବି, ସ୍ଥୂଳ ଦୃଷ୍ଟି ସମ୍ପନ୍ନ ଥିଲେ ? ନହେଲେ ତାଙ୍କର ଏପରି ଏକ ମନ୍ତବ୍ୟ ଦ୍ୱାରା ରାଧାନାଥଙ୍କର ସୂକ୍ଷ୍ମ ଦୃଷ୍ଟିର ପରିଚୟ ମିଳିବା ତୁଳେ ଆଉ ସେ ମୋଟା ବୁଦ୍ଧିଆ ବୋଲି ପ୍ରମାଣିତ ହୋଇ ଯିବେ ।

• •

ତାଙ୍କର ଏ ମତବାଦ ପ୍ରତି ମୋର ଜଣେ ବନ୍ଧୁ କନ୍ଦର୍ପଙ୍କୁ ନଟବର ବୋଲି ପ୍ରମାଣିତ କରିବାକୁ ଦୃଢ଼ ପ୍ରତିଜ୍ଞା । ତା'ର କାରଣ ହେଉଛି—ସମସ୍ତେ ଏକ୍ଷୁଣି ପଢ଼ିଦେଲେ କନ୍ଦର୍ପ ସମ୍ମୋହନ ପାଉଛି, ଏହା ଉଚ୍ଚ ଶିକ୍ଷାର ପରିଚୟ । ପ୍ରଥମତଃ ପଲ୍ଲିରେ ଆସି ଆଗରେ ଛିଡ଼ା ହେବା କେବଳ ନଟର

ଲେଖକଙ୍କର ଅଛି । ସମ୍ବଲପୁର ଓ କଳାହାଣ୍ଡି ଅଞ୍ଚଳରେ ଭଙ୍ଗା ଗଡ଼ର ମୂଳ ପ୍ରୟୋଗ ଅଛି । ଏହାର ଅର୍ଥ ଫାଙ୍କ । 'ଭେଣ୍ଡା ଗଡ଼ଖାଇ ଭିତରେ' କହିଲେ, 'ଫାଙ୍କି ଠକିଛି' ବୋଲି ବୁଝିବାକୁ ହୁଏ । କାରଣ ଭାଷଣ ବାଦ୍ୟ କଂସେମ୍ବଙ୍କ ଭଳି ଆଉ କାହାକୁ କଣ ଅଛି ? ସେଥିଲାଗି ସମସ୍ତେ ଧାଡ଼ିରେ ବସିଲୁ ସବୁ ଠିଆ ହୋଇ ନିଜ ସୁବିଧାର ପ୍ରହରୀରେ ଥିଲୁ ଦେଖିଲେ କାହାକୁ କନ୍ଦର୍ପ ପଛରେ ଅଗ୍ନି ଆଗରେ ମଥୁରା ଦେଖିଲୁ ସଙ୍ଗୀତ । ତାପରେ କୃଷ୍ଣ ସୂର୍ଯ୍ୟ ସୂର୍ଯ୍ୟଙ୍କ ସଙ୍ଗରେ ଲୁଚିଲୁ କନ୍ଦର୍ପର ଭାଗ୍ୟକୁ । ସୂର୍ଯ୍ୟ ଖର ଗାଳ ଦେଲେ । ମନ ଶାନ୍ତ ହେଉଥିଲୁ । ତାପରେ ନିଜ ମୁଖକୁ ଫେରାଇଲେ । ମାତ୍ର କେତେକ କନ୍ଦର୍ପ ପୁଞ୍ଜରେ ବଡ଼ୋଇ କିଛି କହିଲେ ନାହିଁ, ଖାଲି କହିଲେ 'ଦେଖିଲେଟ' ଓ ବାପୁଡ଼ାଙ୍କ ସୁବିଧା ଦେଖି ଦେଖି ନେଲେ । ଏ ଅବାନ୍ତର ସୂତ୍ର ଆଗରୁ କିଏ ଜାଣିବ କେମିତି କେଉଁ ଲୁଚିଛି ? ନାଟକର ବାଲୁକାର ଏ ନୂତନ ଧରଣର ଅର୍ଥ ଆମ୍ଭମାନଙ୍କରେ ବାଳ୍ୟର ସୃଷ୍ଟି କରିବ କେବଳ । କେବଳ ମିଶ୍ର ମହାନ୍ତି ଲେଖକର ଅତ୍ୟୁତ୍ତମ ବନ ଦ୍ୱାରା ସମାଲୋଚନା କଲେ, ଏହାର ମାନଦଣ୍ଡ ଉଚ୍ଚତର ହୁଏ ।

ରାଧାନାଥ ପ୍ରଥମେ କବି ତାପରେ ଲେଖକ ବୋଲି, ପୁରାଣଗତ ଆଖ୍ୟାନ ସୂତ୍ରକୁ ଉଲ୍ଲେଖ ପଦର୍ଭ କରିଛନ୍ତି, ତଥାପି ସେ ପୁରାଣ ପନ୍ଥୀ ନୁହଁନ୍ତି, ବସନ୍ତ ଦାସଙ୍କ ସଂଗ୍ରହ ପାଇଁ ପୁରାଣ ତାଙ୍କ ହାତରେ ଏକ ଅସ୍ତ୍ର ମାତ୍ର । ତେଣୁ କେଉଁଠି ଭାବପ୍ରବଣ ଅବମାନନା କରୁଛନ୍ତି, କେଉଁଠି ଜାଗର ଜମୁଥାନ କରୁଛନ୍ତି, ଏ ସବୁ ଦେଖିଲେ ତାଙ୍କ ବୁଦ୍ଧିକୁ ବଳୁଛି ନାରୀର ଭାବ ପ୍ରବଣତାର ଅଂଶଯୁକ୍ତ ଦକ୍ଷ ପ୍ରମାଣ ମାତ୍ର କହିଲେ ଚଳିବ । ରାଧାନାଥଙ୍କ ସାହିତ୍ୟ ସବୁ ଏକ ବସ୍ତୁତାତ୍ତ୍ୱିକ ମନୋବୃତ୍ତିର ସୂଚନା ଦେଉଛି । ପୁରାତନ ପ୍ରତି ଦରଦ ତାଙ୍କର ସୁଣା ଲୁଚନାହିଁ, ତଥାପି ପୁରାଣର ଅସମ୍ଭବତାକୁ ମୁକ୍ତି ମନୋଭାବ ତାଙ୍କ ପ୍ରାଣରେ ବାସା ବାନ୍ଧିଛି । ତେଣୁ ସାହିତ୍ୟ କ୍ଷେତ୍ରରେ ନୂତନ ଅବଦାନର ସେ ପ୍ରବର୍ତ୍ତକ ବୋଲି ସାଧାରଣରେ କଥିତ । ତାଙ୍କର ସୃଷ୍ଟି ଭବିଷ୍ୟତରେ କେଉଁ ଦୃଷ୍ଟିକୁ ବଳୁଛି କହିଯିବ, ଏକଥା କି ସେ ଭାବିଲେ ନାହିଁ କି ? ତା ହେଲେ ତାଙ୍କର ସୃଷ୍ଟି ମୂଲ୍ୟମାନ ହୋଇ ଯାନ୍ତା । କିନ୍ତୁ ସମାଲୋଚନା ହେଲେ ମଧ୍ୟ ଲେଖକ ତା'ର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହେବାର ନୁହେଁ । ଏହା ହାସ ତାଙ୍କର ମହାନୁଭବତାରେ ଅଟି ଆସି ଯାଉଛି । ସେ ଯାହା ହେଉ ରାଧାନାଥଙ୍କର ଅପୂର୍ବ ସାହିତ୍ୟିକତା ସମାଲୋଚନା ପାଇଁ ବାଟ ଫିଟାଇ ଦେଇଛି । ସ୍ରୋତର ପ୍ରତିକୂଳରେ ନଈରେ ଭଲ ପହଁରା ଲୋକ ଲୋଚନକୁ ଆସେ ନାହିଁ । ସ୍ରୋତର ଅନୁକୂଳରେ ଯିବା ବହୁଜନଙ୍କର ଲକ୍ଷଣ ନୁହେଁ । ଏହି ନୂତନ ରାସ୍ତା ଜଗତକୁ ଦେବାପାଇଁ ସେମାନେ ଉଦୀପ୍ତ । ସେଥିରେ ତ୍ରୁଟି ବହୁଳ ପରିମାଣରେ ଥାଇ ପାରେ, ମାତ୍ର ତ୍ରୁଟିର ଶତ୍ରୁ ହେବ, ତେବେ କଣ ତ୍ରୁଟିହୀନର ସୃଷ୍ଟି ସମ୍ଭବ କିପରି ? ସେଥିଲାଗି ରାଧାନାଥ ସମାଲୋଚକ ମାନଙ୍କୁ ସେମାନଙ୍କ ନିଜ ବାଟରେ ଯିବାକୁ ଦେଇ ସେ ନିଜର ସ୍ୱତନ୍ତ୍ର ରାସ୍ତା ବାଛି ନେଇ ଥିଲେ । ଅତ ସେଥିପାଇଁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ରାଧାନାଥ ବରେଣ୍ୟ ।

କୁଳମଣି ମହାପାତ୍ର

ଉଦ୍ଭିଦ

ମୃତ୍ତିକାର ସ୍ତର ଭେଦ କରିଛି ମୁଁ ଜାଗନ୍ତ କଳିକା
ଆକାଶ-ଆଲୋକ-ପାନେ ! କିଏ ତୁମେ ହତ୍ୟାକାରୀ ଦଳ
ଚକ୍ରାନ୍ତ କରୁଛ ଧରି ଶ୍ୱାସ ମୋର ରୁଦ୍ଧ କରିବାକୁ
ସବୁଜ ସତେଜ ମୋର ପଲ୍ଲବରେ ବାନ୍ଧିବାକୁ ଧୂମି ।
ହିଂସାର ସଙ୍ଗ ମୋର ତୁମେ ଯେବେ ଆବର୍ଜନାରାଶି
କରୁଅଛ ସ୍ତୂପ ସ୍ତୂପ, ଏବେ ମୋର କି କରିବ ତାହା
ମୁଁ ତ ତାହା ସାର୍ଥ କରି, ଜାଣ ଜଡ଼ ଛନ୍ଦୁଥିବ ଯିଏ
ମର୍ମେ ମର୍ମେ ଜାଣୁଅଛ, କଥା କହ ମୁଁ ଜୀବନର ଶିଖା ।
ତୁମେ କି ପାଇବ ମାର ମୃତ୍ୟୁକାମୀ ଜଳି ଘୋର ମନ
ମହାକାଳ ବାଣୀ ଯିଏ ଦିଏ ଥାଏ ଗ୍ରହଯୁଦ୍ଧିରେ
ଶୁଣି ତ ଏ ନୂତନାଙ୍କ ଗଢ଼ିବାକୁ ସବୁଜ ଅଞ୍ଚଳ
ତୁମରି ସେ ଅନାଚାର ଲୁଚାଇପାରେ ତାର ଅନ୍ତରାତ୍ମା ?
ତୁମରି ସେ ଆବର୍ଜନା ଯଦି ସଡ଼ି ନୂଆ ପ୍ରାଣ ପାଇ
ଉଦ୍ଭିଦ ମୋହର ସେବା କାମୁଚ କି ତୁମେ ଅନ୍ତର୍ଯାମୀ ?

ଚନ୍ଦ୍ରାମଣି ବେହେରା

ଗୋଟିଏ ସନ୍ଧ୍ୟା

ବାଉଁଶ ବଣକୁ ସନ୍ଧ୍ୟା ଆଲୋକର ହସ ଟିପି ଟିପି
କାଳରେ ପଡ଼ିଲ କୁଏ ପରିଶ୍ରାନ୍ତ ପୃଥିବୀ ପ୍ରାନ୍ତରେ,
ନାଚ ନାଚ ସଖି କୁଏ ଆଉ ଗଲ ସଜନା ଡାଳରେ
ଯେଉଁ ଯାଉଥିଲ ନାଚେ କିବା ଯୋଗିଣୀ ଆପଣା ଇଚ୍ଛାରେ ।
ମତେ ନାହିଁ ମାସ ଶନ ଏମିତିହେ 'ଗନ୍ଧଗୋଟେ' ଥିଲ
ଶୁଣୁଥିଲ ରାଜପକ୍ଷୀ ତରୁଣୀର ଧୀର ଗୃହାଗଳା,
ଏପାଖେ ଏ ନଈକୂଳେ ଅନ୍ତ୍ର ଅସ୍ତ୍ରେ କରୁଥିଲା ଡାକେ
ଜ୍ୟୋତ୍ସ୍ନା ! ତୋରାଖେ ଆସୁଥିଲୁ, ତାହାଁ କନା ଗଙ୍ଗ ଫୁଲ ହସେ ।
ଦକ୍ଷୁଣୀ 'ହୁଇଥା ଶୁଣି ତ ବା କିଦ୍ରା ଦେଇ ଦୂର
ଦୂର ଦେବି ଠି କାଟେ ଧୂଳିଥିବ ପିକାପଧି କୂଳ ।
ଖସ୍ତି ଗିରି ମେଘ ମେଘ ଆଲୋକର ସରଗର ତଳେ
ସବୁଜିମା ତଳେ ଖେଳୁ ଥିଲା ରଥ ବସୁଥିଲ ଡେଇଁ ।
ଏତେବେଳେ ଏ ପୃଥିବୀ କାଳବାଟେ ଉତ୍ପତ୍ତିକ ଖୋଜି
ଜୀବନ୍ତ ଏ ଅନ୍ତର୍ବଳ ଘୋଷେ କିବା "ସୋଽହଂ ତତ୍ତ୍ୱମସି" ।

ବଂଶୀଧର ଷଡ଼ଙ୍ଗୀ

ଅଭିସାରିକାର ଇତିକଥା

"ନାହିଁ, ବ୍ରହ୍ମାନନ୍ଦ ତୁମ କଥା ମୁଁ ରକ୍ଷାକରି ପାରୁନାହିଁ । ତେଣୁ ମୁଁ ଦୁଃଖିତ ।" ଉମାଶଙ୍କର ବାବୁ ତାଙ୍କର ଅଧା ପାଶିଲା ବାଳଗୁଡ଼ାକରେ ହାତ ବୁଲାଉ ବୁଲାଉ କହିଲେ ।

"କିନ୍ତୁ ସାର, ଟିକଟ ଗୁଡ଼ାକ ଯେ ଅଗ୍ରୀମ କିଣା ସରିଛି ।"

"ଠିକ୍ ଅଛି । ତୁମେ, ବିଜୟା ଏବଂ ସେଫାଳି ସହିତ ଚାଲିଯାଅ । ମୁଁ ଯାଇ ପାରିବି ନାହିଁ ।" ଉମାଶଙ୍କର ବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ତ୍ୟାଗ କଲେ ।

"କିନ୍ତୁ ସାର....."

"ତୁମେ ବୁଝିପାରିବ ନାହିଁ ବ୍ରହ୍ମାନନ୍ଦ ! ମୁଁ କାହିଁକି ଛବି ଦେଖିବାକୁ ପସନ୍ଦ କରେ ନାହିଁ । ତୁମେ ଯୁବକ । ମୋର ଛବି ନ ଦେଖିବା ପାଇଁ ତୁମେ ମୋତେ ପସନ୍ଦ କରି ନ ପାରି । କିନ୍ତୁ ସେହି-ଦିନଠାରୁ ଛବି ଦେଖିବା ତ ଦୂରର କଥା, କୌଣସି ଛବିର ବିଜ୍ଞାପନ ଦେଖିଲେ ସୁଦ୍ଧା ମୁଁ ଅନୁଭବ କରେ—ମୋ ଦେହରେ ଯେପରି ଶତଶତ ବୃଶ୍ଚିକ ଦଂଶନ କରୁଛନ୍ତି । ବୃଦ୍ଧ ଭାବ ବିହ୍ୱଳ ହୋଇ କହି ଚାଲିଥାନ୍ତି । ତାଙ୍କ ମୁହଁଟା ଆସ୍ତେ ଆସ୍ତେ ପାଣ୍ଡୁର ହୋଇ ଆସୁଥାଏ ।

ସେଦିନ ଆଉ ଛବି ଦେଖିବା କଥା ହେଲାନାହିଁ । ବିଜୟା ଏବଂ ଶେଫାଳି ମଧ୍ୟ ତାଙ୍କର ଛବି ନ ଦେଖିବା କାରଣ ଜାଣିବା ପାଇଁ ଉତ୍କଣ୍ଠାର ସହିତ ବସି ରହିଲେ ।

ସେ କହି ଚାଲିଥାନ୍ତି । "ଆଜକୁ ପ୍ରାୟ ପନ୍ଦର ବର୍ଷ ତଳର ଘଟଣା । ମୁଁ ମଧ୍ୟ ତୁମ ପରି ଘୋର ସିନେମାଖୋର ଥିଲି । ଏପରି କୌଣସି ସିନେମା ଛବି ନ ଥାଏ, ଯେଉଁଟାକୁ ମୁଁ ନ ଦେଖିଛି । ଏପରିକି ଦିନେ ଦିନେ କଟକଠାରୁ ସୁଦୂର କଲିକତା ପର୍ଯ୍ୟନ୍ତ ଛବି ଦେଖିବାପାଇଁ ମୁଁ ଚାଲିଯାଏ । ଛବି ଦେଖିଲାଠାରେ ବିସ୍ତୃତ ସମାଲୋଚନା ସାଙ୍ଗମାନଙ୍କ ମେଳରେ ହୋଇଥାଏ । ବିଶେଷକରି କୋମଳାଙ୍ଗୀ ମାନଙ୍କର ନୃତ୍ୟ ଏବଂ ଅଭିମାନ ଭରା ଅଭିନୟ ମୋତେ ପାଗଳ କରୁଥିଲା । ସମୟେ ସମୟେ ମୁଁ ନିଜ ଉପରୁ ବିଶ୍ୱାସ ହରାଉଥିଲି । ରକ୍ତ ମାଂସ ଶରୀରରେ ଏପରି ଅଭିନୟ କଣ ତେବେ ସମ୍ଭବ ? ସେହି ଭାବିନା ହିଁ ମୋତେ ଟାଣିନେଲା ସୁଦୂର ବମ୍ବେ ।

ସେତେବେଳକୁ ମୁଁ ଥାଏ ଓଡ଼ିଶା ସରକାରଙ୍କ ପ୍ରଥମ ଶ୍ରେଣୀ ଅଫିସର । ପରଦା ଉପରେ ଦେଖୁଥିବା ବିନ୍ଦ ତାରକାମାନଙ୍କୁ ସ୍ୱଦେହରେ ଦେଖିବାପାଇଁ ଏକମାସ ଛୁଟି ନେଇ ମୁଁ ଛୁଟିଲି ବମ୍ବେ । ରହିଲି ଯାଇ ତାଜମହଲ ହୋଟେଲରେ ।

ନୂଆ ଯାଗା, ନୂଆ ଅନୁଭୂତି । ମୁଁ ଭାବ ବିହ୍ୱଳ ହୋଇ ଯାଉଥାଏ, କିନ୍ତୁ ରଙ୍ଗିନ ବମ୍ବେର ରଙ୍ଗିମା ଦେଖିବାପାଇଁ ମୋତେ ବେଶି ଡେରି ଲାଗିଲା ନାହିଁ । ବମ୍ବେରେ ପହଞ୍ଚିବାର ପରଦିନ ଘଟଣା । ମୁଁ ଗୋଟାଏ ଗୋଲ ଟେବୁଲ ପାଖରେ ବସି ଚା ପିଉଥାଏ । ଏ ସମୟରେ ପ୍ରବେଶ କଲେ ଜଣେ ସୁସଜ୍ଜିତା ମହିଳା । ଗୋଡରେ ହାଇହିଲ ଯୋତା, ପିନ୍ଧିଥାନ୍ତି ଗୋଟାଏ ଚକମକିଆ ଶାଢ଼ୀ, ବାଁ ହାତରେ ପୁଲାଏ ସୁନାର କଙ୍କଣ । ଆଉ ଡାହାଣ ହାତରେ ସୁନାର ଘଣ୍ଟା । ବହୁମୂଲ୍ୟ ପଦକ ଗଳାରେ ଝୁଲୁଛି ।

ଅଧରଟା ନାଲି, ବୋଧହୁଏ ବୋଲା ଯାଇଥିଲା। ଭ୍ରୂଲତା ଦୁଇଟି କଜ୍ଜ୍ୱଳଠାରୁ ଅଧିକ ଗାଢ଼ କଳା। ଲିଣ୍ଟା ଏସେନ୍ସର ବାସନା ଦେହରୁ ବାହାରୁଥାଏ। ସେ ଆସି ମୋ ସାମନାରେ ଥିବା ଚେୟାର ଖଣ୍ଡିକ ଅଧିକାର କଲେ, ଏବଂ ବୟକୁ ଗୋଟିଏ କୋକାକୋଲା ଆଣିବା ପାଇଁ ବରାଦ ଦେଲେ।

ସେଇ ତରୁଣୀଟାରେ ବୋଧହୁଏ କିଛି ଆକର୍ଷଣ ଥିଲା, ତେଣୁ ଗୁ ବେଶ ହୋଇଥିଲେ ହେଁ ମୁଁ ଚେୟାର ଗ୍ରହଣ କଲି ନାହିଁ। ଲୋଭ ସମ୍ବରଣ କରି ନପାରି ତାଙ୍କ ଆଡେ ଚାହିଁଲି। ଆଶ୍ଚର୍ଯ୍ୟ କଥା ସେ ମଧ୍ୟ ମୋତେ ଏକ ଧ୍ୟାନରେ ଚାହିଁଥିଲେ। ବୋଧହୁଏ ତାଙ୍କ ଦୃଷ୍ଟି ମୋ ରେଶମି ଟାଇରେ ଲାଗିଥିବା ସୁନାର ପିନ ଉପରରେ ଥିଲା। ମୁଁ ଟିକିଏ କାଶିଲି ପାଇ ଆଖି ଫେରାଇଲି। କୋକାକୋଲା ଆସିଲା। ପିଆ ବି ସରିଲା। ତଥାପି ମୁଁ ଚେୟାର ଛାଡ଼ି ନଥିଲି। ସେ ଆସ୍ତେ ଆସ୍ତେ ଟେବୁଲ ଉପରେ ହସ୍ତାଙ୍ଗୁଳିରେ ମୃଦୁ ଆଘାତ କଲେ। ମୁଁ ପୁଣି ଚାହିଁଲି। ମୋର ମନେ ହେଲା ସତେ ଅବା କେହି ଗୋଟାଏ ଫୁଲ ଗୁଡ଼ାଏ ଟେବୁଲ ଉପରେ ଢାଳି ଦେଇଗଲା। ମୁଁ ଚାହିଁବାର ଦେଖି ହାତଟି ଟେବୁଲ ଉପରୁ ଧୀରେ ଧୀରେ ଅପସାରିଲେ। ତାପରେ ତାଙ୍କର ଆଖିର ଭ୍ରୂଲତା ଦୁଇଟାର ଚଞ୍ଚଳ ସ୍ଥିର ହୋଇଗଲା। ଓଠରେ ମୃଦୁ ହସ। ତାଙ୍କ ପାଟିରୁ ସ୍ୱର ସହିତ ଇଂରେଜୀରେ ବାହାରିଗଲା—ଥେନ୍ କୁପିଙ୍କ ଓଲ୍ଡ।" ମୁଁ ମଧ୍ୟ ସଙ୍କେତ ଦ୍ୱାରା ବୁଝାଇ ଦେଲି ଯେ ଦର୍ଶକଙ୍କୁ ଦେବାକୁ ମୁଁ ଅକ୍ଷମ ନୁହେଁ। ତଥାପି ମୁଁ କିଛି ବୁଝି ପାରୁ ନଥାଏ। ସେ ହାତର ଇଙ୍ଗିତରେ ମୋତେ ତାଙ୍କ ସହିତ ଆସିବାକୁ କହିଲେ। ମୁଁ ଛୋଟ ଶିଶୁଟିଏ ପରି ଆଜ୍ଞା ପାଳନ କଲି।

ବେଶୀ ଦୂର ଯିବାକୁ ହେଲା ନାହିଁ। ହୋଟେଲର ଉପର ମହଲାର ଗୋଟାଏ ରୁମ୍। ତା ଭିତରକୁ ଆମେ ଦୁହେଁ ପ୍ରବେଶ କଲୁ। ତରୁଣୀଟି କବାଟ ସଙ୍ଗେ ସଙ୍ଗେ ବନ୍ଦ କରିଦେଲେ। ମୁଁ ଦେଖିଲି ରୁମଟି ଆଧୁନିକ ଧରଣରେ ସଜା ହୋଇଛି। ଘରର ଗୋଟାଏ କୋଣରେ ଗୋଟାଏ ମହଣେତ ପଲଙ୍କ। ତା ଉପରେ ଦୁଗ୍ଧଧାର ଶୁଭ୍ରପର ଚଦର ବେଡସ୍ପ୍ରେଡ୍। ତା ପାଖରେ ଆରାମ ଦାୟକ ଗଦି ଲଗାଯାଇଥିବା କେତେ ଖଣ୍ଡ ଚେୟାର। ଗୋଟାଏ କୋଣରେ ଗୋଟାଏ ବହି ସେଲ୍ଫ। ତା ପାଖକୁ ଲଗି ଗୋଟାଏ ସୁରେଇରେ ସୁବାସିତ ଫିନେଲର ପାଣି।

ମୁଁ କିଛି ବୁଝିବା ଏବଂ କହିବା ପୂର୍ବରୁ ସୁନ୍ଦରୀଟି କହି ଉଠିଲେ "କ୍ଷମା କରିବେ। ଆପଣ ଟିକିଏ ଧୈର୍ଯ୍ୟ ଧରି ବସନ୍ତୁ। ମୁଁ ଆସୁଛି" ମୁଁ ସେଲ୍ଫରୁ ଗୋଟାଏ ବହି ବାହାର କରି ପଢିବାରେ ଲାଗିଲି। କିଛି ସମୟ ପରେ ସେ ଲୁଗା ବଦଳାଇ ଆସି ମୁଁ ବସିଥିବା ସୋଫା ଉପରେ ମୋତେ ଲାଗି ବସିଲେ। କିଛି ସମୟ ପାଇଁ ମୋର ରକ୍ତ ଶୁଦ୍ଧାକ ଠିକ୍ ମଦ ହୋଇ ଫୁଟି ଉଠିଲା। ଏବଂ ପଶୁଟି ମୋ ଦେହରେ ଜାଗି ଉଠିଲା କିନ୍ତୁ ପରକ୍ଷଣରେ ମୁଁ ନିଜକୁ ସମ୍ଭାଳି ନେଲି। ହୃଦୟ ଭିତର ମନଟା ଘୃଣାରେ ଭରିଗଲା। ଏ ଭଳି ଜୀବନର ପ୍ରକୃତ ପରିଚୟ ? ଗୋଟିଏ ଦଶ ଟଙ୍କିଆ ନୋଟ ତାଙ୍କୁ ଧରାଇ ଦେଇ ମୁଁ କବାଟ ଖୋଲି ବାହାରିକୁ ଆସିଲି। ସେ ପଛରୁ କହୁଥାଏ, ତାହାହେଲେ ଏ ଟଙ୍କାଟା ଫେରାଇ ନିଅନ୍ତୁ।

କିନ୍ତୁ ତାଙ୍କ କଥାରେ ଧ୍ୟାନ ଦେବାଭଳି ଅବସ୍ଥା ମୋର ନଥିଲା। ମୁଁ ତଳ ପାହାଚରେ ପହଞ୍ଚିବା ବେଳକୁ ଦଶ ଟଙ୍କିଆ ନୋଟର କେତେ ଖଣ୍ଡ ଟୁକୁଡ଼ା ମୋ ମୁଣ୍ଡ ଉପରେ ପଡ଼ିଲା। ମୋର ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ।

କିଛି ଦିନପରେ ପୁଣି ସେହି ତରୁଣୀଙ୍କ ସହ ଦେଖା ହେଲା। ହୋଟେଲରେ ନୁହେଁ, ଗୋଟିଏ ପାର୍କରେ। ସେ ଗୋଟାଏ ସିମେଣ୍ଟ ବେଞ୍ଚ ଉପରେ ବସିଥାନ୍ତି। ହାତରେ ଥାଏ ଗୋଟାଏ ମୋଟା ଇଂରାଜୀ ନଭେଲ। ବୋଧହୁଏ ତାଙ୍କ ଆଖି ଦୁଇଟା ଶିକାର ଖୋଜି ବୁଲୁଥାଏ। ମୁଁ ତାଙ୍କୁ ଦେଖି କୌତୁହଳ ସମ୍ଭାଳି ପାରିଲି ନାହିଁ। ଯାଇ ସେ ବସିଥିବା ବେଞ୍ଚରେ ବାକିଥିବା ଜାଗାଟି ଗ୍ରହଣ କଲି। ମୋତେ ଦେଖି ସେ ଉଦାସ ଦୃଷ୍ଟିରେ ଚାହିଁଲେ।

ମୁଁ ପଚାରିଲି, "ତୁମର ରୂପ ଅଛି, ଯୌବନ ଅଛି, ବୋଧହୁଏ ଶିକ୍ଷିତା ମଧ୍ୟ। ତୁମେ କାହିଁକି ଏ ବ୍ୟବସାୟ କରୁଛ ?" ସେ ଛଳଛଳ ଆଖିରେ କହିଲେ, "ଯଦି ଆପଣଙ୍କର ଧୈର୍ଯ୍ୟ ଅଛି, ତା ହେଲେ ଶୁଣନ୍ତୁ। କିନ୍ତୁ ହସରେ ଉଡ଼ାଇ ଦେବେନି।"

"ମୋ ଘର ବମ୍ବେଠାରୁ ତିରିଶ ମାଇଲ ଦୂରରେ। ମୋର ବାପା ଥିଲେ ଭାରତ ସରକାରଙ୍କର ଜଣେ ବଡ଼ ଅଫିସର। ମୁଁ ତାଙ୍କର ଏକମାତ୍ର ସନ୍ତାନ। ମୁଁ ପଢୁଥାଏଁ କଲେଜରେ। ହମୀଦ୍ ନାମକ ଜଣେ ଯୁବକ ମୋର ସହପାଠୀ ଥାଏ। ମୁଁ ଥୋଡ଼ା ସିନେମାଖୋର, ସେ ମଧ୍ୟ ସେପରି। ଚଳଚ୍ଚିତ୍ରରେ ନାୟିକା ଭୂମିକାରେ ଅଭିନୟ କରିବା ମୋ ଜୀବନର ଏକ ବଡ଼ ଆକାଂକ୍ଷା ଥିଲା। ହମୀଦର ମଧ୍ୟ ନାୟକ ଭୂମିକାରେ ଅଭିନୟ କରିବା ପାଇଁ ପ୍ରବଳ ଆଗ୍ରହ ଥିଲା। ତାର ବୁଦ୍ଧି ଥିଲା, କିନ୍ତୁ ସେ ଗରିବ। ତେଣୁ ସେ ଦିନେ ମୋତେ କହିଲା ଯେ ଯଦି ଆମେ ବମ୍ବେ ପଳାଇବା, ତେବେ ଚିତ୍ରରେ କାମ କରିବା ପାଇଁ ସେ ବନ୍ଦୋବସ୍ତ କରି ପାରିବ। ମୁଁ ଭବିଷ୍ୟତର ସୁନେଲି କଳ୍ପନାରେ ଆନନ୍ଦରେ ନାଚି ଉଠିଲି। ସେହିଦିନ ରାତିରେ ମା'ଙ୍କ ବାକ୍ସ ଭାଙ୍ଗି ମୁଁ ହଜାର ଟଙ୍କା ନେଇ ହମୀଦ୍ ପାଖରେ ହାଜର ହେଲି। ଆମେ ଆସି ପହଞ୍ଚିଲୁ ବମ୍ବେରେ। ଡ୍ରିମ୍‌ନ୍ ବମ୍ବେ। କେତେ କେତେ କଳ୍ପନା ଜଳ୍ପନା ଆମ ମନରେ। ସେଠାରେ ସିମଲା ହୋଟେଲରେ ରହିଲୁ। ଦିନପରେ ଦିନ ଗଡ଼ି ଚାଲିଲା। କୌଣସି ଚିତ୍ରରେ କାମ କରିବା ପାଇଁ ଆମକୁ ସୁଯୋଗ ମିଳିଲା ନାହିଁ। ହମୀଦ ଦିନଯାକ ବୁଲି ବୁଲି ରାତିକୁ ନିରାଶ ହୋଇ ଫେରି ଆସେ। ଆସ୍ତେ ଆସ୍ତେ ମୁଁ ନେଇଥିବା ଟଙ୍କା ସମାପ୍ତ ହେଲା। ଘରକୁ ଫେରିବାର ଉପାୟ ନାହିଁ। ଟଙ୍କା ସରିବା ପରେ ଆସ୍ତେ ଆସ୍ତେ ମୋର ଗହଣା ବିକି ଚଳିବାକୁ ଲାଗିଲୁ ଏବଂ ସିମଲା ହୋଟେଲ ଛାଡ଼ି ଗୋଟିଏ ଛୋଟ ହୋଟେଲରେ ରହିଲୁ।

ଦିନେ ହମୀଦ ଫେରିଆସି କହିଲା "ଗୋଟିଏ ଚିତ୍ରରେ ମୋତେ କାମ ମିଳିବାର ଆଶା ଅଛି। କିନ୍ତୁ ସେ ପାଇଁ ତୁମକୁ......" ସେ ଆଉ କିଛି କହିଲା ନାହିଁ। ମୁଁ ଜିଜ୍ଞାସା ସହ ଚାହିଁଲି "ହଁ, ହଁ, କୁହ ମୋତେ କଣ କରିବାକୁ ହେବ ?" ହମୀଦ କହିଲା, ତୁମେ ଯଦି ଆଜି ରାତିରେ ପ୍ରଡ୍ୟୁସରଙ୍କ ସଙ୍ଗରେ ଦେଖା କରି ପାରିବ, ତେବେ ମୋତେ ଗୋଟିଏ ଚିତ୍ରରେ କାମ କରିବାକୁ ସୁଯୋଗ ମିଳିବ। ତୁମେ ବିଶ୍ୱାସ କର; ମୁଁ ଉକ୍ତ ଚିତ୍ରରେ କାମ ପାଇବା ମାତ୍ରେ ତୁମକୁ ନାୟିକା ଭୂମିକା ପାଇଁ ତଦ୍ କରିବି ଏବଂ ସ୍ତ୍ରୀ ରୂପେ ନିଶ୍ଚୟ ଗ୍ରହଣ କରିବି। ମୁଁ ନିରୁପାୟ ହୋଇ ହଁ ଭରିଲି। କିନ୍ତୁ ସେତିକରେ କାମ ସରିଲା ନାହିଁ। ତା ଆର ଦିନ ପଡ଼ିଲା ଡାଇରେକ୍ଟରଙ୍କ ପାଳି। ସେ କୁଆଡ଼େ ହମୀଦକୁ କହିଲେ ତୁମେ ନାୟକ ଭୂମିକା ପାଇଁ ଅନୁପଯୁକ୍ତ, କିନ୍ତୁ ଯଦି...... ହମିଦର ପୁଣି ପ୍ରତିଶ୍ରୁତି, ପ୍ରତିଜ୍ଞା। ଫଳରେ ସେହି ଦିନ ଡାଇରେକ୍ଟରଙ୍କ ସହ ମୋତେ ସାକ୍ଷାତ କରିବାକୁ ପଡ଼ିଲା। କ୍ରମ ଅନୁଯାୟୀ ନିଜର ନିଶାଗ୍ରସ୍ତ ମନ ନେଇ କଣ କରିବ ପାଖରେ ମୋତେ ନିଜକୁ ଉପସ୍ଥାପିତ କରିବାକୁ ପଡ଼ିଲା। ତାର ଫଳରେ ହମୀଦକୁ ଗୋଟିଏ ଚିତ୍ରରେ ପ୍ରଧାନ ନାୟକ ରୂପେ ବଚ୍ଛା ଗଲା। ହମୀଦ କିନ୍ତୁ ଆଉ ମୁଁ ରହୁଥିବା ହୋଟେଲକୁ ଫେରିଲା ନାହିଁ।

ଦିନ ପରେ ଦିନ କଟି ଯିବାକୁ ଲାଗିଲା। ମୁଁ ଅପେକ୍ଷା କରି କରି ଶେଷକୁ ଯାଇ ଦିନେ ଷ୍ଟୁଡିଓରେ ହାଜର ହେଲି। ଯେଉଁ ମହାପୁରୁଷମାନଙ୍କର କାମାଗ୍ନି ଆନନ୍ଦାନଳରେ ମୁଁ ଆଖି ବୁଜି ଦିନେ ନିଜକୁ ଇନ୍ଧନ ରୂପେ ଢାଳି ଦେଇଥିଲି, ସେମାନେ ମୋ ଆଡ଼କୁ କୌତୁହଳୀ ଆଖିରେ ଚାହିଁଲେ ସତ କିନ୍ତୁ କାହିଁ କେହି ତ ଚିହ୍ନି ପାରିବାର ଲକ୍ଷଣ ପ୍ରକାଶ କଲେ ନାହିଁ।

ସାହା ହେଉ, ଅବଶେଷରେ ହମିଦକୁ ଆବିଷ୍କାର କଲି—ସେତେବେଳକୁ ନିଜର ଅସଲ ନାମ ବଦଳି ଯାଇ ସେ ହୋଇଥାଏ ନବାଗତ ଅମୁକ "କୁମାର"। ସେ ସେତେବେଳେ ଜଣେ ବିଖ୍ୟାତ ନାୟିକାଙ୍କ ସହ ବସି ସୁରା ପିଉଥାଏ। ପ୍ରଥମେ ମୋତେ ଦେଖି

ନ ଦେଖିଲା ଭଳି ରହିବାର ଚେଷ୍ଟା କଲା । କିନ୍ତୁ ସ୍ପଷ୍ଟବାଦୀ ସେ । ମୋତେ ଏକାନ୍ତରେ କହିଦେଲା—ମୋ ଭଳି ଜଣେ ଶସ୍ତାଦରର ଗଣିକା ସହ ସମ୍ପର୍କ ରଖି ସେ ତାର ସୁବର୍ଣ୍ଣୋଜ୍ଜ୍ୱଳ ଭବିଷ୍ୟତକୁ ମ୍ଳାନ କରି ଦେବାକୁ ଚାହେଁନା ।

ମୁଁ ସେଦିନ ଏକ ମୁକ୍ତା ହୋଇ ଚାଲିଗଲି ସହର ତଳି ଆଡ଼କୁ । ରାଜପଥର ଅସରନ୍ତି ଜନସ୍ରୋତ ସହ ନିଜକୁ ସାମିଲ୍ କରି ଦେବା ପାଇଁ ମୋର ବିଶେଷ ଆପତ୍ତି ନ ଥିଲା । ଅନ୍ତତଃ ସେଥିରେ ମୁକ୍ତି ଅଛି, ଏକ ମର୍ଯ୍ୟାଦା ପଥରେ ଧାଇଁବାକୁ, ଏକ କୃତ୍ରିମ ପରିବେଶର ଗଣ୍ଡି-ବନ୍ଧନରୁ ମୁକ୍ତି । କିନ୍ତୁ ତାହା ହୋଇ ପାରିଲା ନାହିଁ । ସେତେବେଳକୁ ମୋର ବିଶ୍ରାମ ଦରକାର ଥିଲା । ଦରକାର ଥିଲା ଟିକିଏ ସ୍ନେହ, ସହାନୁଭୂତି । ମୁଁ ନହିବାକୁ ଯାଉଥିଲି ମା ।

ଏକ ନିର୍ଜନ ସନ୍ଧ୍ୟାବେଳର ଆବର୍ଜନା ଭିତରେ ଦିନେ ମାତୃତ୍ୱର ସ୍ୱାଦ ଅନୁଭବ କଲି । କି ତାର ତିକ୍ତତା ! ଦାରୁଣ ଦୁର୍ଦ୍ଦିନ ଭିତରେ ସନ୍ତାନ ମୋର ଗର୍ଭରୁହିଁ ଆତ୍ମ-ହତ ହୋଇ ଯାଇଥିଲା । ମୁଁ ବି ତାର ପଥ ଅବଲମ୍ବନ କରିବାକୁ ଚାହିଁଲି । ନିକଟରେ ବିପୁଳ ଜଳରାଶି.........

.........କିନ୍ତୁ ମୋର ସଙ୍ଗହେଲା ପୋଲିସର ସତର୍କ ପ୍ରହରୀ ଭିତରେ । ଆତ୍ମହତ୍ୟା ଅପରାଧରେ କିଛି ଦିନ କାରାଗାରରେ ରହିଲି । ସେଠୁ ବାହାରିବା ପରେ ମୋର ଏଇ ଜୀବନର ସୂତ୍ରପାତ । ମନ ଜାଣ ? ମୁଁ ତ ବେଶ୍ ଅଛି ।"

ଉମାଶଙ୍କର ବାବୁ କହି ଚାଲିଥିଲେ—"ମୁକ୍ତା-ଟିର କାହାଣୀ ଶୁଣି ଶୁଣି ଆଖି ମୋର ଛଳ ଛଳ ହୋଇ ଯାଇଥିଲା । ସେ ତାହା ଲକ୍ଷ କଲା । ମୁହଁରେ କରୁଣ ହସ ଫୁଟାଇ ସେ କହିଲା—ମୋ ପାଇଁ ଦୁଃଖ କରୁଛ ? ସେଥିରେ କିଛି କିଛି ଲାଭ ନାହିଁ । ମୋର ବାପା ମା ଅଛନ୍ତି କି ନା ଜାଣେନା । ଥିଲେ ବି ସେମାନଙ୍କ ପାଖକୁ ମୁଁ ଫେରିଯାଇ ପାରିବିନି । ତୁମେ ତ ଦରଦୀ ଲୋକ । ମୋତେ ଭଉଣୀ ଭଳି ଭାବି ପାରିବ ? ଗ୍ରହଣ କରିପାରିବ ଏକ ଅଭିଶପ୍ତା ସାନ ଭଉଣୀ ବୋଲି ?

ମୁଁ ତତକ୍ଷଣାତ୍ ସ୍ୱୀକାର କଲି । ନିସ୍ତବ୍ଧତାରେ ସେଦିନ ପାର୍କରୁ ଉଠି ଆସିଲି । ତାଙ୍କ ଓଠରୁ ବୋଧହୁଏ ହଠାତ୍ ଏକ ଉଦ୍ଭାସିତ ଫିକା ହସ ଖେଳିଯାଇଥିଲା ।

ସେଇଦିନ ସକାଳେ ମୁଁ ବୋମ୍ବେ ଛାଡ଼ିବାର କଥା । ବଜାରରୁ ଫେରି ଏଥାକେଟେଲ ହୋଟେଲରେ ଏକ ଦୁର୍ଘଟଣାର ଖାତି ବିବରଣ ଦେଖିଲି । ଦୁଇଜଣ ପୋଲିସ୍ ଅଫିସର ମୋତେ କହିଲେ—ସ୍ତ୍ରୀ ଲୋକ-ଟିଏ ଏଠାରେ ରହୁଥିଲା । ବ୍ୟବସାୟ ତାର ସନ୍ଦେହ ଜନକ । ସେ ଆତ୍ମହତ୍ୟା କରିଛି ।

ମୁଁ ଅନାଇଲି । ସେତେବେଳେ ଲାସ୍‌ଟି ତୁଳା ହୋଇ ନିଆ ଯାଉଥିଲା । ମୋର ଅନ୍ତରାତ୍ମା ଥରି ଉଠିଲା । ସେଇ ଫିକା ହସ ସିମିତି ସେ ଯାଏ ତା ମୁହଁରେ ଲାଗି ରହିଛି ।

ଏକ ଅନନୁଭୂତ ଆତଙ୍କରେ ମୁଁ ଶିହରି ଉଠିଲି । ଏହା ଆତ୍ମହତ୍ୟା ନୁହେଁ—ଏହା ଏକ ସାମାଜିକ ହତ୍ୟା । ଆଜି ସେଇ ସାମାଜିକ ହତ୍ୟାକାଣ୍ଡର ଜଣେ ଭାଗୀଦାର ମୁଁ ମଧ୍ୟ ।"

ଉମାଶଙ୍କର ବାବୁ ନୀରବ ହେଲେ । ବନ୍ଧୁ ନନ୍ଦଙ୍କ ହାତରେ ସିନେମା ଟିକେଟ ଦେଖାଇଦେଲି ଟିକ୍‌ଟିକ୍ ଟିକ୍‌ଟିକ୍ ହୋଇ ଯାଉଥାଏ । ଘଣ୍ଟାରେ ସାଢ଼େ ବାର ବାଜିଲା । ସେକେଣ୍ଡ୍ ଶୋ ସିନେମା ଶେଷ ହେବାର କୋଳାହଳ ଅବୁଝାରୁ ଭାସିଆସିଲା ।

—ଜଗନ୍ନାଥ ରଥ

କେଶବ ଯେ ବାହୁଡି ନଇଲା ଲୋ କୋଇଲି

ନଶିକାନ୍ତ ବାବୁ କଟକର ଜଣେ ବରିଷ୍ଠ ଓକିଲ । ଦେଖିବାକୁ ଶାନ୍ତ ଶିଷ୍ଟ । କଥାବାର୍ତ୍ତା କୋମଳ, ଗୁଳିକଳଣରେ ଓକିଲ ହେଲେ ବି ମାଷ୍ଟରଙ୍କ ସ୍ୱଭାବ । ସ୍ତ୍ରୀ ରଜରାଣୀ ଦେବୀ ମାମଲତକାରଙ୍କ ପ୍ରକୃତର ସ୍ତ୍ରୀ—କଥାବାର୍ତ୍ତାରେ ଦାମ୍ଭିକତା—ବ୍ୟବହାରରେ ଅହମିକା···ଜମିଦାରଙ୍କର ଏକମାତ୍ର କନ୍ୟା ହିସାବରେ ଆତ୍ମବଢ଼ିମା, ପୋଲିସ ଅଫିସର ଭଉଣୀ ହିସାବରେ କଡ଼ା ମିଜାଜି । ଅନେକ କହନ୍ତି ନଶିକାନ୍ତ ବାବୁ ଯେପରି ସାଧାସିଧା ଲୋକ କଡ଼ା ଧରଣର ଗୃହକର୍ତ୍ତ୍ରୀ ହୋଇ ନଥିଲେ ଘର ଭୁଶୁଡ଼ି ଯାଆନ୍ତା । ସତ୍ତ ଆଠବର୍ଷର ଏକମାତ୍ର ପୁଅ ଝୁନା ବାପ ପରି ଶାନ୍ତଶିଷ୍ଟ—ବୁଦ୍ଧିମାନ । ରଜରାଣୀଙ୍କର ସମସ୍ତେ ବାଧ୍ୟ—ପୁଅ, ସ୍ୱାମୀ, ଚାକର, ସୁଆର, ଧୋବା, ଭଣ୍ଡାରୀ—ସିଏ ସମସ୍ତେ ଆସେ ସେ ଗୃହକର୍ତ୍ତ୍ରୀଙ୍କର କର୍ତ୍ତୃତ୍ୱ ଅନୁଭବ କରେ । ରଜରାଣୀଙ୍କର ବାହାରଟା ଯେପରି ହେଉ ତାଙ୍କ ହୃଦୟ ଭିତରଟା ସେତେ ଖରାପ ନୁହେଁ ବୋଲି ଅନେକ କହନ୍ତି । ସିଏ କହୁ ନ କହୁ ତାଙ୍କ ପାଖରେ ସେପାଖ ବାହାର ଘରେ ମାଗଣା ରହୁଥିବା କେଶବ ମା ସବୁବେଳେ କହେ । ବର୍ଷ ପରେ ତା' ଗେରସ୍ତ ମଲା ବାପିହିନ ଟାଙ୍ଗ ଗଣ୍ଡା ଗୁଡ଼ିକ କଟକକୁ ପେଟ ପୋଷିବା ପାଇଁ ବାହାରି ଆସିଥିଲା—୬ବର୍ଷର ପୁଅ କେଶବର ହାତ ଧରି । କଟକର ରାସ୍ତା ବଜେ ବଜେ ବୁଲି ବୁଲି ରଜରାଣୀଙ୍କର ପାଚେରିକାମ ପାଇଁ ମୂଲିଆଣୀ ହିସାବରେ ଯୋଗ ଦେଲା । ରଜରାଣୀ ତାର ଛେଉଣ୍ଡ ପିଲାଟିକୁ ଓ ରାଣ୍ଡି ମା' ମୁହଁ ଚାହିଁ ସେମାନଙ୍କୁ ପାଚେରି ପାଖ ବାହାରଘର ଭିତରୁ ବଖରାଏ ଘର ଦେଇଥିଲେ ରହିବା ପାଇଁ । ଆଉ ଦଶଜଣଙ୍କ ଭଳି ଭଡ଼ା ନିଅନ୍ତି ଅଥବା ପାଚୁଳ ହିସାବ କରି କହୁ ତାକୁ ବାହାର କରିଦେବା ଘର ଗୁଡ଼ିକ ଦେଇଥିଲେ ସେମିତି । ସେଥିପାଇଁ ଭକ୍ତାରାଣୀ କେଶବ ମା' ଭଲି ନଥିଲା ତାଙ୍କର ଅସୀମ ଦୟା ।

ରଜରାଣୀ ଭକାଷ୍ଟ କେଶବକୁ ଯେ ନ ବଳନ୍ତି ତା ନୁହେଁ ବେଶୀ ନ ହେଲେ ବି ବୁଢ଼ୀଙ୍କ ମୁହଁରେ, ଛିଟି ବାଇଗଣକଃ ହଅନ୍ତି । କେଶବ ମା ପ୍ରତି ତାଙ୍କର କାହିଁକି ଦୟା ଟିକିଏ ବେଶୀ । ଅଇଠା କଇଁଠା ଯାହା ରହୁଯାଏ କେଶବର ଖାଇବା ପାଇଁ ପଠାଇ ଦିଅନ୍ତି । ଝୁନା ନ ଖାଇ ଗୁଡ଼ି ଚାଇଥିବା ଖଣ୍ଡିଆ କଦଳୀ ଖଣ୍ଡେ, ଭଙ୍ଗଗୋଲ ପାଟେଲ, ବେଶୀ ସମୟ କଣ୍ଟା ହାଡ଼ ଦେଲା ବି ମାଛ ମାଉଁସ ଖଣ୍ଡେ ଅଧେ କେବେବି କେଶବ ପାଇଁ ପଠାଇ ଦିଅନ୍ତି । ତେବେ ହିସାବ ଲୋକ କିନା ଦାନ ଧର୍ମରେ ଅଯଥା ଖର୍ଚ୍ଚ ଖଲସ୍ତ କରନ୍ତି ନାହିଁ । ତାଙ୍କପରି ତାଙ୍କ ମା' କୁଆଡେ ଖୁବ୍ ହାତପିଟା ଥିଲେ । ପ୍ରତିଦିନ ଗରୀବ ମାଗିଖିଆଙ୍କୁ ଅଇଁଠା କଣ୍ଟା ନ ବାଣ୍ଟିଲେ ତାଙ୍କୁ ଶୁଖୁଲଗେ ନାହିଁ । ସେ ବି ତାଙ୍କ ପରି ଭଡ଼ା ମୁରବୀ ଥିଲେ । ହାଇ ପୁଲିସ ଇନ୍‌ସପେକ୍ଟରଙ୍କ ଖଣ୍ଡା ଧାରରେ ଗୁଳିବା ଲୋକ । ସେ କୁଆଡେ ତାଙ୍କ ବାପଙ୍କ ପରି ବଡ଼ ନୀତି ପରାୟଣ ଥିଲେ । ଅନ୍ୟାୟ ଦେଖିଲେ ବାପାଙ୍କର ହାତ ଜଳଯାଏ—ଜମିଦାର ହିସାବରେ ତାଙ୍କର କର୍ତ୍ତବ୍ୟ ସେ କରିଯାନ୍ତି । ଅନ୍ୟାୟକାରୀକୁ ନଡ଼ିଆ ଗଛରେ ବାନ୍ଧି ପିଟି ପିଟି ଦରମଲା ନ କଲେ ଯାଏ ତାଙ୍କର ନୀତିପରାୟଣତାର ସାର୍ଥକ ହୁଏ ନାହିଁ । ରଜରାଣୀ ବାପାଙ୍କର କଥା କହୁ କହୁ

ବେଦନା ହୋଇଯାଆନ୍ତି । ବାପାଙ୍କର 'ଜମିଦାରୀ'ରେ କ୍ଳୁଆରେଡ ଡ୍ରେସ୍, ଧନ୍ଦାବାଜୀ ଏକାବେଳକେ ନ ଥିଲା । ତାଙ୍କ ବଳି ବାପାଙ୍କର ଗୁଣ ବହୁତ ପାଇଛନ୍ତି ବୋଲି ତାଙ୍କର ଗର୍ବ । ଯାହାକୁ ନେହୁର ବୋଲି ସେ ଭାବନ୍ତି ସେ ନେହୁରୀ କଥା ନ ମାନିଲା ଯାଏ ତାର କ୍ଳୁଆଡେ ମାଡ଼ନ୍ତୁ ପୁଭ ନାହିଁ । ଏମିତି ନେହୁର ତାଙ୍କ ହାତରେ ପଡ଼ନ୍ତି ଯେ କି ଶେଷରେ ଦେଶ ନ ମାନି ଫେରନ୍ତି । ରଙ୍କରାଣୀଙ୍କ ମତରେ ତାଙ୍କ ବାପା ଶ୍ରବଙ୍କ ପରି ଲୋକ ନ ଥିଲେ କ'ଣ ସ୍ୱାଧୀନତାର ସୂର୍ଯ୍ୟ ଉଦୁ ଆକାଶରେ ଦେଖାଇ ପାରନ୍ତେ ? କଳିଯୁଗ କେଉଁଦିନରୁ ଘରେ ପଶିଆସୁଣି । ନେହୁର ତଳ ଯୁବକଙ୍କର ଶଙ୍କର ହୋଇ ଯାଉଅଛନ୍ତି । ତାଙ୍କ ସ୍ୱାମୀଙ୍କ ପରି ମାଷ୍ଟରଣିଆ ମାଷ୍ଟରଣିଆ ଲୋକଙ୍କ ହାତରେ କ'ଣ ଦେଶର ଧନ ଜନ ଶାସ୍ତ୍ରର ରହିପାରନ୍ତେ । ସ୍ତ୍ରୀଙ୍କର ସମ୍ମୁଖରେ କିନ୍ତୁ ନଳିନୀକାନ୍ତ ବାବୁଙ୍କର ତିଳେମାତ୍ର ଦୁଃଖ ହେବାର ଜଣାପଡ଼େ ନାହିଁ । ସେ ଖାଲି ହସନ୍ତି । ନିଜର ଆତ୍ମପ୍ରଶଂସାରେ ହସନ୍ତି କି ଆତ୍ମଗ୍ଳାନିରେ ହସନ୍ତି କହିବା କଷ୍ଟ । ବୁଦ୍ଧିମାନ ନଳିନୀକାନ୍ତ ସ୍ତ୍ରୀଙ୍କର କଥାରେ ଅଯଥା ପ୍ରତିବାଦ କରନ୍ତି ନାହିଁ । ନିଜର ମତାମତ ଆଇନ କାନୁନର ଧାରା ଅନୁସାରେ କେବଳ କୋର୍ଟ କଚେରୀରେ ପ୍ରକାଶ କରିଥାନ୍ତି । ଘରେ ସ୍ତ୍ରୀଙ୍କର ପରମ୍ପରା ଦିଗ ଛୁଇଁ ସିଦ୍ଧାନ୍ତ ଶୁଣିକରି ସେ କେବଳ ନୀରବ ସମର୍ଥକ ।

କେଶବ ଓ ତା ମା ପ୍ରତି ସ୍ତ୍ରୀଙ୍କର ଦୁର୍ବ୍ୟବହାର ତାଙ୍କୁ ଯେ ଆଶ୍ଚର୍ଯ୍ୟ ନ କରୁଛି ତା ନୁହେଁ । ସାତ ଆଠ ବର୍ଷର କେଶବଟିର କଳା ମଚମଚିଆ ଲଥଲଥିଆ ଦେହ ଓ ଗୋଲଗାଲ ମୁହଁଟିକୁ ଦେଖିଲେ ତାଙ୍କୁ ଖୁବ୍ ଭଲ ଲାଗେ । ତାଙ୍କର ଇଚ୍ଛା ହୁଏ ଯେ ପିଲାଟାକୁ ନୁନା ସାଙ୍ଗରେ ଛାଡ଼ିବାକୁ । ନୁନାଟି ଏକଲା ବହୁତ । ଖେଳିବାକୁ କେହି ନାହିଁ — କେଶବଟି ରହିଲେ ନୁନା ନିଶ୍ଚୟ ଖୁସି ହୁଅନ୍ତା । କିନ୍ତୁ ରଙ୍କରାଣୀଙ୍କ ପକ୍ଷରେ ଏହା ସମ୍ଭବ ନୁହେଁ । ସେ ଅଲଗା କରି ଦେଇ ପିଲାଟିକୁ ଭଲ ପାଆନ୍ତି ନିଶ୍ଚୟ କିନ୍ତୁ ନିଜ ପୁଅ ସାଙ୍ଗରେ — ବ୍ରାହ୍ମଣ ପିଲା ସାଙ୍ଗରେ ତଣ୍ଡା ପିଲାଟେ ଆସି ରହିବ ? ଏପରି ହେଲେ ମାଉଁସିଆ ପିଲାଟି ତ ? ନୁନା ଖରାପ ହୋଇଯିବାର ଯଥେଷ୍ଟ ସମ୍ଭାବନା । ନଳିନୀକାନ୍ତ ବାବୁ ସ୍ତ୍ରୀଙ୍କର ମତାମତ ଜାଣିଥିଲେ ସ୍ତ୍ରୀଙ୍କ ଅନେକ କଥାକୁ ଏଡ଼ାଇଦେଲେ କିନ୍ତୁ ଏତେବଡ଼ ଯୁକ୍ତିପୂର୍ଣ୍ଣ ଲେଖଟିଏ ତାଙ୍କ ଆଗରେ ଉପସ୍ଥାପିତ କରିବାରେ ସେ ବୋଧହୁଏ ଲଜ୍ଜିତ ହୋଇ ପଡ଼ୁଥିଲେ । ଅଳ୍ପ ପ୍ରତ୍ୟାଖ୍ୟାନ ହେବା ପରେ ପରେ ଆଉ ଗୋଟିଏ ହେଲେ ଯୁକ୍ତି ତାଙ୍କର ନ ଥିଲା । ଆଇନଧୀନ ଆଇନଜ୍ଞ ସୁପ୍ରିମ୍ କୋର୍ଟ ସିଦ୍ଧାନ୍ତରେ ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇ ଫେରିଲେ । କିନ୍ତୁ ଦୁର୍ବଳ ପକ୍ଷ ପ୍ରତି ତାଙ୍କର ଅନୁକମ୍ପା ସ୍ତ୍ରୀଙ୍କର ଅଜ୍ଞାତରେ ଶତଗୁଣରେ ବଢ଼ିଗଲା । କେଶବଟି ସ୍କୁଲରେ ନୁନାପରି ଭଲ ଭଲ ପିଲା । ଏହା ସମସ୍ତେ କହନ୍ତି । ନୁନା କହେ — ନଳିନୀକାନ୍ତ ବାବୁ କହନ୍ତି, ରଙ୍କରାଣୀ ମଧ୍ୟ କହନ୍ତି । କେଣୁ କେଶବକୁ ସମସ୍ତେ ଆଦର କରନ୍ତି । କିନ୍ତୁ ବାରଣ୍ଡା ତଳେ ତା'ର ସ୍ଥାନ — ଏପରି ହେଲେ ମାଉଁସିଆ ଗୋଟେ ଲୋକର ପିଲା ସେ — ନୁନାଠାରୁ ତାର ଦୂରରେ ରହିବା କଥା । ସମୟେ ସମୟେ ରଙ୍କରାଣୀ ତାକୁହିଁ ଦୁଇ ଅଲଗା କଣ୍ଠା ଦିଅନ୍ତି । ପିଲାଟାକୁ ଦେଖିଲା କ୍ଷଣି ସାହା ଥାଏ ସିନାରେ ଥା ! କହିଇ ଦିଅନ୍ତି । ମଇଳା ଗାଈ ଥିବା ଉପେନ୍ଦ୍ରବାଣୀଙ୍କି ଲୋଭକଲେ ମଧ୍ୟ ସେ ଆଗ କେଶବକୁ ସବୁ ଦିଅନ୍ତି । ଉପେନ୍ଦ୍ରବାଣୀ ତାଙ୍କର ଗାଙ୍କର ହୁଏ । ରଙ୍କରାଣୀ କେଶବ ଉଃ କହନ୍ତି — ତା ମା' ଗାମକୁ ପାଇଥାଏ । ପିଲାଟା ବାରଣ୍ଡା ନିଅଁକରେ ବଗାର ପଡ଼ର ହୁଏ । ନୁନ ଭୁଟାଣ ବାରଣ୍ଡାରେ ବନ୍ଧା ହୋଇଥାଏ । କେଶବକୁ ଦେଖିଲେ କେଉଁ ଗତର ହୁଏ । ବାହାରର ବୁଲା ଅଣ୍ଡିରା କୁକୁରଟାକୁ ଦେଖିଲେ ଲାଞ୍ଜ ଲାଞ୍ଜରେ ତଳ ପଡ଼େ । କେବେ ବୁଲା କୁକୁରଟି ପୋଷା । ପିଲାଟା ହାତରୁ ଦେଲେ ଦେଲେ ଖାଇନିଏ ବୋଲି ରଙ୍କରାଣୀଙ୍କର ବୁଲା କୁକୁରଟା ଉପରେ ଭାରି ରାଗ । ତାକୁ ଘଉଡ଼ାଇ ଦିଅନ୍ତି । କିନ୍ତୁ ହାତ ପାଏନି କୁକୁରଟାକୁ ମାରିବାକୁ । କାହାକୁ ମାରିବା ଭଳି ନିଷ୍ଠୁର ସେ ନୁହନ୍ତି ।

ନିଶୀକାନ୍ତବାବୁ ପରେ ଦ'ଅଣିଟିଏ କେଶ ହାତକୁ ପକାଇ ଦେଲେ—ରାଜରାଣୀ ଦେଖି ବଡ଼ ଖପ୍ପା ହୋଇଗଲେ। ସ୍ୱାମୀଙ୍କର ମାଗିଖିଆ ପିଲଙ୍କର ମନୋବିଜ୍ଞାନ ସମ୍ବନ୍ଧରେ କୌଣସି ଧାରଣା ନଥିବା କଥା ବେଶ୍ ଦମ୍ଭର ସହିତ ଦେଖାଇ ଦେଇଥିଲେ। ତାଙ୍କ ମତରେ ମାଗିଖିଆ ପିଲଙ୍କୁ ଖାଇବାକୁ ଦେବ କିନ୍ତୁ ପଇସା କେବେହେଁ ହେଲେ ଦେବ ନାହିଁ—ତାହେଲେ ସେମାନଙ୍କର ପଇସା ପ୍ରତି ଆଗ୍ରହ ଅଧିକ—ଆହୁରି ପଇସା ପାଇବାର ଲାଳସା ସେମାନଙ୍କର ବଢ଼ିଯିବ। ଫଳରେ ସେମାନେ ଚୋରି କରିବାକୁ ଶିଖିବେ —ଇତ୍ୟାଦି। ଏହିକ ମନୋବିଜ୍ଞାନର ଅତି ସୂକ୍ଷ୍ମତତ୍ତ୍ୱ କିନ୍ତୁ—ଏସବୁ ବାହୁଲ୍ୟ କଥା ନୁହେଁ। ତାଙ୍କ ସ୍ୱାମୀଙ୍କର ବଡ଼ ବଡ଼ ଆଇନ୍ ବହିର ଧାରରେ କିମ୍ବା ତାଙ୍କ ଅଧ୍ୟାପକ ଶ୍ୱଶୁରଙ୍କର ପୁସ୍ତକ ଗତ ଦର୍ଶନ ତତ୍ତ୍ୱରେ ଏସବୁ ନାହିଁ। ଏହା ତାଙ୍କ ଖାନଦାନୀ ପିତୃବଂଶର ବଂଶାନୁକ୍ରମିକ ପରଂପରା ଓ ଅନ୍ତର୍ଦୃଷ୍ଟି ସମ୍ଭୂତ ଅଭିଜ୍ଞତା। ତାହାପରେ ନିଶୀକାନ୍ତବାବୁ ସେପରି ଭୁଲଟିଏ ଅନ୍ତତଃ ସ୍ତ୍ରୀଙ୍କ ଆଗରେ କେବେ କରନ୍ତି ନାହିଁ। ନିଜର ବଂଶଗତ ନୀତିବୋଧତା ଓ ସ୍ୱାଭାବିକ ଅପାରପକ୍ୱତା ଯୋଗୁଁ କେବେ କେବେ ଫାଙ୍କ ଦେଖି ପାଖରେ କେଶ ହାତରେ ଦୁଇଅଣା ପଇସା ପକାଇ ଦେଇ ଯାଆନ୍ତି। ଲୁଚାଛପାରେ ଗୋପନୀୟତା ରଖା ଲାଗି ଚାରିଆଡ଼େ ଆଖି ବୁଲାଇ ଆଣନ୍ତି। ଧରା ନ ପଡ଼ିବାର ସମ୍ଭାବନାରେ ଅପରାଧୀ ମନ ଆଶ୍ୱସ୍ତ ହୁଏ।

କେଶବ ଓ ତା ମା' ଙ୍କର ଆସିବାର ଗୋଟିଏ ବର୍ଷ କଟିଗଲା। ରାଜରାଣୀଙ୍କର ମାଗଣା ଘରେ ରାଜରାଣୀଙ୍କର ଅଇଁଠା କଣ୍ଟା ଖାଇ ଦିନଟିମାନ ସେମାନଙ୍କର ମଜା କଥା କଟିଯାଏ। କେଶ ମା' ତ ସେମିତି ଦୁଷ୍ଟା ନଷ୍ଟା ନୁହେଁ। ଅନ୍ୟ ଭଡ଼ାଟିଆ କୁଲି ମଜୁରିଆଙ୍କ ସହିତ ତାର ସେମିତି ଖପେନା ପଡ଼େନା। କେବେ ସେମାନେ ମାସକୁ ମାସ ଭଡ଼ା ଦେଲାବେଳେ କେଶବ ମା' ମାଗଣା ରହିବାରେ ସେମାନଙ୍କର ହିଂସା ହୁଏ। କେତେବେଳେ ଶୁଣେଇ କେତେକେତେକଥା କହନ୍ତି। ଅଇଁଠା ଚାଟିକି ଖାଇ ବୋଲି କହନ୍ତି। ନସିବଲା କୁକୁର ଗଲାଙ୍କର ହାଡ଼ ଗଣ୍ଡିଏ ଗୁହିଥିବା ଆଉ ଗୋଟିଏ କୁକୁର ପ୍ରତି ଯେଉଁ ହାନ୍ତ ଦେଖାଯାଏ ଠିକ୍ ସେହି ଧରଣର ଈର୍ଷ୍ୟା। ଆଉ କଣ୍ଟି ଘରେ ରହୁଥିବା ମୂଲିଆ ମୂଲିଆଣୀଙ୍କର ପିଲ ଛିଲ ନାହିଁ। ପାଞ୍ଚଟି ଘରେ କେବଳ ମରଦ କୁଲି—କଳସିକାଲ। ଦୁଇଟିରେ ଦୁଇଜଣ ମୂଲିଆଣୀ ଆଉ ଦୁଇଟିରେ ଗୋଟିଏ ଲେଖାଏ ମୂଲିଆ ମୂଲିଆଣୀ। ସମସ୍ତଙ୍କ ପରି କେଶ ମା ଖଟିବାକୁ ଯାଏ। ଖାଲି କେଶ ବାବୁଙ୍କର ଅଇଁଠାକଣ୍ଟା ଗେଟେ ଖାଏ। କେଶ କେଶ ବୋଲି ଖରେ ଅଇ ରାଜରାଣୀ ଡାକନ୍ତି। ଏହା କୋଠରୁ ଏ ପିଲା, କିଣି ଅସହ୍ୟ ହୁଏ ମୂଲିଆ ମୂଲିଆଣୀଙ୍କର। ସୁଜାତ ଦରିଦ୍ର ପଣିଆ ଏଠି କେଶୀ ଖଟିଲାପରି ମନେହୁଏ। ଗରିବ ଗରିବଆମାନଙ୍କୁ ଘୃଣା କରୁ କରୁ ତା ପରି ଅନ୍ୟ ଗରିବଙ୍କୁ ମଧ୍ୟ ଘୃଣା କରି ବସେ। ଧନର ପୂଜା କରୁ କରୁ ଧନୀର ଗୋଲାମ ହୁଏ। ଗରିବ ଗରିବର ଶତ୍ରୁ ଜାତେ।

ମୋଟାମୋଟି କେଶ ଓ ତା ମା ପ୍ରତି ସେମାନଙ୍କର ମନର ଆଦର ନାହିଁ। କଥାବାର୍ତ୍ତାରେ ଇଚ୍ଛିତା ନାହିଁ—ତଥାପି କେଶ ଓ ତାର ମା ବୁଲନ୍ତି ଦିନ ପରେ ଦିନ—କାମ କରି ଅଇଁଠା କଣ୍ଟା ଖାଇ।

ଦିନେ କେଶ ମା'କୁ ଜ୍ୱର ହେଲା। ଦିନ ପରେ ଦିନ ପନ୍ଦରଦିନ କଟିଗଲା—ଜ୍ୱର ଛାଡ଼ିଲା ନାହିଁ—କାମକୁ ନଯାଇ ଘରେ ପଡ଼ି ରହିଲା। ଧାର ଉଧାର କରି ସ୍ୱତ୍ତ ଲୁଠାଏ, ବାଲି ଟିକିଏ କରି ଖାଏ। କେଶଟି ପାଖରେ ବସି ମା'ର ମୁଣ୍ଡ ଦେହରେ ହାତ ବୁଲାଉଥାଏ—କେବେ କେବେ ଆଖି ଛଳ ଛଳ ହୋଇଯାଏ। ମା' ଦେଖି ପାରିଲେ ଆଖି ପୋଛି ଦିଏ। ତା ଦେହ ମୁଣ୍ଡରେ ହାତ ବୁଲାଇ ଆଣେ। ବୁକୁ ଭିତରେ କେଶର ମୁଣ୍ଡକୁ ଚାପି ଧରେ—ଆଦର କରେ—ମା' ପୁଅ ଭୁଲିଯାନ୍ତି ସମସ୍ତ। ଆଖି ମେଲାଇ ଦେଖିବା ଅପେକ୍ଷା ଆଖି ବୁଜି ଦେଖି-

ତାରେ ସେମାନଙ୍କର ବୋଧହୁଏ ଆନନ୍ଦ ବେଶୀ । ବଙ୍କବୁଣୀ କେଶ କେଶ ବୋଲି ଡାକନ୍ତି । କେଶ ଉଠିଯାଏ । ପାଖ ଦୋକାନ୍ରୁ ଆଣେ । ମା'କୁ ଯାଚେ । ମା' ଖାଇଲେ ଖାଏ— ନୋହିଲେ ନିଜେ ସେତକ ଖାଇଦିଏ । ମା ପଲଙ୍କ ପାଖେ ବସିଥାଏ—ତେଣୁ ସେ ଅଳ୍ପ ଅଗଣାରେ ବେଶୀ ଲଗାର ଖେଳର ହୁଏ ନାହିଁ । ନୂନା ଏ ପାଖ ସେ ପାଖ ହୁଏ । ତା ସାଙ୍ଗରେ ନ ଖେଳିଲେ ମଧ୍ୟ ନୂନା କେଶକୁ ଦେଖିବାକୁ ଭଲ ପାଏ । ତାହାର ପେଣ୍ଟ ପେଣ୍ଟ ବୋଲ ଡାକ କରୁଏ—ସେ ବି ନିଜେ ତାକୁ ଡାକେ । ମା'ପରି ତାକୁ ଖାଇବାକୁ ଦିଏ । କିନ୍ତୁ ବଙ୍କବୁଣୀ ଦେଖିଲେ ଧମକାଇ ଦିଅନ୍ତି । କ'ଣ କାହିଁ କ'ଣ ଦେଇ ଦେବୁ । ଛୁ ଫିଙ୍ଗିଦେବ । ତୋର ଏତେ ମୁରବିପଣିଆ କଣ ? ଯା ଘରେ ବସି ପଢ଼ିବୁ । ନୂନା ଘରକୁ ଚାଲିଯାଏ । କେଶ ଫେରିଯାଏ ।

କେତେବେ ମା ଦେହ ଖରାପ କଥା ବଙ୍କବୁଣୀ ଜାଣନ୍ତି—କିନ୍ତୁ କେବେ ଥରେ ଅଧେ ପଚାରି ବସନ୍ତି ମାତ୍ର । କାରଣ ଏତେ ଲୋକର ଧନ୍ଦାରେ ପଡ଼ିବା ତାଙ୍କପରି ବୁଦ୍ଧିବୃଦ୍ଧି ସମ୍ପନ୍ନା ବୁଦ୍ଧିମତୀ-ଙ୍କର ଉଚିତ ନୁହେଁ ବୋଲି ସେ ଭାବନ୍ତି ।

ତାଙ୍କ ପିଲାମାନଙ୍କୁ ତ ସେ ପୋଷିଛନ୍ତି । ପାଞ୍ଚଟଙ୍କା ବରାଦ କରି ଦେଇଛନ୍ତି । ଆଉ ଏତେ କଥା ବୁଝିଲେ ତାଙ୍କ ନାକ ସମ୍ଭାଳ ରହିବ କିପରି ! ତେଣୁ କେଶ ମା' କଥା ନେଇ ବିଶେଷ ଆଗ୍ରହ ଦେଖାଇବା ଉଚିତ ବୋଲି ତାଙ୍କର ମତ ନୁହେଁ । ସେ ତା ଘର ସଂସାର କଥା ବୁଝିବ । ଧାର ଉଧାର କରି ଚଳାଇବ । ରୋଜଗାର କରି ଶୁଝିବ । ସେ ତ ଆଉ ତାର ଘର ଚଳାଇ ଦେବେ ନାହିଁ । ତାଙ୍କରା ମିଛେ ମିଛେ ପଡ଼ୁଆ ହେବାର "ଆ ବଳଦ ମୋତେ ମାର" କଥା କାହିଁକି କରିବେ । ତା ଛଡ଼ା ବି ଯାହାସବୁ ପାଖ ବାହାର ଘରଆଡ଼େ ସେ ପ୍ରାୟ ବାହାରନ୍ତି ନାହିଁ । ଛୋଟ ଲୋକ ଗୁଡ଼ା—ଅଳିଆ ଅସନା ଭିତରେ ଘର ସେମାନଙ୍କର । ଲୁଗାପଟାରେ ବାଗ ବାଛିଣ ନ ଥାଏ—ତାଙ୍କ ପରି ସମ୍ଭ୍ରାନ୍ତ ବଂଶୀୟା ଭଦ୍ରମହିଳାଙ୍କ ପକ୍ଷରେ ସେଠାରେ ପାଦ ଦେବା ନିହାତ ଅଶୋଭନୀୟ ।

କେଶ ମା'ର ଦେହ ଭଲ ହେବାର କୌଣସି ଲକ୍ଷଣ ନ ଥିଲା । ପଦରଙ୍ଗ କାଉଁରେ ନସ କଡ଼ସ୍ତରେ ଲାଗିଗଲା ପରି ବସିଥାଏ—ଧାର ଉଧାର କରି କେତେଦିନ ଚଳିବ—ଧାର ବା କିଏ ଦେବ ? ଜଣେ ଲୋକର ଆଉ ଜଣେ ଲୋକକୁ ବା କେତେ ଦେବ ? ଦୋକାନୀ ଦିନେ ଅଧେ ପାଇଁ ଧାର ଦେଲା—ତା ପରେ ମନା କଲା । ତା ପରେ—ଭାଉଜଣୀଙ୍କି ମାଗିବ ? —ନା—ସେ କଣ ଭାବିବେ ? ଚାଲି ପାରୁ ନ ଥିବୁ, ପାଣି ମୁହାଏ ପିଇ ରହିଯିବ—କେଶର ତ ଚଳି ଯାଉଛି - କେଶ ତା ପାଇଁ ଦିଆ ହୋଇଥିବା ଡାକ୍ତର ପଡ଼ ପଡ଼ ଭାତ, ମାଛମୁଣ୍ଡ, କେଶର, ପୋଇଲାଗ, ଦାଉଦବୁଲା, ସଜନା ଚୂଲି ଆଣି ମା ଛୁଣ୍ଣରେ ମାଡ଼େ ମା'ର ଜର ପାଚିଲା ସେ ସବୁ ଛୁଏନା । ସେ ମୁହଁ ମାଡ଼ି ଦିଏ । କେଶ ଢବ ଢବ ଲୁହ ଆଖିରେ ସେତକ ସେ ଖାଇ ଦେଇକମାରେ । ସାତ ଆଠ ବର୍ଷର ପିଲା, ସେ କ'ଣ ବୁଝିନା ମା'ର କ'ଣ ଦରକାର ? ପଇସା ଗୁଣ୍ଟା ହେଲେ ବାଲି ପାଣି ଖୋଇାଏ ପିଆନ୍ତା ସେ । ଫାଟକ ପାଖରେ ଲୁଚି, ଛପି, ହୁଏ ନିଶିକାନ୍ତ ବାବୁଙ୍କ ଠାରୁ ପଇସା ପାଇବା ପାଇଁ । ଅନେକ ସମୟରେ ଦେଖା ହୁଏ ନାହିଁ—ଥରେ ଦି'ଥର ଦେଖା ହେଲା । ସେ ଅନ୍ୟମନସ୍କ ଭାବରେ ଚାଲିଗଲେ ।

ସେ ତାକୁ କେବେ ହେଲେ ଗାଳି ଦେଇ ନାହାନ୍ତି— ତଥାପି ମାଟିଖିଆ ଅଇଁଠାଖିଆ ପିଲାର ସାହସ ହୁଏ ନା—ହାତ ପତାଇ ପଇସା ମାଗିବାକୁ । ଚୁପ୍‌କରି ଘରକୁ ଫେରେ । ମା'ର ଜର ବଢ଼େ—ମା' ଉପାସରେ ରହେ । ଖାଲି ପାଣିପିଏ—ସେ ଖାଏ । ଥରେ ଥରେ ବାରଣ୍ଡାରେ ଶୋଇଥିବା ଭୁଲ କୁକୁରମାନଙ୍କୁ ସବୁ ଦେଇଦିଏ—ଲାଞ୍ଜ ହଲାଇ କୁକୁରଟା ବଡ଼ ଆନନ୍ଦରେ ଖାଏ । ତାପରେ କେଶର ଦେହ ମୁହଁକୁ ଗୁଡ଼ି ପକାଏ । କେବେକୁ ତାର ଗରମ ଗରମ ଶାଗୁଆ ଖଦଡ଼ା ଚାଟିଆ ଭଲଲାଗେ । କେଶ, କେଶ ମା ଓ କୁକୁରଟି ତେଲୁଣି ପୋକପରି କୁଣ୍ଡଳୀ ପରି ଶୋଇ ପଡ଼ନ୍ତି ।

ମା'ର ଜର ନ ଛାଡ଼ିବାରୁ କେଶ ଭାବେ—ତା ବାପା ପରି ସେ କେବେ ଆଉ ମରିଯିବ କି ?

ପିଗୁମନ ଆଜ ସ୍ୱପ୍ନମାନେ ନାହିଁ । ଭଙ୍ଗି ଭଙ୍ଗି ହୋଇ ଯାଏ । ମା'ର ଗୁଡ଼ ଲୁହରେ କନ୍ତ୍ରାଏ । ଅସ୍ତାଳିଗି ଭାଗ୍ୟ ଟିକିଏ ଜଳିଆସେ । କେଶ ସପନ ଦେଖେ । ବାଳିଭଳି ଲ ଜାଗେ । କୁକୁରଟି ଘରର ଘରର୍ 'କରେ—ମା' ଜରର ପ୍ରଳାପରେ ଉତ୍ତର ଦିଏ । ରାତିର ଘନ ଅନ୍ଧକାରରେ ଜୀବନର ପ୍ରତିବାଦ କ୍ଷଣକ ଲାଗି ପ୍ରତିଧ୍ୱନିତ ହୁଏ । ସେଇ ମୁହୂର୍ତ୍ତରେ ଭଙ୍ଗାଛି ଜୀବନ ପୁଣି କୁଆଁଣ୍ଡ ଖ୍ୟାନ ହୋଇ ଯାଆନ୍ତି ରାତିର ନୀରବତା ଭିତରେ । ଜୀବନ କୁଆଡ଼େ ହଜିଯାଏ ।

ଦିନେ ସକାଳେ ନ'ଟା ହେବ—କେଶ ମା'କୁ ବଡ଼ ବାଧକା ଲାଗିଲା । ଜର ଟିକିଏ କମିଲା ଭଳି ତାଙ୍କୁ ଲାଗିଲା । ତାର ଇଚ୍ଛା ହେଲା ଗରମ ଚେଙ୍କ ମୁଢ଼ିଏ ପିଇବା ପାଇଁ । ପିଏ ଯାହା ଭାତ୍ର ପଇସେ ନେଇ ଆସନ୍ତି ଆସ୍ତେ କେଶ କାନ୍ଧରେ ହାତ ଧରା ରଖି ଗୁଲିଲା ବାବୁଙ୍କ ଅଗଣା ଆଡ଼େ, ରାଜରାଣୀଙ୍କୁ ମୁଢ଼ିଏ ଚେଙ୍କ ମାଗିବା ପାଇଁ । ବାରଣ୍ଡାର ବାଡ଼କୁ ଲାଗି ଗୋଟିଏ ପଟଖଟ ପଡ଼ିଥାଏ । ସେଠି ବସି ରାଜରାଣୀ ହିସାବ ବୁଝନ୍ତି—ଦୋକାନର ହିସାବକିତାବ ଦେଖନ୍ତି । ସେଠି ଅନେକ ସମୟ ତାଙ୍କର କଟେ । ରାଜରାଣୀ ସବୁଦିନ ପଟଖଟ ଉପରେ ବସିଥିଲେ । କେଶ ମା ବାରଣ୍ଡା ଦାଣ୍ଡରେ ଯାଇ ବସି ପଡ଼ିଲା—ଠିଆ ହୋଇ ରହି ପାରିଲା ନାହିଁ । ତା' ଚେହେରା ଦେଖି ରାଜରାଣୀଙ୍କର ଦୟା ହେଲା । ତଥାପି ଅଧିକ ଶବ୍ଦାଏ ବଢ଼ାଇ ବଢ଼ାଇ ଦୟା ଦେଖାଇବା ତାଙ୍କର ଅଭ୍ୟାସ ନୁହେଁ । କେବଳ ପଚାରିଲେ ତାର ଦେହ କିପରି ଅଛି ।

କେଶ ମା କହିଲା—"ମା ଆଜ ଟିକିଏ ଭଲ ଲାଗୁଛି—ଦେହଟା କିପରି ହାଂସା ମାରି ଯାଉଛି, ତଣ୍ଟି ଅଠା ଅଠା—ବଡ଼ାଟିଆ ଶୁଖି ଯାଉଛି—ଆପଣ ମାନ୍ୟ ଯଦେ ଚେଙ୍କ ମାଗି ନେବ—ପିଇବ ।" କହି ମୁହଁ ତଳକୁ କଲା । ରାଜରାଣୀ ମନେ ମନେ ସୁନ୍ଦରିକୁ ଡାକ ପକେଇଲେ—ଦୁଇଟାକୁ କହିଲେ ଚେଙ୍କରେ ଭାତ ଗଣ୍ଡାଏ ମିଶେଇ କେଶ ମାକୁ ଦେବାଲାଗି—ତା ସଙ୍ଗକୁ ଆମ୍ବୁଲ ଖଣ୍ଡେ । ସିନ୍ଦୁଲା ଟିକିଏ ମଧ୍ୟ ଦେବାକୁ ଆଦେଶ ଦେଲେ । କେଶ ଗଲା ଟିଣଗିନା କଂସା ବା ଖଣ୍ଡେ ଆଣିବା ପାଇଁ । ରାଜରାଣୀ ହିସାବ କରିବା ଲାଗିଗଲେ । ରାଜରାଣୀ ଖଟ ଉପରେ ବସି ନିଶ୍ଚିନ୍ତ ମନରେ ହିସାବ ଦେଖୁଥାନ୍ତି—ପୁଣି ସବୁ ଆକୁ ବାଇଗଣର ଦାମ୍ ବଜାରରେ ମଝିରେ ମଝିରେ ଚଢ଼ିଯାଏ ଦେଖୁଥାଆନ୍ତି । କାଲି ବାଇଗଣ ସେର ୧୨ ପଇସା ହୋଇଥିଲା ଆଜି ଚଉଦ ପଇସା କମିଲା ଦେଲା—ପଚାରୁଥାନ୍ତି । ବାଇଗଣ ଦାମ୍ ବେଶୀ ହେଲା ଯଦି ସେ କାହିଁକି କହି ବଜାର ଗଲା ନାହିଁ—ସେଠି ପଇସାଏ ନିଶ୍ଚୟ କମ୍ ପଡ଼ିଥାନ୍ତା । ସୁନ୍ଦରୀ ଗୁଜରୁ ଏମିତି ଚଣ୍ଡ ଅଳସୁଆ ହେଲେ ଘର ଚଳାଇବା ତାଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ିବ—ଇତ୍ୟାଦି । ପଇସା ଗଣାଗଣି କରି ଗୋଟିଏ କାଗଜ ଲଫାପାରେ ରଖିଲେ । ଗୋଟାଏ ପାଞ୍ଚ ଟଙ୍କିଆ ନୋଟ ଦୁଇ ତିନିଟା ଟଙ୍କିଆ ନୋଟ, ଆଉ କେତେ ପୁରୁଣା ନୂଆ ପଇସାର ଗେଜା—୧୦ ଟଙ୍କାରୁ ଅଧିକ ଆଣିବା ପରେ ଆଉ ଯାହା ରହିଲେ । ଅରଳୁ ଦିଅର ଭଲକରି ଗଣି ଲଫାପା ଭିତରେ ଭର୍ତ୍ତି କରୁଥାଆନ୍ତି । କେଶ ମା' ବାରଣ୍ଡା ଦାଣ୍ଡରେ ମୁହଁ ତଳକୁ କରି ଚୋଟଳଇଲା ପରି ବସିଥାଏ । କେଶ ତାର ଢେଗା ଢେଗା ଆଖି ଦି'ଟା ନାଚି ଟଙ୍କା ଗଣିବା ଆଡ଼େ ମୁହଁ ରହିଥାଏ । ପଇସା ଗୁଡ଼ାକ ତାକୁ ଯେମିତି ଟଙ୍କାପରି ଦିଶୁଥାଏ । ନୋଟ୍ ଗୁଡ଼ାକ ଆଖିରେ ଚକ୍ ଚକ୍ କରୁଥାଏ । ଏତେଗୁଡ଼ାଏ ଟଙ୍କା ପଇସା ଏକାଠି ସେ କେବେ ଦେଖି ନ ଥିଲା । ତା' ମା'ର ମଜୁରି ଦିନକୁ ଟଙ୍କାଏ । ସେଥିରୁ ସଉଦା କରି ଘରକୁ ଫେରିଲା ବେଳକୁ ପାଖରେ କେଉଁଦିନ ଆଣେ ଦି'ଅଣା କେଉଁ ଦିନ ବା ଚାରିଅଣା ଥାଏ । ଗତ ପନ୍ଦରଦିନ ହେଲା ତା'ବି ନାହିଁ । କେଶର ଆଖି ପଇସା ଆଡ଼ୁ ଫେରିବାକୁ ଆଦୌ ରାଜି ନୁହେଁ । ମା' ପାଇଁ ସୁନାଅଣା ପଇସା ଚାଉ ପାରୁ ନାହିଁ । ସେଦିନ ସ୍କୁଲରେ ହାତ ପଡ଼ାଇ ଗୁରୁଜି ନୂଆ ପଇସା ମାଗି ପାଇଥିଲା । ସେଥିରେ କେହି କିଛି କହିଲେ ନାହିଁ । ଟିକିଏ ଲୁଣ ଚକ୍ତା । ଆଜି ଏତେ ଗୁଡ଼ାଏ ପଇସା ଏକାଠି ଝଣ ଝଣ ଶବ୍ଦ କରି ତା ଆଗରେ ନାଚ

ଯାଉଛି—ଧାଡ଼ ଧାଡ଼ ପଇସାର ଝୁଣ ଝୁଣ ଶବ୍ଦ । ତା
ମୁଣ୍ଡ ଉପରଟା କ'ଣ ହୋଇଗଲା । ସେଥିରୁ
କେତେଟା ପଇସା ମିଳିଯାନ୍ତା କି ? ତାର ମନେ
ହେଲା ରାଜରାଣୀ କେତେବେଳୁ ଧରି ଗଣିଲେଣି—
ଖାଲି ଗଣୁଛନ୍ତି । ଏତେ ପଇସା ସେ ଗଣି ପାରୁ-
ନାହାନ୍ତି ବୋଧହୁଏ । ଖୁବଲ—ଧନ ବୃଦ୍ଧ ବୋଧ-
ହୁଏ ବଇଷ୍ଣ ଘର ଭିତରେ ପଇସା ଗଣୁଛନ୍ତି ।
ସଞ୍ଜରେ ଅନେକ ବେଳଯାଏ ତାଙ୍କ ଘରେ ଆଲୁଅ
ଜଳୁଥିବାର ସେ ଦେଖିଛି । ବର୍ତ୍ତମାନ ଝରକା ଆଲୁଅ
ଲାଗି ସେ ନିଶ୍ଚୟ ପଇସା ଗଣୁଥାଆନ୍ତି । ରାଜରାଣୀଙ୍କୁ
ପଇସା ଗଣିବା ଛଡ଼ା ଆଉ କୌଣସି କାମ କରିବାର
ସେ ଶୁଣି ପାରିଲା ନାହିଁ । କେତେ ପଇସା ! କି ବଢ଼ିଆ,
କିମିତି ଝିକ୍ ଝିକ୍ ! କେତେ ବଡ଼ ବଡ଼ ସେ ଗୁଣ୍ଡା !
ଧାଡ଼ ଧାଡ଼ ପଇସାର ପଟୁଆର !

ସୁଖୀଆ ହାତ ଅମୁଲା, ସିମୁଳା ହୋଇଗଲା—
କେଶ ମା ଲୁଣ ଦାନ୍ତ ଲଙ୍କା ମରଚଟେ ମାଗିଲା—
ସୁଖୀଆ ଲୁଣ ମରିଚ ଆଣି ହାତରେ ପକାଇ ଦେଲା ।
ଠିକ୍ ଏତିକିବେଳେ ହଠାତ୍ ଦାଣ୍ଡ ବାରଣ୍ଡାରେ
ଝୁନା ଚିତ୍କାର କରି ଉଠିଲା । ରାଜରାଣୀ, ସୁଖୀଆ
ଦଉଡ଼ି ଗଲେ ଦାଣ୍ଡ ଆଡ଼େ ଝୁନାକୁ ଦେଖିବା ଲାଗି ।
କେଶ ମା' ଭାତି ଠିଆ ହେଲା ସେଠାରେ ହାତରେ
ଟିଣ କଂସା । ଆଉ ହାତରେ ଟିଣ ଗିନା । କାନିରେ
ଲୁଣ ଲଙ୍କା ମରିଚ । କେଶକୁ ଡାକିଲା ଯିବା ଲାଗି ।
କେଶ ନ ଯାଇ ଠିଆ ହୋଇ ରହିଲା । କେଶ ମା'
ଶୁଣିଲେ ବସା ଆଡ଼େ । ଝରକାର ପାନ ଧାନ ସେଇ
ଝରକା ଥିବା ଲଫାପା ଆଡ଼େ । ଧାଡ଼ ଧାଡ଼ ଟଙ୍କା ଟଙ୍କା
ପଇସା ସେ ଭିତରେ ପଶିଯାନ୍ତି ତା ଆଖି ଆଗରେ ।
ରାଜରାଣୀ, ସୁଖୀଆ କେହି ନ ଥାନ୍ତି । ଆଖି ଆଗରେ
ଏତେ ପଇସା । ଠାକୁରେ ସେମାନଙ୍କର ଦୁଃଖ
ଦେଖି ନିଶ୍ଚୟ ଦେଇ ଦେଲେ ।

ଝୁନାର କାନ୍ଦ ବଢ଼ି ଯାଇଛି । ରାଜରାଣୀ ସୁଖୀଆ
ସେଆଡ଼େ ବ୍ୟସ୍ତ । କେଶ ଆଉ ଭାବି ପାରିଲା ନାହିଁ
ଛଅଣ ଖଟିକରି ଟିଙ୍କାଇ ଧରିଲା 'ପାଞ୍ଚ ପଇସା
ମୁଠାଟାକୁ ସେ ଧରିନେଲା । ଏତେଗୁଡ଼ାଏ ପଇସା—

କି ଝଙ୍କ ! ହାତ ପେଟର ତାର ଓହଳି ଗଲା । ପଇସା
ମୁଠାରେ ଧରି ଦୌଡ଼ିଲା ବସାଆଡ଼େ—ମା' ଦରାଣକୁ
ପହଞ୍ଚିବା ପୂର୍ବରୁ ସେ ପହଞ୍ଚିଲେ । କେଶ କେଉଁଣି
ବୋଲି ମା ଚହଟୁ ଜାଣୁଥାଏ । ସେ କିଛି ଅଟକି
ପାରିଲା ନାହିଁ । ଘର କଣରେ ଗୋଟିଏ କଳସୀ ନା-
ଟେକାର ଗ୍ରେଟିଆ ଡାକିଲା ଉତ୍ତରେ ଅଳୁଆ କାଢ଼ୁ
ଦିନାଏ ହେଲେ କ'ଣ ହେଉଥାଏ । ସେ ଭିତରେ
ନେଇ ମୁଣ୍ଡାଟିକୁ ପକାଇ ଦେଲା । ହାତ ଉଦାସ
ହୋଇଗଲା । କିଛି ହଠାତ୍ ଉପରେ ଛୁଟି ନଥିଲା
ଉଠିଲା । ସେତ ଇମାନ ଦେଇବ କାହା ନଥିଲା । କ'ଣ
ହେବ ତା ପରେ ? ମା' କ'ଣ କହିବ ? ସେ
ଶୁଣିଲା—'ଚୋରୀ ନ କରିବାକୁ ମା'ର ଶାଗିଆ
ମନେ ପଡ଼ିଲା । ମା' ସବୁବେଳେ କହେ 'ଦୁଃଖ କେଶ,
ମୂଲ୍ କରିଲେ କେହି ଅଟୋଣା ରହିବ ନାହିଁ । ତୁ
ଆଜି ବି' ଗୁଦରିଅଣ୍ଟରେ ଦିନକୁ ଥରେ ଦେବତାର
କରିବୁ—ଆମର ଦୁଃଖ କ'ଣ କିଛି ଚୋରିରୁ ତେବେ
କରିବୁ ନାହିଁ ।'

ମୁଣ୍ଡ ଖାଲି ଛୁଣ୍ଡରେ ମାରି ପଇସାଟିଏ ଆଣିଲେ
ଅଣ୍ଟିବ—ଚୋରୀ କରି ଦଶପଇସା ଆଣିଲେ ସେ
କୁଆଡ଼କୁ ଅଣ୍ଟିବ ନାହିଁ ଲକ୍ଷ୍ୟାଦି, ଚୋର କହୁଛରେ
ତା ମା'ର କହୁଥିବା କଥା ତା ମନ ଭିତରେ ଘୁରି
ବୁଲିଲା । ରାଜରାଣୀଙ୍କ ଅପେକ୍ଷା ତା ମା'କୁହିଁ ତାକୁ
ବେଶୀ ଡର ଲାଗିଲା । କ'ଣ କରିବ, ମା'କୁ କ'ଣ
କହିବ ।

ମା ସେଇ ଟିଙ୍କଣ ଧରି ଘରକୁ ଫେରିଲା । ଏତିକି
ବାଟ ଶୁଣି ଆସିବାରୁ ତାକୁ ଥକା ଲାଗି ଗଲାଣି । ତା
ମୁଣ୍ଡଟା କ'ଣ ହୋଇଗଲାଣି । ସେ ଘର ଭିତରେ
କାନିଟା ପାରି ଆଗ ଗଡ଼ ପଡ଼ିଲା । ପାଖରେ ସେଇ
ସାତ ଟିଙ୍କଣ ସିମୁଳା ଗିନାଟି—କାନିରେ ଲୁଣ
ମରିଚ । କେଶ ଅନ୍ଧାର କୋଣରେ ଥରି ଥରି ଠିଆ
ହୋଇଥାଏ ।

ଝୁନା କାଟଣ୍ଡରୁ ପଡ଼ ଅଣ୍ଟୁ ଗଣ୍ଡି ଛୁଣ୍ଡାଇ
କମିଥିଲା । ତେଲ୍ଲିମରେ ଘା ଧୋଇ ରାଜରାଣୀ ପଟି
ବାନ୍ଧି ଦେଲେ । ସୁଖୀଆ କାନ୍ଦ, କାଣି ପ୍ରଭୃତ ଆଣି

ଯୋଗାଇ ଦେଲା । ପ୍ରାୟ ପନ୍ଦର ମିନିଟପରେ ଟୁନାକୁ କାଗଜଭଳ ରାଜରାଣୀ ବାରଣ୍ଡା ପଟକୁ ଆସିଲେ । ଗୃହକରଟା ମଧ୍ୟ ଘଣ୍ଟାଏ ହେଲା କୁଆଡେ ଯାଇଚି ବୋଲି ଗଜର ଗଜର ହୋଇ ଟୁନାକୁ ଆସ୍ତେ ଖଟ ଉପରେ ବସାଇ ଦେଇ ନିଜେ ହିସାବ କାଗଜପତ୍ର ଗୋଟାଗୋଟ କଲେ—କାଗଜ ସବୁ ପାଇଲେ କିନ୍ତୁ ପଇସା ପୁଡ଼ିଆଟି ପାଇଲେ ନାହିଁ । ଆଉ ଥରେ ଖଟ ଯାକ ଅଣ୍ଡାଳିଲେ । ଖଟ ତଳକୁ ଗୃହିଁଲେ । ପରିଷ୍କାର ବାରଣ୍ଡା—ପଇସା ପୁଡ଼ିଆଟି ନାହିଁ—ତାଙ୍କର ମଝିରେ ମଝିରେ ପୁଝାରୀ ପ୍ରତି ସନ୍ଦେହ ହୁଏ । ସେଦିନ ତ ପରିବା କିଣାରେ ସନ୍ଦେହ ହୋଇଥିଲା । ବାଇଗଣରେ ପଇସାଏ, ମାଛରେ ଅଣାଏ ମାରି ନେଇଛି ବୋଲି ତାଙ୍କର ସ୍ପଷ୍ଟ ଧାରଣା ଜନ୍ମିଥିଲା ।

ପୁଝାରୀକୁ ଡାକିଲେ—ପଚାରିଲେ ପଇସା କିଏ ନେଇଚି—ତାଙ୍କର ଅନିର୍ଦ୍ଦିଷ୍ଟ ରାଟଟ ତା ଉପରେ ହଠାତ୍ ପଡ଼ିଗଲା । ସ୍ପଷ୍ଟବାଦିନୀ ରାଜରାଣୀ—ପୁଲିସ୍ ଇନସ୍‌ପେକ୍ଟରର ଭଉଣୀ ରାଜରାଣୀଙ୍କ ପାଟିରୁ ତଟ କରି ବହାରି ପଡ଼ିଲା ତୁ ତ ଆଗରୁ ଏ ଆଡେ ଆସିଲୁ—ଆଉ ପଇସା ନବ କିଏ ? ତୁ ନିଶ୍ଚୟ ନେଇଛୁ । ପୁଝାରୀର ଚୋରୀ ପ୍ରବୃତ୍ତି କେଣ ଟିକିଏ ଥାଏ—ତେବେ ଅକାରଣରେ ଚୋରକୁ ଚୋର କହିଲେ ତାର ମୁହଁ ଟାଣ ବଢ଼ି ଯିବାର କଥା—ସେ ଏକାବେଳେକେ ଗର୍ଜି ଉଠିଲା । ଯିଏ ନେଇଚି ତା କୁଳ ବୁଡ଼ୁ—ତା ହାତ ଛିଡ଼ି ପଡ଼ୁ—ଇତ୍ୟାଦି । କିନ୍ତୁ କଥା ଅପେକ୍ଷା କାର୍ଯ୍ୟରେ ପ୍ରମାଣ ଦେବାରେ ତାର ଆଗ୍ରହ ବେଶୀ ବଢ଼ିଗଲା । ସେ ପାଟିକଲା—"କିଏ ଚୋରୀ କଲା—କିଏ ନାହିଁ, ମତେ ପାଖରେ ପାଇଲେ ପରା ! ଆସୁନ ଦେଖିବ ମୋ ବାକ୍ସ, ମୁଁ କେଉଁଠି ରଖିଚି । ମୁଁ କ'ଣ ଟକ୍ କରି ଗିଳି ଦେଲି ?" ତପରେ ହଠାତ୍ ସ୍ୱରକୁ କମାଇ କହିଲା—"ମୋତେ କାହିଁକି ଅଯଥା ଦୋଷ ଦେଉଛ ମା, ଆମେ ଦାଣ୍ଡ ବାରଣ୍ଡାକୁ ଗଲାବେଳେ କେଣ ମା' ଏଠି ବସିଥିଲା—ସେ ନିଶ୍ଚୟ ନେଇଚି । ତା ଘର ସାଙ୍ଗେ ସାଙ୍ଗେ ଖୋଜ, ନିଶ୍ଚୟ ମିଳିବ । କଥାଟା ରାଜରାଣୀଙ୍କର ମନକୁ ପାଇଲା । ତଥାପି ପୁଝାରୀ ଉପରୁ ସନ୍ଦେହଟା ଏକାବେଳେ କଟିଲା ନାହିଁ । ରନ୍ଧାଘର ପାଖ ବଖରାରେ ପୁଝାରୀର ବାକ୍ସ—ତାକୁ ଆଗ ଦେଖାଇବାକୁ କହିଲେ—ପୁଝାରୀ ଏହିପରି କହି କେଣ ମା ଘରକୁ ଗଲା ପରେ ଏଆଡେ ଟଙ୍କା ଆଉ କୁଆଡ଼କୁ କାଳେ ଫୋପାଡ଼ି ଦେଇପାରେ, ସେ ଗୁଇନ୍ଦା ସନ୍ଦେହ ତାଙ୍କର ଥିଲା । ପୁଝାରୀ ସାଙ୍ଗେ ସାଙ୍ଗେ ସୁଟ୍‌କେଶ ଖୋଲି ସବୁ ଦେଖାଇ ଦେଲା । ମିନିଟିଏ ବି ଲାଗିଲା ନାହିଁ । ସେଥିରେ ତାର ରାଗ ଅପେକ୍ଷା ଆନନ୍ଦହିଁ ବେଶୀ ହେଲା । ସେଠି ଟଙ୍କା ନ ପାଇ ରାଜରାଣୀଙ୍କର ମନଟା ହଠାତ୍ ଦବିଗଲା । କେଣ ମା' ଏମିତି କଲା ! ଯାହାକୁ ସେ ଏତେ ଦୟା ଦେଖାଇଛନ୍ତି ସେ ଶେଷରେ ଏଇଆ କଲା ?

ଏ ପ୍ରକାର ମାନସିକ ଦୁର୍ବଳତାଗତ ଯନ୍ତ୍ରଣା କ୍ଷଣସ୍ଥାୟୀ ମାତ୍ର । ପର ମୁହୂର୍ତ୍ତରେ ତାଙ୍କର ରାଗର ମାତ୍ରା ବରଂ ବହୁତ ବଢ଼ିଗଲା । ଯେତେହେଲେ ମାଗିଖାଇ ଗୁଡ଼ାକଙ୍କର ସ୍ୱଭାବ କ'ଣ ବଦଳିବ ? ପୁଝାରୀ କଥା ଅନୁସାରେ ସାଙ୍ଗେ ସାଙ୍ଗେ ବାହାରିଲେ କେଣ ମା ଘର ଖାନତଲାସରେ । ଆଗରୁ ଯେ ତାଙ୍କ ବାପା ଜମିଦାର ବାବୁଙ୍କୁ ଏବଂ ଭାଇ ପୁଲିସ୍ ସବ୍‌ଇନିସ୍‌ପେକ୍ଟର ବାବୁଙ୍କୁ ଦୋଷୀଙ୍କୁ ଦଣ୍ଡଦେଇ ନ୍ୟାୟ ବିଧାନ କରିବାକୁ ଯାଇଥିବାର ଦେଖିଥିବ, ରାଜରାଣୀ ଦେବୀଙ୍କୁ ଦେଖିଲେ ନିଶ୍ଚୟ ତାଙ୍କର ଖାମଦାନୀ ଘର ବଂଶାନୁକ୍ରମିକ କଡ଼ା ମିଞ୍ଜାସୀ ନୀତିରକ୍ଷକମାନଙ୍କର ଉପଯୁକ୍ତ ବଂଶଧର ହିସାବରେ ତାଙ୍କୁ ସାଲ୍ୟୁଟ ନ ଦେଇ ରହିପାରିବ ନାହିଁ ।

ଏସବୁ ଘଟଣା ମିନିଟ ଦଶ ଭିତରେ ଘଟିଗଲା । ଦଶମିନିଟ ଭିତରେ କେଣ ଆଉ ମଣିଷ ପିଲା ହୋଇନାହିଁ—ସେ ଗୋଟିଏ ମାଟିର ମୁର୍ତ୍ତି । କାନ୍ଥକୁ ଆଉଡ଼ି ଠିଆ ହୋଇଚି—ପଇସାଗୁଡ଼ାକ ଆଉ ଚକ୍‌ଚକ୍ ଦେଖା ଯାଉନାହିଁ । ସେ ସବୁ ନାଗସାପ ପରି ଫଣା ଟେକି ତାକୁ ଯେପରି ଘେରି ରହିଛନ୍ତି । ରାଜରାଣୀଙ୍କୁ ଦେଖି ତାର ଆଖି ବୁଜି ହୋଇଗଲା । ବିରାଟ କଳାମେଘ ଭିତରକୁ ତାକୁ ଯେପରି କିଏ ଟାଣି ନେଇ ଯାଉଚି ।

ଜେଜେବୋଉଙ୍କର ଆଉ ସନ୍ଦେହର ଅବକାଶ ନଥିଲା । ସେ ଗର୍ଜି ଉଠିଲେ—କେଶ ମା' ଉଠ୍—ନ ଜାଣିଲା ପରି କ'ଣ ହୋଇଛୁ ? ଶେଯତଳେ ଥିବା ପଇସା ଗୁଡ଼ା କଏ ଆଣିଛ ? କହ କୋଉଠି ରଖିଛୁ ?

କେଶ ମା' କିଛି ବୁଝିପାରିଲା ନାହିଁ । ପଇସା ଆଉ କେ । "ଏ କ'ଣ କହୁଛ ମା ?" କହୁ କହୁ କାଠି ହୋଇଗଲା । "ମୁଁ ଚୋରି କରିବି ତୁମ ଘରୁ ? ତୁମର ନିମକ ଖାଉଛି ।" ରାଜରାଣୀ ଆଉ କହିବାକୁ ଦେଲେ ନାହିଁ—କହିଲେ "ଆରେ ଛାଡ଼୍, ଛାଡ଼୍, ତୋ ଭଳି କେତେ ନିମକହାରାମ ମୁଁ ଦେଖିଛି । କାଢ଼, ପଇସା କେଉଁଠି ରଖିଛୁ ?" ବୁଢ଼ୀଟା ମା'ଙ୍କ କଥାକୁ ଆଉ ଅପେକ୍ଷା ନ କରି ଘର ଯୁଆଡ଼େ ଆଖି ବୁଲେଇଲା । ଘର ଭିତରେ ଥିବା ଏକମାତ୍ର ଭଙ୍ଗାଟିଣ ପେଡ଼ି ତାଙ୍କ ଆଖିରେ ପଡ଼ିଲା । ସେଇଟାକୁ ଧରି ଘର ମଝିରେ ଓଲଟାଇ ଦେଲେ । କେଶ ଆଶ୍ଚର୍ଯ୍ୟ ହୋଇଗଲେ । ବୁଢ଼ୀଟା ଏତେ କଥା କେମିତି ଜାଣିଲା ? ସେ ଯେଉଁଠି ରଖିଥିଲେ ଠିକ୍ ସେଇ ଜାଗାରେ ଆସି ପହଞ୍ଚିଗଲା । ଟିଣ ଡବା, ଲୁହାକଣ୍ଟା, ଲୁହା ତାର, ଖଣ୍ଡିଏ, ଜନାଧଡ଼ି ପ୍ରଭୃତି କେଶ ମା'ର ସମସ୍ତ ସମ୍ପତ୍ତି ସହିତ ପଇସା ପୁଡ଼ିଆଟି ମଧ୍ୟ ଝଣ ଝଣ ହୋଇ ଘରସାରା ଛିଞ୍ଚି ହୋଇଗଲା । କେଶ ମା'ର ମନେ ନାହିଁ ସେ ପେଡ଼ିରୁ ଏଥର ପୁଣି ଖୋଲିଥିଲା କି ନାହିଁ । ଆଖି ମେଲା ମେଲା କରି ଖାଲି କେତେବେଳେ ଚାହିଁଲା—କେଶ ତାହା ହେଲେ ଚୋରି କରିଛି ! ତାର ଆଉ କହିବାର କିଛି ନ ଥିଲା । ଆଖି ମେଲାଇ ଚାହିଁବାର ମଧ୍ୟ ସାହସ ତାର ନଥିଲା ।

ବୁଢ଼ୀଟା ପଇସା ଗୋଟେଇବାରେ ଲାଗିଲା—ରାଜରାଣୀ କେବଳରେ ଖାଲି ଚାହିଁରହିଲେ । କେଶ ମା'ଙ୍କ ଚୋଟ ଲାଗି—ଯାହାପ୍ରତି ତାଙ୍କର ଏତେ ଦୟା ସେ ଶେଷରେ ଚୋରି କଲା ! ଓଃ କଳିଯୁଗର କ'ଣ ହେଲା ? ସେ ତ ପ୍ରଥମେ କିଛି ସମୟ ନିର୍ବାକ-ମାନେ ଚାହିଁ ରହିଲେ—ପଇସା ପୁଡ଼ିଆ ଦେଖି ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ । କିନ୍ତୁ ତାଙ୍କର ପିଲା-ପିଲାଙ୍କର ସହଜାତ ଅନ୍ତର୍ଦୃଷ୍ଟି ଦ୍ୱାରା ସେ ଅଳ୍ପ ସମୟରେ ବୁଝିପାରିଲେ ଯେ ଛୁଆରଖିଆ ଲୋକେ ସବୁ ସମାନ । ତା ନହେଲେ କି ତାଙ୍କର ବାପ ଏମାନଙ୍କୁ ମିଛରେ ନଡ଼ିଆଗଛରେ ବାନ୍ଧି ଡାଡ଼ୋଇଥିଲେ—ତାଙ୍କ ଭଲ ପୁଲିସ୍ ବୁଟରେ ସେମାନଙ୍କ ପିଠିରୁ ରକ୍ତ ବୁହାଇ ଦେଉଥିଲେ ।

ଏକ ଭୟଙ୍କର ବଦ୍ମାସୂଚକ ହସ ହସି ରାଜରାଣୀ କହିଲେ—"ବୁଝିଲୁ କେଶ ମା' ତୁମମାନଙ୍କର ସାତପୁରୁଷର ରକ୍ତରେ ଚୋରି—ତାକୁ ଯେତେ ଭଲରେ ରଖିଲେ କ'ଣ ତୁମେ ଚୋରି ଭୁଲି ପାରିବ ? ଭୁଲ ମୋର । କପାଳ ନୁହେଁ ଲୋ କେଶମା' । ତୋର ନୁହେଁ । ଆଉ କଳିଯୁଗ ରହିବ ନାହିଁ । ପାପ ପୁରିଆସିଲା ପରି ଗଲା—ଆଉ ଧରମ ରହିବ ନାହିଁ ।"

କେଶ ମା' କିଛି କହିଲା ନାହିଁ—ତାର କିଛି କହିବାର ନ ଥିଲା । ମୁହଁ ତଳକୁ କରି ବସି ରହିଲା । କେଶ କୁଆଡ଼କୁ ଗୁହ'ଙ୍କ ବୁଝି ନ ପାରି ବୁଢ଼ୀଟାକୁ ପଇସା ଗୋଟେଇବାର ଦେଖୁଥାଏ—ତାର ମନେ ହେଲା—ଇସ୍ ପଇସାଗୁଡ଼ାକ କେତେ ଚେହେରା—କେତେ ମଇଳା—କେଡ଼େ ଖରାପ ।

ରାଜରାଣୀ ଦୁନିଆ ପ୍ରତି ଅଭିଶାପ ଦେଲାପରେ କହିଗଲେ—"ଦେଖ୍ କେଶି ମା' ତୁ କୁଆଡ଼େ ଯିବୁ ନା—ମୁଁ ଥାନା ଦେଇ ପୋଲିସ୍‌ରେ ଧରେଇ ଦେବି—ତା ନ ହେଲେ ଛୁଆରଖିଆଙ୍କର ଜାଲରେ ଆଉ କେହି ରହି ପାରିବେ ନାହିଁ—ସଂସାର ଉଜୁଡ଼ି ଯିବ ।" ପୋଲିସ୍ ଇନ୍‌ସପେକ୍ଟରଙ୍କର ଘରଣୀ ପୋଲିସରେ ଖବର ନ ଦେଇ ଆଉ କେଉଁ ଉପାୟ କରିବେ ? ମଫସଲ ଯାଇଥିବା ସ୍ୱାମୀ ସକାଳ ଲେଉଟି ଫେରିବା ପୂର୍ବରୁ ପୋଲିସକୁ ଖବର ଦେଇଦେବା ଦରକାର । ତା ନ ହେଲେ ଅସୁବିଧା ହୋଇପାରେ । ନିଶିକାନ୍ତ ପୋଲିସ୍ ଥାନା ମଧ୍ୟରେ ପଶିବାକୁ ଖତ ହୋଇ ନ ପାରନ୍ତି । ତାଙ୍କୁ ପୋଲିସ୍ କରି ନ ଦେଲେ ଆଖି ମଧ୍ୟ ଦେଖି ଉଦେଳିର କ'ଣ ଉଦ୍ଧାର ହେବ ? ସମୟ ନଷ୍ଟ ନ କରି ସାଙ୍ଗେ ସାଙ୍ଗେ ପୋଲିସକୁ

ହ୍ରୋନ କରିଦେଲେ—ହଠାତ୍ ମନେ ପଡ଼ିଲ ଉପଯୁକ୍ତ ପ୍ରମାଣ ପାଇଁ ପଲିସ ଗୁଡ଼ାକ ସେଦିନ ଦସ୍ତ ହୋଇ ରହିଥିବା ଦରକାର । ଲମ୍ବାପାଟରେ ନିଶିକାନ୍ତ ବାବୁଙ୍କର ନାମ ଲେଖା ଅଛି । ଦୁହାଁଙ୍କୁ ଡାକି କହିଲେ—ପଲିସ ଗୁଡ଼ାଙ୍କୁ ସେପରି କଷ୍ଟ ନଦେବାକୁ— ଅଜକାଲେ କେଶ ମା' କୁଆଡ଼େ ଗୁଲିଯିବ— ତାକୁ ଜଗିବା ପାଇଁ ଦୁହାଁଙ୍କୁ ଜଣାଇ ଦେଲେ । ପନ୍ଦ୍ରସ ଗୁଡ଼ ବୁଲେଣ୍ଟ୍ ମୋଟ । କେଶ ମାକୁ ଦେଖେଇ ଦେଖେଇ କହିଲ—"ପ୍ରାଣ ଯାଉ ପଛେ ଶାଳଦର ନିମକ ହାରାମି କରି ପାରିବୁ ନି ଆଜ୍ଞା—"

କେଶ ମା' ବୁଝ, ଜର ଅଛି କି ନାହିଁ ତାର ସେ ଜ୍ଞାନ ରହିଲ ନାହିଁ । କୋଉଠି ଶୁଣିଲ କି କାଉ ଶୁଣିଲ ସେ ବିଷୟରେ ହୋସ ନାହିଁ । ଭୁବନାର କିଛି ଜାଣିବା ନାହିଁ—ସେ ଯିବ କୋଉଠି—କେଶ ରହିବ କୁଆଡ଼ି ? ଏହି ଚେଷ୍ଟାରେ ଭୁବନା, ତାର ସମସ୍ତ ପ୍ରାଣ ସମସ୍ତ ଶକ୍ତି ଦେଇ ଭାବୁଥିଲ । ରଜରାଣୀଙ୍କ ଆଗରେ କେଶଙ୍କୁ ଦେଖା ବୋଲି କହିବାର ତାର ସାହସ ନ ଥିଲ ।

ଇନ୍‌ସପେକ୍ଟର ଗୁଜେନ୍ଦ୍ର ନାରାୟଣ ସିଂହଙ୍କର ଭଉଣୀ, ବରିଷ୍ଠ ଉକିଲ ନିଶିକାନ୍ତ ତ୍ରିପାଠୀଙ୍କର ସହଧର୍ମିଣୀ, ଦେଓ୍ୱାନ ବାହାଦୁର ଓ ପଦ୍ମଭୂଷଣ ବାଇକିଶୋର ରଥ ସାମନ୍ତଙ୍କର କନ୍ୟା ଶ୍ରୀମତୀ ରଜରାଣୀଙ୍କ ଅନୁରୋଧରେ ମିନିଟ ପନ୍ଦର ଭିତରେ ସବ୍-ଇନ୍‌ସପେକ୍ଟର, ସହକାରୀ ସବ୍-ଇନ୍‌ସପେକ୍ଟର ଆଉ ଦୁଇଜଣ କନେଷ୍ଟବଲ ଜିପ୍ ଗାଡ଼ିରେ ଆସି ପହଞ୍ଚିଗଲେ । ଷ୍ଟେଟ୍‌ମେଣ୍ଟ ନେବାରେ ଡେରି ବା କ'ଣ ? ଗଡ଼ନୁଢେଇ ପୋଲିସ ଭଡ଼ାରେ ସଂକ୍ଷେପଣ କରି କେଶ ମାକୁ ଗାଡ଼ିଆଡ଼େ ନେଇଗଲେ—ତା ପଛରେ କେଶ—ରଜରାଣୀ ବାରଣ୍ଡା ଝରକାରେ ଛିଡ଼ି ଦେଖୁଥିଲେ । ପାଖରେ ଏନା କୋଉଁ ହାତରେ ପଇଁ ବାଉ ଭର୍ତିଥାଏ । ରଜରାଣୀ କେଶ ମା' ପଛରେ କେଶଙ୍କୁ ଦେଖି ହଠାତ୍ ଚମକି ପଡ଼ିଲେ—"ଆରେ ହତେଭ କେଶ ବ ଗୁଲିଯାଉଛି—ମାଗିଖିଆ ପିଲା ହେଲେ କ'ଣ ହେଲ ପିଲାଟି ଶାନ୍ତ ଶିଷ୍ଟ ଭଲ ଗୁଣର । ପେଟ୍ରିକୁ ଲୁଟେଇଦେବା ପରେ କେଶ ଗୁଲିଗଲେ ଘରର କାମ କ'ଣ ଯେ ହେବ ବୁଝିହେଉ ନାହିଁ । ସେ କୁଆଡ଼େ ଯାଉଛି ? ସେଇଠେଇଠୁ ଯାଏଁ ଅନ୍ୟାନ୍ୟ ଅନାଥ ବାଳକମାନଙ୍କରେ ସେ ଏପରି ବିଚଳିତ ହୋଇ ପଡ଼ିଥିଲେ ନିଜ କେଶ୍ କଥା ଏତେବେଳକେ ଭୁଲି ଯାଇଥିଲେ । ତା ମନେଥିଲେ ସେ କ'ଣ କରିଥାନ୍ତେ କେଜାଣି ?

କେଶ ଗୁଲିଯାଉଥିବାର ଦେଖି ତାଙ୍କର ଗ୍ରୁଞ୍ଚଟା କ'ଣ ହୋଇଗଲ । ସେ ଭାବିଲେ "ଆରେ ଛଉଟା ବ ଗୁଲିଗଲ—ତାକୁ ପଦେ କଥା ବ କହିଲନି— ପିଲଟା କି ନମକହାରାମ । ମାଗିଖିଆ ପିଲ, ତାର ଉଚିତ ବା ଆଉ କ'ଣ ହେବ ? ଯାଉ ରାସ୍ତାରେ ବୁଲି ବୁଲି ଛତର ଖାଉ—ଏଠି ବାବୁ ଆଜ୍ଞାଙ୍କର କହୁଥିଲ ?" ପଛରୁ କେଶଙ୍କୁ ଡାକିବାକୁ ସେ ଇଚ୍ଛା ନହେଉ ନଥିଲ ତା ନୁହେଁ କିନ୍ତୁ ତାଙ୍କର ଅଭିଜାତ୍ୟ, ପରମ୍ପରା ସେଥିରେ ବାଧା ଦେଲ ।

କେଶ ମା ଜିପ୍‌ରେ ବସିଲ—କେଶ ବ ତା ପାଖରେ ବସିଲ । ଚୁନା କହିଲ—ମା କେଶେ କ'ଣ ଜେଲ୍ ଯିବ ?

ମା କହିଲେ—"ନା, ନା କେଶ କାହିଁକି ଜେଲ ଯିବ ? କେଶ କ'ଣ ଚୋରି କରିଛି ? ତା ମା ଯିବା ଜେଲ ଯିବ ?"

ପୁଣି ଚୁନା ପଗ୍ୱରିଲ—"ତାହେଲେ କେଶ ରହିବ କୁଠି ?" ରଜରାଣୀ ଏଥର ଉତ୍ତର ଦେବାକୁ ସାହସ କରି ନ ଥିଲେ । ଅଳିଠା କାମରେ ପାଳିତ କେଶଟା ପ୍ରତି ପ୍ରବୃତ୍ତିରେ ତାଙ୍କର ବହୁତ ମାୟା ଆସି ଯାଇଥିଲ—ତେଣୁ ଏବେ ଦେଖି କହିବାକୁ ତାଙ୍କର ସାହସ ହେଉ ନ ଥିଲ । ତଡ଼ପାଇ କହିଲେ— କେଜାଣି କୁଠ ରହିବ ? ଦେଖୁରୁ ଗଲାବେଳକୁ ମୋ ଆଡ଼େ ଟିକିଏ ଆଉ ଅନାଇଲ ନାହିଁ । ଚକ୍ଷୁ ଲୁଚି ଦିହେବ, କହି ଘର ଭିତରକୁ ଗୁଲିଗଲେ । ପୁଣି ବାହାରକୁ ଆସିଲେ । ଜିପ୍ ଗାଡ଼ି ଗୁଲି ଗଲଣି । ସେ କଣ ଏପରି ଘରର ଖବର ଦେଇ ଭୁଲ କରିଛନ୍ତି ? କେଶଟା ମଧ ଗୁଲିଗଲ । ପେଟରେ ଭାବିଲେ ୯ ଭୁଲ କଣ ? ଚୋରର ଉପଯୁକ୍ତ ଶାସ୍ତି ମିଳିବା ଦରକାର । ପେଟ୍ରିକୁ ଲୁଟେଇଦେବା ପରେ କେଶ ଗୁଲିଗଲେ—ଭାଇନାଙ୍କଠୁ

ଶୁଣିଥିଲେ କିନ୍ତୁ ସ୍ୱାମୀଙ୍କଠାରୁ ଏ ବିଷୟରେ କେବେ ଟିକେ ଜାଣିବା ମାତ୍ର ନାହାନ୍ତି । ନୈତିକତା ଦୃଷ୍ଟିରୁ କୁଆଡ଼େ ଅନେକ ସମୟରେ ସ୍ତ୍ରୀଙ୍କୁ ସ୍ୱାମୀ କହିବା ଆବଶ୍ୟକ ନୁହେଁ କିନ୍ତୁ ସ୍ୱାମୀଙ୍କର ଏ କଥାଟା ତାଙ୍କ ମନକୁ ଲାଗି ନାହିଁ । ସେ ସାଧାରଣଙ୍କର କଥାଟା ଯେପରି ହୃଦୟଙ୍ଗମ କରି ପାରନ୍ତି, ସ୍ୱାମୀଙ୍କର କଥାଟା ସେପରି ନୁହେଁ । ତାଙ୍କଠାରୁ ହଠାତ୍ ଆଜି କାହିଁକି ଏ ପ୍ରକାର ଲୁଚାଛପା ଦେଖା ଦେଲା ! ତାଙ୍କର ମନେ ହେଲା ସ୍ୱାମୀ ଶୁଣିଲେ କଥାଟାକୁ ନିଶ୍ଚୟ ଅପସନ୍ଦ କରିବେ । କହିବେ—କେଉଁଠିକା ଝିଅଟା ପାଇଁ କେଶ ମା' କେଶକୁ ପୋଲିସରେ ଦେଲ । ସେତେବେଳେ ତ ତାଙ୍କର ଏଥି ଭାରି ଅନାବଶ୍ୟକ ହୋଇ ଯାଉଛି । କେଶ ପରି ପିଲାଟା କୁଆଡ଼େ ଯିବ ? ତାର ଡଗ ଡଗ ଆଖି ଦୁଇଟା, ଥାକୁଲି ଥାକୁଲି ବାଳଟା, ଧଳ ଧଳିଆ ମୁହଁଟା, ଆଖିରେ କାଜଳ—କିନ୍ତୁ କେଉଁ ମା'ଟା ସେ ନିମକ ହାରାମୀ—ଚୋରୁଣୀ, ଆଦୃଷ୍ଟ ଚେଷ୍ଟା କରି-ଥାନ୍ତା । ଚୋରୁଣୀ ସେ, ସେ ଚେକେତେ କଥା କରି ପାରିଥାନ୍ତା । ତାକୁ ଦେଖା ଦେଖି ଅନ୍ୟମାନେ ଚେଷ୍ଟା କରନ୍ତେ—ତାକୁ ଆଉ କେହି ଖାତିର କରନ୍ତେ ନାହିଁ । ଭଲ ହୋଇଛି ତାକୁ ବନ୍ଦୀ କରି ଦେଇଛନ୍ତି କିନ୍ତୁ କଥାର ମୀମାଂସା ହେଲା ପରେ ପରେ ବି ପୁଣି ସେହି ଅମୀମାଂସିତ କେଶର କଥା ।

ମନକୁ ବୁଝାଇଲେ । ମାଟିଖିଆର ପିଲାଟା । ସେ ମୋର କିଏ ? ତା କଥାରେ ମୋର ଏତେ ଗରଜ ପଡ଼ିଛି କାହିଁକି ?

ସୁଖାସନ ଉପରେ ଉଠି ଉଠିଲେ । ସନ୍ଧ୍ୟାରେ ଫେରି ନାହାନ୍ତି । ସୁନାର ଉପରେ ରାଗ । ସେ ବାଣ୍ଟିଏ ହେଲା କୁଆଡ଼େ ଯାଇଥିଲ ବୋଲି । ହୁନା ଉପରେ ରାଗ । ସେ କାହିଁକି ପଠାଇଲ । ତାଙ୍କୁ ଖେଳାଇ ଚୋଡ଼େଇ ଖାଇବ କେମିତି । ସ୍ୱାମୀଙ୍କ ଉପରେ ରାଗ ସେ ସେତେବେଳଯାଏ ଘରକୁ ଫେରି ନାହାନ୍ତି । ଦମ ଦମ ଭମ ଭମ ହୋଇ ଶେଯଟାରେ ବସିଲେ ବିଶ୍ରାମ ନେଲେ । ଅନିର୍ଦ୍ଦିଷ୍ଟ ଚିନ୍ତା ଛଡ଼ା ଅନ୍ୟ କୌଣସି ଭାବନା ତାଙ୍କର ନ ଥିଲା ।

କିଛି ସମୟ ପରେ ନିତିକାନ୍ତ ବାବୁ ଘରକୁ ଫେରିଲେ । ଝିଅଟାକୁ ଉଜ୍ଜ୍ୱଳ ଉଜ୍ଜ୍ୱଳ ହୁନା ଟୋପାଟାଇ ଟୋପାଟାଇ ଯାଇ ଖବର ଦେଲା ଯେ କେଶ ଓ ତା ମା'କୁ କନଷ୍ଟେବଲ୍ ହାଜତରେ ବସାଇ ନେଇ ଯାଇଛି । ନିତିକାନ୍ତ ବାବୁ ହଠାତ୍ କିଛି ବୁଝି ନ ପାରି ହୁନାର ଗୋଡହାତରେ ବନ୍ଧା ହୋଇଥିବା ପଟି କଥା ପଚାରିଲେ । ଘରକୁ ପଶି ହୁନା କେଶ କଥା କ'ଣ କହୁଛି ବୋଲି ପଚାରିଲେ । ସଞ୍ଜଘଣ୍ଟି ଟିକେ ଗୁମ୍ ମାରି କହିଲେ "ଆଉ ହବ କଣ, କେଶ ମା ଚୋରି କରି ଧରା ପଡ଼ିଲା—ପୋଲିସ୍ ଆସି ଚୋରୁଣୀକୁ ଧରି ନେଇଛି । ଆଉ କେଶ ତା ସାଙ୍ଗେ ସାଙ୍ଗେ ଗୁଡ଼ିଲା । ମୁହଁ ଫେରାଇ ମୋ ଆଡ଼େ ଟିକିଏ ଚାହିଁଲା ନାହିଁ ମଧ୍ୟ । ଭାରି ନିମକ ହାରାମ ମା ପୁଅ ।" ଏତକ କହି ଝରକା ଆଡ଼େ ମୁହଁ ଫେରାଇ ରହିଲେ । ତାଙ୍କ ଆଖିରୁ ସହଜରେ ଲୁହ ବାହାରେ ନାହିଁ । ନିତିକାନ୍ତ ଘଟଣାଟି ଶୁଣି ସେତେବେଳେ ଆଶ୍ଚର୍ଯ୍ୟ ନ ହେଲେ ସ୍ତ୍ରୀଙ୍କର ଅନ୍ତର୍ଗତ ଦୁଃଖ ମିଶ୍ରିତ ରାଗ, ଲମ୍ବା ହେବା ଅଭିମାନର ଟେର ପାଇ ସେତେବେଳେ ବେଶ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର ବୁଝିବାର ବାକି ରହିଲା ନାହିଁ ଯେ କେଶ ଉପରେ ତାଙ୍କ ହୃଦୟ ଅଭିମାନରେ ଭରି ଯାଇଛି । ସ୍ତ୍ରୀଙ୍କର କଠିଣ ହୃଦୟ ଭିତରେ ସହାନୁଭୂତିର ଭଲରୁ ଧାରର ସନ୍ଧାନ ପାଇ ସେ ଖୁବ୍ ଖୁସି ହେଲେ । କେଶର ଗୁଳିଟିବା କଥାରେ ସେ ବଡ଼ ମର୍ମାହତ ହେଲେ । ଦୁଇଥର ପଚାରିଲା ପରେ ଟିକିଏ ଟିକିଏ କରି ସ୍ତ୍ରୀଙ୍କଠାରୁ ସମସ୍ତ ଘଟଣାଟି ଶୁଣିଲେ । ଟିକିଏ ରୁକ୍ଷ ସ୍ୱରରେ କହି ଉଠାଇଲେ—"ସାମାନ୍ୟ ସାତ ଅଠାଟଙ୍କା ପାଇଁ ଏତେ ବଡ଼ କାଣ୍ଡ କରି ପକାଇଲ !"

ସଞ୍ଜଘଣ୍ଟି କିଛି କହିଲେ ନାହିଁ । ପ୍ରଥମଥର ପାଇଁ ସେ ହାର ମାନିଲେ । କେଶ ପିଲାଟି ପାଇଁ ସିନା ତାଙ୍କର ଏପରି ପରାସ୍ତ ହେଲା । ଅଥଚ ପିଲାଟା ଥରୁକୁ ଟିକିଏ ଚାହିଁଲା ବି ନାହିଁ । ଏହି କଥା ପଦକ ଶହ ଶହ ଥର ତାଙ୍କ ମନରେ ଧକ୍କା ଦେଇଗଲା । ତଥାପି ତାର ଆକାଂକ୍ଷା ତାଙ୍କ ହୃଦୟ ଭିତରେ ଦୁଃଖର ପ୍ରତିଧ୍ୱନି ସୃଷ୍ଟି କରୁଥାଏ ।

ନିଶିକାନ୍ତବାବୁ ପୋଷାକ ଖୋଲି ଧୁଆଧୋଇ ହୋଇ ଖାଇବା ଲାଗି ଆସନରେ ଯାଇ ବସିଲେ। ଟୁନାକୁ ଡାକିଲେ ଖାଇବା ପାଇଁ। ରଜନୀ ଖଟରେ ସେମିତି ପଡ଼ି ଥାଆନ୍ତି। ସ୍ୱାମୀଙ୍କର ଗତାନୁଗତିକ ଅବିଚଳିତ ବ୍ୟବହାରରେ ସେ କ୍ଷୁବ୍ଧ ତଥା ଅପମାନିତା ହେଲେ। କେଡ଼େ ନିଷ୍ଠୁର ସ୍ୱାମୀ ତାଙ୍କର! ପିଲାଟା ଏତେବେଳ ଧରି ଘରେ ଟୁଆରୁ ମୁହଁରେ ଥାକୁଲ ଥାକୁଲ ନେଗାଲ ମୁହଁଟି ବାଢ଼ି ଦୁଲୁଥାଏ। ଅଥଚ କୁଆଡ଼େ ଯାଇ ବାସ୍ତହାସ୍ତ ଭାବରେ କେଉଁକ ଜପାସରେ ରହିଲା ସେ, ସେ ବିଷୟରେ ପଦେ ବି କଥା ସେ ପଚାରିଲେ ନାହିଁ। ତାଙ୍କ ସାଙ୍ଗରେ ପଦେ ମଧ୍ୟ ସେ ବିଷୟରେ ଆଲୋଚନା କଲେ ନାହିଁ। ତାଙ୍କ ସ୍ୱାମୀଙ୍କର ହୃଦୟଟା କ'ଣ ପଥରରେ ତିଆରି? ସ୍ୱାମୀଙ୍କ ଆସିବାକୁ ସେ ବଡ଼ ଆଶାରେ ଅପେକ୍ଷା କରିଥିଲେ କିନ୍ତୁ ତାଙ୍କର ବ୍ୟବହାରରେ ସେ ନିଜକୁ ନିଃସହାୟା ମନେ କଲେ। କେଉଁ ପିଲାଟା ଗଲା କୁଆଡ଼େ? ଏହି ପ୍ରଶ୍ନଟିର ଉତ୍ତର କ'ଣ ତାଙ୍କୁ ଏକା ଏକା ଦେବାକୁ ହେବ। ଟୁନାର ମା' ହୋଇ ଠିକ୍ ଟୁନାପରି ପିଲାଟାକୁ କେବଳ କୋଳରେ ବୁଲାଇବେ। ନା—ସେ ସେତେବେଳେ ଏଥିପାଇଁ ଦାୟୀ—ସେ ନିଜେ କିଛି ନା କିଛି ଗୋଟାଏ ବ୍ୟବସ୍ଥା କରିବେ।

ରଜନୀ ଖଟରେ ଉଠି ବସିଲେ। ଜୋର୍ ଗଳାରେ ଟିକିଏ ରୁକ୍ଷତା ପ୍ରକାଶ କରି ସ୍ୱାମୀଙ୍କୁ କହିଲେ—ଖାଇବସିଲ କ'ଣ ମ—ଟିକିଏ ପୋଲିସ୍ ଷ୍ଟେସନକୁ ଫୋନ୍ କରି ବୁଝନ୍ତ ନି—କେଉଁଠା କ'ଣ ହେଲା? କୋଉଠି ଅଛି ସେ? ତା ମା'ଟା ସିନା ସ୍ୱୈରିଣୀ—ପିଲାଟା ତ ନିରପରାଧ। ବାପ ଦେଖେନ୍ତି—ତା କଥା ଟିକିଏ ପଚାରିଲେ ତୁଅନ୍ତା ନାହିଁ?

ନିଶିକାନ୍ତ ବାବୁ ବୋଧହୁଏ ଏଥିପାଇଁ ଅପେକ୍ଷା କରୁଥିଲେ। ସ୍ତ୍ରୀ ଏବେ କିଛି ଗୋଟାଏ କଥା କହିବେ ବୋଲି ସେ ବେଶ୍ ଅନୁଭବ କରି ପାରୁଥିଲେ। ତେଣୁ ଟିକିଏ ଅପେକ୍ଷା କରୁଥିଲେ ମାତ୍ର ତାଙ୍କର ଅନୁମାନ ଠିକ୍ ହେଲା।

ନିଶିକାନ୍ତ ବାବୁ ଫୋନ୍ କରି ବୁଝିଲେ—ଟୁନାଟି ଏବେ ବେଶୀ ଦୁର୍ବଳ ଓ ଶୋକାକ୍ରାନ୍ତ ହୋଇ ପଡ଼ିଥିଲା ସେ ଭୟରେ ପୋଲିସ୍ ତାକୁ ପୋଲିସ ଷ୍ଟେସନରୁ କାଢ଼ିଦେଇ ନେଇ କିଛି ଦୂରରେ ଛାଡ଼ିଦେଇ ଆସିଲେ। କାଳେ ପୋଲିସ ଷ୍ଟେସନରେ ମରିଯାଇ ଥିବ ବୋଲି ସେମାନଙ୍କର ସାହସ ହେଲା ନାହିଁ ତାକୁ ତୁରନ୍ତ ରଖିବାରେ। ଆଉ ପିଲାଟା ତା ପାଖରେ ଥିଲା। ତା ବିଷୟରେ ସେମାନେ ଆଉ କିଛି କହିପାରିବେ ନାହିଁ।

ନିଶିକାନ୍ତ ସ୍ତ୍ରୀଙ୍କୁ ସବୁକଥା କହିଲେ। ହଠାତ୍ ଦୁଇଜଣଙ୍କ ମୁହଁରୁ ସେଇ ନିଗାଡ଼ିଏ କଥା ବାହାରିଲା। ଗୁଲି ତ ହେଲେ ରାସ୍ତାରେ ଟିକିଏ ଦେଖିବା କେଉଁଠା କ'ଣ କରୁଛି। ରଜନୀ କହିଲେ "ପାଇଲେ ତାକୁ ଘରକୁ ନେଇ ଆସିବା। ଆହା ବିଚରା ନିରପରାଧ ବାପା ଛେଉଣ୍ଡ ପିଲାଟା।" ରଜନୀ ବେଶ୍ ଟିକିଏ ବଡ଼ ପାଟିରେ ଏତକ କହି ପକାଇଲେ। ସେତେବେଳେ ତାଙ୍କ ନିଶିକାନ୍ତ ବାବୁଙ୍କର ହୃଦ୍ ଆନନ୍ଦ ହେଲା, ସ୍ତ୍ରୀଙ୍କ ଠାରୁ ଏହି ନିକଟତମ ପଦେ ଶୁଣି। ସତରେ ସେ ଆଜିଯାଏ ସ୍ତ୍ରୀଙ୍କୁ କେତେ ଭୁଲ ବୁଝିଥିଲେ।

ସ୍ୱାମୀ ସ୍ତ୍ରୀ ଉଭୟ ଜଣ ସାଙ୍ଗ ସାଙ୍ଗେ ବାହାରି ପଡ଼ିଲେ। ଘର ଗୋଟାଏ ଖୋଲାରି ଖିଆଲ ନାହିଁ। ବୈଶାଖ ମାସର ଝାଞ୍ଜି ପ୍ରଭାବ ଖାତିର ନାହିଁ। ନିଶି-କାନ୍ତ ବାବୁଙ୍କର ପିଆ ହୋଇନାହିଁ—ରଜନୀଙ୍କ ନିଜର ଖାଇବା କଥା ଏକାବେଳକେ ଭୁଲି ଯାଇ-ଥିଲେ। ଟୁନାକୁ ଖାଇବାକୁ ଦେଇ ଦେବ ବୋଲି ଚାକରକୁ କହି ବାହାରିଗଲେ। ରାସ୍ତାରେ ବସି ଦୁଇଜଣ ନୀରବରେ ବୁଲିଗଲେ। କିନ୍ତୁ ଏ ନୀରବତା ଭିତରେ ପରସ୍ପରକୁ ସେମାନେ ଯେତେ ଭଲ ଭାବରେ ବୁଝି ପାରୁଥିଲେ—ବହୁ ଯୁଗ ତର୍କ ବିତର୍କ ଦେଇ ଗତ ଆଠବର୍ଷ ଭିତରେ ଏପରି କେବେହେଁ ବୁଝି ନ ଥିଲେ। ପୋଲିସ ଷ୍ଟେସନଠାରୁ ନୋଇଲିଣ କହିଥିବା ରାସ୍ତାରେ ବୁଲିଲେ। କେତେ ଗଳି କନ୍ଦିରେ ପଶିଲେ। କେତେ ଲୋକଙ୍କୁ ପଚାରିଲେ—କେତେ ଛୁଆ ପିଲାଙ୍କୁ ଝିଙ୍କିମାରିଲେ। କେତେ ଟଙ୍କ ଉଳକ ଗୁହାଁରିଲେ। କେତେ ପାର୍କ ନାଳିସ୍ଥାନ ଖୋଜିଲେ। ଯାତ୍ରା ଗଣ୍ଡରେ ବହୁତ ଲୋକ ପାଇଲେ। କେତେ ମା'ଙ୍କୁ ନିଜ ସନ୍ତାନଙ୍କୁ ଗେହ୍ଲା କରିବାର ଦେଖିଲେ—କେତେ ପିଲାଙ୍କୁ ଖେଳିବାର ଦେଖିଲେ

କିନ୍ତୁ କେଶ ଓ କେଶବ ମା'ଙ୍କୁ ଆଉ ପାଇଲେ ନାହିଁ । ସନ୍ଧ୍ୟା କଟିଲା ମହିଷ ସନ୍ଧ୍ୟା କଟିଗଲା ହେଁ ଫେରିଗଲେ ।

ସଖୀମାନଙ୍କୁ ଘରକୁ ଫେରିଲା ବେଳେ ଗୋପରମଣୀଙ୍କ ମୁହଁରୁ ଶୁଣାଗଲା—"କେଶବ ହେ ମଧୁ-ସୂଦନ ଗଲ—ତାହା ବୋଲେ ନଳ ପୁଣି ବାନ୍ଧିତ ନଇଲ ଲେ ଭୋଇଲା । ଆଜି ବାନ୍ଧିତ ନଇଲ ଭୋଇଲା ।"

ଡକ୍ଟର ରାଧାନାଥ ରଥ

"ଆକାଶ-ବାଣୀ—କଟକ"

[ଡାଇରେକ୍ଟର ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ]

ପ୍ରୋ-ଆ—ଆଜ୍ଞା, ସକାଳେ ଦିଲ୍ଲୀ ବେତାର କେନ୍ଦ୍ରରୁ ଆପଣଙ୍କୁ ଫୋନ କରି କହାଇଥିଲେ ।

ଡାଇରେକ୍ଟର—ଶୋକ ଦିବସ ପାଳନ କାହାରି ଗଲେ ତିନି ଦିନ ଫୋନ୍ କଲ୍ ଆସିବ ।

ପ୍ରୋ-ଆ—ଫୋନ୍ ଲଗ୍ ହୋଇଛି—ଦିଲ୍ଲୀର ସମ୍ବାଦ ପତ୍ରିକାମାନେ ହଠାତ୍ ଧର୍ମଘଟ କରିଛନ୍ତି ।

ଡାଇରେକ୍ଟର—ଖବର ପଢ଼ିବା ବେଳେ ଜଣାଇ ଦେବ ।

ପ୍ରୋ-ଆ—ଆଜ୍ଞା, ଦିଲ୍ଲୀରୁ News relay ହେଉନାହିଁ ।

ଡାଇରେକ୍ଟର—ସେଇ ସମୟରେ ତା ସ୍ଥାନରେ ରେକର୍ଡ ବଜାଅ ।

ପ୍ରୋ-ଆ—ଫୋନ୍‌ରେ ନିର୍ଦ୍ଦେଶ ଦିଆ ହୋଇଛି—Give news as if relayed from Delhi. ଦିଲ୍ଲୀ ବେତାର କେନ୍ଦ୍ରରେ ଯେ ଧର୍ମଘଟ ହୋଇଛି, ଏ କଥା ସେମାନେ ଜଣାଇବାକୁ ଚାହୁଁନ୍ତି ନାହିଁ ।

ଡାଇରେକ୍ଟର—ବର୍ତ୍ତମାନ ସନ୍ଧ୍ୟା ହେଲାଣି । ସକାଳେ ଖବର ହେଲା କିପରି ?

ପ୍ରୋ-ଆ—କାଲି ଜଣେ ପ୍ରବୀଣ ନେତା ମରିଥିଲେ ।

ଡାଇରେକ୍ଟର—ମରିବେ ନାହିଁ ? ଅଶୀ ବର୍ଷ ବୟସ ହୋଇଥିଲା ।

ପ୍ରୋ-ଆ—ସକାଳେ ଆଜି ଖବର ବେଳେ କେବଳ ଶୋକବାର୍ତ୍ତା ପଢ଼ିଲି—ସେ ଦେଶର ପ୍ରକୃତ ସେବକ ଥିଲେ, ତାଙ୍କ ମୃତ୍ୟୁରେ ଦେଶର ଅପୂରଣୀୟ କ୍ଷତି ହେଲା, ସେ ଜଣେ ନିଷ୍ଠାବାନ କର୍ମୀ ଥିଲେ ସେ ଜଣେ ମହାନ ପଣ୍ଡିତ ଥିଲେ, ସେ ଜଣେ ସ୍ୱଦେଶ ପ୍ରେମିକ ଓ ଉଚ୍ଚମାନଙ୍କ ଥିଲେ । ସେ ଜଣେ –

ଡାଇରେକ୍ଟର—ଆଉ ଜଣାଇବା ଦରକାର ନାହିଁ ।

ପ୍ରୋ-ଆ—"ସେ ଜଣେ ସ୍ୱାଧୀନତା ସଂଗ୍ରାମର ଯୋଦ୍ଧା ଥିଲେ ।"

ଡାଇରେକ୍ଟର—ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବାର କଥା ନାହିଁ, ଏ କଥା କହୁଛ ତ ?

ପ୍ରୋ-ଆ—ଲୋକେ ଟେଲିଫୋନ କରୁଛନ୍ତି, ଆଜି ଶୋକ ପ୍ରକାଶ ଦରକାର ନାହିଁ ।

ଡାଇରେକ୍ଟର—Idiot !

ପ୍ରୋ-ଆ—କାହାକୁ କହୁଲେ ? ମୋତେ ନା ରେଡ଼ିଓ ଶ୍ରୋତାମାନଙ୍କୁ ?

ଡା: ଇ—ଜଣେ ରାଜନୀତିବିଦ ବହୁକାଳ ବଞ୍ଚିଥିଲେ । ବଞ୍ଚିଥିବା ବେଳେ ଅନ୍ତତଃ ହଜାରଥର ବକ୍ତୃତା ଦେଇଥିଲେ ଓ ଲୋକେ ବିନା ପ୍ରତିବାଦରେ ଶୁଣିଥିଲେ । ଆଉ ଦିନକ ପାଇଁ ଶୋକ ବାର୍ତ୍ତା ଶୁଣିବାକୁ ଆପତ୍ତି କରୁଛନ୍ତି ।

ପ୍ରୋ: ଆ:—ରାତି ସାତଟା ପନ୍ଦର ମିନିଟରେ ତୁଆ ଖବର ଦେବା ଦରକାର ।

ଡା: ଇ:—ଦଶମିକ ଫର୍ମୁଲା ପ୍ରୟୋଗ କର ।

ପ୍ରୋ: ଆ:—ସେଇଟା କଣ ?

ଡା: ଇ:—ଯେତେବେଳେ ଖବର କିଛି ନ ଥାଏ । ଏଇ ଫର୍ମୁଲା ବ୍ୟବହାର କରା ହୁଏ ।

ପ୍ରୋ: ଆ:—ସଂବାଦ ପ୍ରଚାରର ମଧ୍ୟ ଫର୍ମୁଲା ଅଛି ?

ଡା: ଇ: ବାର୍ତ୍ତା ପାଇଁ ଦଶ ମିନିଟ ଆଉ ସଂବାଦ ପାଇଁ ପାଞ୍ଚ ମିନିଟ ଟାଇମ୍ ଦେବ ।

ପ୍ରୋ: ଆ:—ଦଶ ମିନିଟ ଧରି ବାର୍ତ୍ତା ଦେବି ?

ଡା: ଇ:—ହଁ, ଫର୍ମୁଲା ହେଲା—ପ୍ରଧାନ ମନ୍ତ୍ରୀ ତିନି ମିନିଟ କହିବେ, ରାଷ୍ଟ୍ରପତି ଦେଢ ମିନିଟ । ଅନ୍ୟ ମନ୍ତ୍ରୀମାନେ ଆଉ ରାଜ୍ୟ ମନ୍ତ୍ରୀମାନେ ତିନି ମିନିଟ ଧରି କହିବେ । ସେଥିରେ ଡକ୍ଟର କେଶକାର ଆଉ ମେନନ ସାହେବ ଅଗ୍ରାଧିକାର ପାଇବେ । ଆଉ କେତେ ମିନିଟ ରହିଲା ?

ପ୍ରୋ: ଆ:—ଆଉ ଅଢାଇ ମିନିଟ ରହିଲା ।

ଡା: ଇ:—ଏଦି ଅଢାଇ ମିନିଟରେ ଉପରାଷ୍ଟ୍ରପତି ଆଉ ରାଜ୍ୟର ମୁଖ୍ୟ ମନ୍ତ୍ରୀମାନେ କହିବେ । ସେମାନେ କିଛି ନ କହିଲେ ପାର୍ଟି ନେତାମାନଙ୍କୁ chance ଦିଆ ଯିବ ।

ପ୍ରୋ: ଆ:—ଅଚ୍ଛା, ଫର୍ମୁଲାର ବ୍ୟବହାର ଠିକ ବୁଝି ପାରିଲି ନାହିଁ ।

ଡା: ଇ:—ତୁମର କିଛି ହବ ନାହିଁ ଦେଖୁଛି । ମନେ କରାଇ ଦେବ, ତୁମର Character Rollରେ ଲେଖି ଦେବି Intelligence below average

ପ୍ରୋ: ଆ:—ଆପଣ ଥରେ ବୁଝେଇ ଦେଲେ ଫର୍ମୁଲା ମନେ ରହିବ ।

ଡା: ଇ:—ବେଶ୍, ପ୍ରଥମେ ନେହରୁଜୀ କହିବେ ।

ପ୍ରୋ: ଆ:—ସେ ଗୋଟିଏ ବକ୍ତୃତା ଦିଅନ୍ତୁ ।

ଡା: ଇ:—ବକ୍ତୃତାଟା ତିନି ଭାଗରେ ଭାଗ କର । ପ୍ରଥମ ଭାଗରେ ଧ୍ରୁବ—"ପ୍ରଧାନ ମନ୍ତ୍ରୀ କହିଲେ" । ଦ୍ୱିତୀୟ ଭାଗର ଆରମ୍ଭରେ ଥିବ—"ଆଉ କହିଲେ" । ସେ ତୃତୀୟ ଭାଗରେ "ସେ ଆହୁରି କହିଲେ" । ପ୍ରଧାନ ମନ୍ତ୍ରୀ କି ବିଷୟରେ କହିବେ ?

ପ୍ରୋ: ଆ:—ତା'ତ ଆପଣ କରି ନାହାନ୍ତି ।

ଡା: ଇ:—ପ୍ରଧାନ ମନ୍ତ୍ରୀ ଗୋଟିଏ କିଛି ଉଦ୍‌ଘାଟନ କରନ୍ତୁ ।

ପ୍ରୋ: ଆ:—ହସ୍ତ ଶିଳ୍ପ ପ୍ରଦର୍ଶନୀ ?

ଡା: ଇ:—ନା, କୋଠ ଚାଷ, ପ୍ରଦର୍ଶନୀ, ଏଇଟା ହେଲା ଏ ବର୍ଷର slogan

ପ୍ରୋ: ଆ:—slogan କଣ ?

ଡା: ଇ:—ପ୍ରତି ବର୍ଷରେ ଗୋଟିଏ slogan ଥାଏ । ଅତୀତରେ ଥିଲା ଅପଦ୍ଧଶୀଳ, ବୁଦ୍ଧ ଜୟନ୍ତୀ, ଭାରତୀୟ ବିଦ୍ରୋହ । କଣ କହୁଥିଲି, "ନେହରୁଜୀ କୋଠଚାଷ ପ୍ରଦର୍ଶନୀ ଉଦ୍‌ଘାଟନ କରି କୋଠ ଚାଷର ପ୍ରୟୋଜନ ବୁଝାଇ କହିଲେ" । ଲେଖି ନେଉଛ ତ ?

ପ୍ରୋ: ଆ:—ଅଚ୍ଛା, ଏଥିରେ "ସେ କହିଲେ" ଅଂଶ କହି ଦିଅନ୍ତୁ ।

ଡା: ଇ:—ଏ ଅଂଶରେ ସେ ଦେଶର ଏହି ସଂକଟମୟ ମୁହୂର୍ତ୍ତରେ ଜାତୀୟ ଏକତାର ପ୍ରୟୋଜନ ଅଛି. ଏ କଥା କହିଲେ, ଗଲା ଚାକିରୀ ?

ପ୍ରୋ: ଆ:—କଣ ହେଲା Sir ?

ଡା: ଇ:—ପ୍ରଦର୍ଶନୀ ଉଦ୍‌ଘାଟନ ଆଗରେ କଣ ହେଲା, ଲେଖିଲ ନାହିଁ ?

ପ୍ରୋ: ଆ:—କଣ ହୋଇଥିଲା ?

ଡା: ଇ:—ତା' ମଧ୍ୟ କହିବାକୁ ପଡ଼ିବ ? ଲେଖ, ରାସ୍ତାର ଦୁଇ କଡ଼ରେ ହଜାର ହଜାର ଲୋକ ଛିଣ୍ଡ ହୋଇଥିଲା । ପ୍ରଧାନ ମନ୍ତ୍ରୀଙ୍କୁ ଦେଖି ସମବେତ ଜନତା ବିପୁଳ ଜୟଧ୍ୱନି କଲେ ।

ପ୍ରୋ: ଆ:—ଏଥର, "ସେ ଆହୁରି କହିଲେ" ଅଂଶ

ଡା: ଇ:—ସେ ଆହୁରି କହିଲେ, "ଶୀତଳ ଯୁଦ୍ଧର ଧୀରେ ଧୀରେ ଅବସାନ ହୋଇଛି । କାରଣ ବିଶ୍ୱବାସୀ କ୍ରମେ ଶାନ୍ତିପୂର୍ଣ୍ଣ ସହ ଅବସ୍ଥାନର ନୀତି ଗ୍ରହଣ କରୁଛନ୍ତି" ।

ପ୍ରୋ:ଆ:—ତିନି ମିନିଟ କଟିଲା ।

ଡା: ଆ:—ଏଥର ରାଷ୍ଟ୍ରପତି । ସେ ଗୋଟିଏ ବାଉଁ ଆଉ ଗୋଟିଏ ଶୁଭେଚ୍ଛା ଦିଅନ୍ତୁ । ବାଉଁ କାହାକୁ ଦେବେ ?

ପ୍ରୋ: ଆ:—ଆଜ୍ଞ, ରାଷ୍ଟ୍ରଭାଷା ପ୍ରଚାର ସମିତିକୁ ।

ଡା: ଇ:—ରାଷ୍ଟ୍ରଭାଷା ପ୍ରଚାର ସମିତିକୁ ଅନେକଥର ବାଉଁ ଦେଇଛନ୍ତି । ଲେଖ, ପ୍ରାଥମିକ ଶିକ୍ଷକ ସମ୍ମିଳନୀକୁ ଗୋଟିଏ ବାଉଁ ପଠାଇ ରାଷ୍ଟ୍ରପତି କହିଲେ—"ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଯେ ତ୍ୟାଗର ଆଦର୍ଶରେ ଅନୁପ୍ରାଣିତ ହୋଇ ଶିକ୍ଷା ଦାନକୁ ଜୀବନର ବ୍ରତ ବୋଲି ଗ୍ରହଣ କରିବେ, ଏ ବିଷୟରେ ତାଙ୍କର ତିଳେ ହେଲେ ସନ୍ଦେହ ନାହିଁ ।

ପ୍ରୋ: ଆ:—ଏଥର ଶୁଭେଚ୍ଛା ।

ଡା: ଇ:—ଲେଖ, ମରକ୍ୱୋର ଜାତୀୟ ଦିବସ ଉପଲକ୍ଷେ ରାଷ୍ଟ୍ରପତି ଗୋଟିଏ ଶୁଭେଚ୍ଛା ପଠାଇ ଭାରତ ଆଉ ମରକ୍ୱେ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଆହୁରି ଘନିଷ୍ଠ ହେବ, ଏହି ଆଶା ପୋଷଣ କରିଥିଲେ ।

ପ୍ରୋ: ଆ:—ସାଢ଼େ ଚାରି ମିନିଟ ଗଲା ।

ଡା: ଇ:—ଏଥର ମନ୍ତ୍ରୀମାନଙ୍କର ବାଉଁ ଦେବାର ପାଳି । ଡକ୍ଟର କେଶ୍‌କାର ଆଉ ମେନନ୍ କହନ୍ତୁ ।

ପ୍ରୋ: ଆ:—ଆଗେ ଡକ୍ଟର କେଶ୍‌କାର ?

ଡା: ଇ:—ନିଶ୍ଚୟ । ସେ ହେଲେ ଆମର ମାଲିକ, ଗୋଟିଏ ସଙ୍ଗୀତ ସମ୍ମିଳନୀରେ ପ୍ରଧାନ ଅତିଥି ହୁଅନ୍ତୁ ।

ପ୍ରୋ: ଆ:—ସଙ୍ଗୀତ ସମ୍ମିଳନୀ କେଉଁଠି ଅନୁଷ୍ଠିତ ହେଲା ?

ଡା: ଇ:—ମାଦୁରାଇରେ

ପ୍ରୋ: ଆ:—ମାଦୁରାଇରେ କାହିଁକି ?

ଡା: ଇ:—ତୁମେ ଲେଖି ଯାଅ । ନା-ନା- ଲେଖନା—

ପ୍ରୋ: ଆ:—କାହିଁକି ? କଣ ହେଲା ?

ଡା: ଇ:—"ବିପୁଳ ଜୟଧ୍ୱନି" add କରିବାକୁ ପଡ଼ିବ ।

ପ୍ରୋ: ଆ:—"ଜଜୟ ଧ୍ୱନି" ହୋଇ ଯାଉଛି ।

ଡା: ଇ:—ତା ହେଲେ "ହର୍ଷ ଧ୍ୱନି" ଲେଖ । "ବିପୁଳ ହର୍ଷଧ୍ୱନି" ପରେ ଡକ୍ଟର କେଶକାର ପ୍ରଧାନ ଅତିଥିର ଆସନ ଗ୍ରହଣ କଲେ ।

ପ୍ରୋ: ଆ:—ସେ କଣ କହିଲେ ?

ଡା: ଇ:—ସେ କହିଲେ—"ଭାରତ ନାଟ୍ୟମ୍ ଦକ୍ଷିଣ ଭାରତର ଗୋଟିଏ ବିଶିଷ୍ଟ ଅବଦାନ"

ପ୍ରୋ: ଆ:—ଏଥର ମେନନ୍ କହିବେ ।

ଡା:ଇ—ସେ କହିଲେ—"କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ" ।

ପ୍ରୋ:ଆ—କାହାକୁ କହିଲେ ?

ଡା:ଇ—ଧର, ଘାନା ଠାରୁ ଆଗତ ସାମ୍ବାଦିକ ଦଳକୁ ସେ ଏକଥା କହିଲେ ।

ପ୍ରୋ:ଆ—କିନ୍ତୁ ମେନନ୍ ସେମାନଙ୍କୁ କାହିଁକି କହିବାକୁ ଗଲେ ?

ଡା:ଇ—"କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ—ଏଇଟା ହେଲା ମେନନ୍‌ଙ୍କ ଉପାଧି । ସେପରି ମହାତ୍ମା ଗାନ୍ଧୀ, ଉତ୍କଳ ମଣି ଗୋପବନ୍ଧୁ ।

ପ୍ରୋ:ଆ—ଉପାଧି ?

ଡା:ଇ—ମେନନ୍ ସବୁବେଳେ ଏ କଥା କହି କଥାବାର୍ତ୍ତା ଆରମ୍ଭ କରନ୍ତି ।

ପ୍ରୋ:ଆ—ମେନନ୍ ଆଉ କଣ କହିଲେ ?

ଡା:ଇ—ସେ କହିଲେ—"ଭାରତ ଶାନ୍ତି କାମନା କରେ, କିନ୍ତୁ କୌଣସି ଦେଶ ଭାରତର ଏକ ଇଞ୍ଚ ଜମି ମାଡ଼ି ବସିଲେ ଭାରତ ତାହା ବରଦାସ୍ତ କରିବ ନାହିଁ । ପ୍ରତ୍ୟେକ ଭାରତବାସୀ ଦେହର ଶେଷ ରକ୍ତ ବିନ୍ଦୁ ଦେଇ ଯୁଦ୍ଧ କରିବ ।

ପ୍ରୋ:ଆ—ଅଚ୍ଛା, ମୁ ଯୁଦ୍ଧ କରିବାକୁ ଜାଣେନା ।

ଡା:ଇ—ଲେଖି ଯାଅ, "ଭାରତ କାହାରି ହୁଙ୍କାରରେ ଭୀତ ହେବ ନାହିଁ । ଭାରତ ଶକ୍ତିଶାଳୀ ଦେଶ" ।

ପ୍ରୋ:ଆ—ଏଥର ଉପ ରାଷ୍ଟ୍ରପତି ଆଉ ମୁଖ୍ୟ ମନ୍ତ୍ରୀମାନେ ବାର୍ତ୍ତା ଦେବେ ।

ଡା:ଇ—ଉପରାଷ୍ଟ୍ରପତି ବିଦେଶ ଭ୍ରମଣରେ ଯାଇଛନ୍ତି । ବିନୋବା ଭାବେ ଆଉ ଆଚାର୍ଯ୍ୟ କୃପାଲାନୀଙ୍କୁ କହିବାକୁ ଦିଅ । ବୋମ୍ବାଇର ମୁଖ୍ୟ ମନ୍ତ୍ରୀ କହିବେ ଯେ ବୋମ୍ବାଇ ରାଜ୍ୟ ବିଭକ୍ତି ହେବ । ବିହାରର ରାଜ୍ୟପାଳ ସମୟ ଥିଲେ, କିଛି କହିବେ ।

ପ୍ରୋ:ଆ—ଓଡ଼ିଶାର ମୁଖ୍ୟମନ୍ତ୍ରୀ ଗୋଟିଏ ବାର୍ତ୍ତା ଦିଅନ୍ତୁ ।

ଡା:ଇ—ଡାକ ବାର୍ତ୍ତାରେ ସେ କହିଲେ, "ଓଡ଼ିଶାର ଭବିଷ୍ୟତ ଖୁବ ଉଜ୍ଜ୍ୱଳ" ।

ପ୍ରୋ:ଆ—ଏ ବର୍ତ୍ତା ଶେଷ ହେଲା । ଏଥର ସମ୍ବାଦ ଦିଅନ୍ତୁ ।

ଡା:ଇ—ଲେଖିଯାଅ, "ମାର୍ଶାଲ୍ ଟିଟୋ କହିଲେ, ପାଶ୍ଚାତ୍ୟ ଆଉ ପ୍ରାଚ୍ୟ ଶକ୍ତି ଗୋଷ୍ଠୀ ମଧ୍ୟରେ ବୁଝାମଣା ଦରକାର" ।

ପ୍ରୋ:ଆ—ଏଇଟା ମଧ୍ୟ ବାର୍ତ୍ତା ହେଲା ।

ଡା:ଇ—ତାହେଲେ ଲେଖ, "ଜାପାନର ପ୍ରାକୃତିକ ଦୁର୍ଯ୍ୟୋଗ ଫଳରେ ଦୁଇଜଣ ଲୋକ ପ୍ରାଣ ହରାଇଛନ୍ତି । ଆଉ ତିନି ଜଣ ଲୋକଙ୍କ ପତ୍ତା ମିଳି ନାହିଁ । ମେକ୍‌ସିକୋରେ ଗୋଟିଏ ଟ୍ରେନ୍ ଦୁର୍ଘଟନାରେ ଏଗାର ଜଣ ଲୋକ ନିହତ ହୋଇଛନ୍ତି ।

ପ୍ରୋ:ଆ—ଭାରତର ସମ୍ବାଦ ଦିଅନ୍ତୁ ।

ଡା:ଇ—"ବ୍ରହ୍ମପୁତ୍ର ନଦୀ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ ସନ୍ତୋଷ ଜନକ ଭାବରେ ଅଗ୍ରଗତି କରୁଛି । ଗଙ୍ଗା-ନଦୀରେ ଗୋଟିଏ ନୌକା ଚୁଡ଼ି ଯାଇଛି । ଦକ୍ଷିଣ ଭାରତରେ ଗୋଟିଏ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ନ ଜଣ ଯାତ୍ରୀ ଆହତ ହୋଇଛନ୍ତି, ଦୁଇଜଣଙ୍କ ଅବସ୍ଥା ଆଶଙ୍କା ଜନକ ।"

ପ୍ରୋ:ଆ—ପାଣିପାଗ ସମ୍ବନ୍ଧରେ ସମ୍ବାଦ ଦେବେ ନାହିଁ ?

ଡା:ଇ—ଲେଖ, ଓଡ଼ିଶାର ପାଗ ଶୁଖିଲା ଥିବ ।

ପ୍ରୋ:ଆ—ଭାରି ସୁନ୍ଦର scirpt ହେଲା । ସମସ୍ତେ ଭାବିବେ, ଦିଲ୍ଲୀରୁ ସମ୍ବାଦ ପ୍ରଚାର କରା ହେଉଛି

ଡା:ଇ—ରାତି ସାତଟା ଦଶ ହେଲା । ଆଉ ପାଞ୍ଚ ମିନିଟ ପରେ ସମ୍ବାଦ ପଢ଼ି ଶୁଣାଇବ । ··· କିଏ ଫୋନ୍ କରୁଛି ?

ପ୍ରୋ:ଆ—ଦିଲ୍ଲୀ ବେତାର କେନ୍ଦ୍ରର ଡାଇରେକ୍ଟାର ।

ଡା:ଇ—କଣ କହୁଛନ୍ତି ?

ପ୍ରୋ:ଆ—ସମ୍ବାଦ ପରିବେଶକ ବିଭାଗର ଧର୍ମଘଟ ଶେଷ ହୋଇଛି । ସାତଟା ପନ୍ଦର ମିନିଟରେ ଯଥାରାତି ଦିଲ୍ଲୀରୁ ଓଡ଼ିଆ ସମ୍ବାଦ relay କରା ହେବ,

[ପ୍ରଭାତ ମୁଖାର୍ଜୀ

ପକ୍ଷୀର କଙ୍କାଳରେ ଆକାଶର ତାରା

ବିଦ୍ୟୁତ୍‌ର ତାରରେ ଝୁଲୁଛି
ବାଟବଣା ଗୋଟେ ପକ୍ଷୀର କଂକାଳ
ସମୟ-ଧୂଆ ଶୂନ୍ୟ ପିଂଜରାଟା·····
ତା' ହୃଦୟଟାକୁ ସେ ଦିନେ ଗୋଟେ ପିନ୍‌କଣ୍ଟା ନେଇ
ଫୋଡ଼ିଦେଲା ।

ସେଇ ଛେଟ ଛିଦ୍ର ବାଟେ
ହୁ ହୁ ହୋଇ ବାହାରି ଗଲା ଏଇ ନୀଳ ଆକାଶଟା
ଠକ୍ ଯେମିତି ଝାଉଁଳି ପଡ଼େ
ପବନ-ବୁଲ୍ଲକୁ ସାଇକେଲ୍‌ର ଟିଉବ୍
ଲିକ୍ ହେଉ·····
ବିଦ୍ୟୁତ୍‌ର ତାରରେ ଆଜି ଝୁଲୁଛି
ସେଇ ବାଟବଣା ପକ୍ଷୀର କଙ୍କାଳ
ସମୟ-ଧୂଆ ଶୂନ୍ୟ ପିଞ୍ଜରାଟା
ପାହା ଭିତରେ ସେଇ ଯେଉଁ ଆକାଶର
ନିଃସଙ୍ଗ ତାରାଟା
ଗୋଟାଏ କଳର ହୃଦୟ ପରି
ଧକ୍···ଧକ୍···ଧକ୍···ଧକ୍·····

ଜୀବନାନନ୍ଦ ପାଣି

ଭାରତବର୍ଷ ଲାଗି ବି ଅନେକ ଅବିସ୍ମରଣୀୟ ଦୃଷ୍ଟ ରଖିଛି, ଗାନ୍ଧିଙ୍କର ମହତ୍ତ୍ୱୋଜ୍ଜ୍ୱଳ ପ୍ରାଣଶିଖା ଅମ୍ଳାନ ଭାବରେ କାଗଜକୁ ଜଳାଇଦେଉ ପଛେ । ସେଥିପାଇଁ ହୁଏ ସ୍ମୃତିଶେଷର ଶୁଦ୍ଧ ଅଞ୍ଜଳି; ଜୟନ୍ତୀର ପାଳନା ।

ଆମେ କେବେ ଥିଲୁଁ କଳିଙ୍ଗ ସାହସିକ । କେବେ ଦୂର ଦରିଆର ବୋଇତଅଳ ଓଡ଼ିଆ ଆପଣାର ସମୃଦ୍ଧ ଆଉ ସଭ୍ୟତାର ସାମ୍ରାଜ୍ୟ ବିସ୍ତାରିଥିଲେ । ଏବେ ସେ କାଳ ଗଳ୍ପ ମଧୁର ସ୍ୱପ୍ନ । ଆଜି ଆମର କ୍ଷୁଦ୍ର ଭୂଗୋଳ ସୀମା ଭିତରେ ଆମେ ଆମର ପ୍ରତିଷ୍ଠା ଖୋଜୁଛୁଁ । ଅତୀତର ଐଶ୍ୱର୍ଯ୍ୟର ଉତ୍ତରାଧିକାରୀ ହିସାବରେ ଆମର ବୋଧହୁଏ ଅଛନ୍ତି କେତେଜଣ ମୁଷ୍ଟିମେୟ ଲୋକ ଏବଂ ଭବ ଜଗତରେ ଶ୍ରେଷ୍ଠଙ୍କୁ ଆମେ ସମ୍ରାଟ ରୂପେ ମାନି ନେଉଛୁଁ । ତେଣୁ ଦାରୁଣ ଦୁର୍ଦ୍ଦିନର ସନ୍ଧିକ୍ଷଣରେ ଆପଣଙ୍କୁ ଆମେ ଡାକିବା ଉଚିତ "ହେ ସମ୍ରାଟ, ତୁମେ ବର୍ତ୍ତମାନ ଜୀଇଁ ଥାଅ । ଓଡ଼ିଆ ତୁମକୁ ଖୁବ୍ ଲୋଡ଼ୁଛି ।" ଠିକ ଯେପରି ବିପଦର ଆଘାତରେ ଛଟପଟ ହୋଇ ୱାର୍ଡସ୍ ୱାର୍ଥ କହିଥିଲେ—

"Milton thou shouldst be living at this hour, England has need of thee"

ଆଜି ଥରେ ଜୀବନ୍ୟାସ ପାଳ ହେଉ—ଏ କଥା କହିଲେ ଆଜି କେହି ଭୁଲିଯିବେ ନାହିଁ ଯେ ଆଜିଠାରେ ଅନ୍ଧ କବି ମିଲଟନ ତାଙ୍କର ଲଣ୍ଡନର ବାସ-ଭବନରେ ପାହାନ୍ତାରୁ ଉଠି ପୁନର୍ବାର ଆପଣାର ଚତୁର୍ଦ୍ଦଶ ପଦୀ କବିତା 'On his Blindness' ଆବୃତ୍ତି କରନ୍ତୁ । ଏହାର ଅର୍ଥ ମିଲଟନଙ୍କର ଶାଶ୍ୱତ ଆଦର୍ଶ ଏବଂ ଅନୁଭବ ଜୀବନ୍ୟାସ ହୋଇ ଉଠୁ । ଦେଶରେ ପୁନର୍ବାର ମିଲଟନଙ୍କର ପ୍ରେରଣା ଏବଂ ଦେଶ ପ୍ରେମର ଅଗ୍ନିତରଙ୍ଗ ଛୁଟି ଯାଉ । ଠିକ୍ ସେହି ଭାବରେ ଆମେ ଭଣ କହି ପାରିବୁ; "ଉପେନ୍ଦ୍ର-ଭଞ୍ଜ ତୁମର ଆଦର୍ଶ ଆଜି ଆମ ଅଗରେ ପ୍ରତିଷ୍ଠିତ ହୋଇ ଉଠୁ । ଅନ୍ତର୍ହିତର ଅବରୋଧ ଭାଙ୍ଗି ଶିଶୁ କାନନର ମହାଶିଶୁ ଉଦ୍ଭବର ଭାଇ ତାହାଲି ପରି ତୁମେ ଜାଗି ଉଠ ।"

ହେ ଭଞ୍ଜ ଟୀକାକୃତ, ଟୀକାକାର ମାନେ ନିର୍ଣ୍ଣୟ କରୁଛନ୍ତି ମହିମା ପଚାଶ ବର୍ଷ ବୟସରେ ଅକାଳରେ ମରିଗଲେ । ଅନ୍ୟମତରେ ୫୦ ବର୍ଷ ବୟସରୁ ଅମରଲୋକ ଲଭିଗଲେ । ଅନେକ ବଡ଼ ଅନୁଶୋଚ କରନ୍ତି ଯେ ଆପଣା ଦେହର ରୂପରୁ ଛାଡ଼ି ଅରୂପ ଅଶ୍ରୁ କବିତାର ନଗରୁ ଟିକିଏ ସମ୍ବରଣ କରି ପାରିଥିଲେ ଓଡ଼ିଆ କାବ୍ୟ ସାହିତ୍ୟରେ ଆଉ କେତୋଟି ରତ୍ନ ହୁଏତ ଗ୍ରନ୍ଥଙ୍କର ଲେଖନୀମୁନରୁ ବାହାରି ଆସନ୍ତା । ରୀତି-କାବ୍ୟ ବଳୋଦୟରେ ଶ୍ରେଷ୍ଠ ଆପଣଙ୍କର ଗ୍ରନ୍ଥ ଅବତାର ରେ ଦେଖିଁ ପୋଥି ମୂର୍ତ୍ତିଙ୍କରେ ପ୍ରକାଶିତ ପ୍ରଶ୍ରୟ ଦେଇଛନ୍ତି ତାହାହେଲା ଯେତେବେଳେ ହୁଏ ଅନ-ସମ୍ବାଦ୍ୟ ବା ଅସମ୍ବାଦ୍ୟ ଲେଖା ରହିଛି ତାହାର ସଂଖ୍ୟା ୫୨ ହେଉ ବା ୭୩ ହେଉ ସେଥିସହିତ ଆଉ କେତେକଗୋଟି ପୋଥି ଆପଣ ଆଉ କିଛିକାଳ ଏହି ଶରୀର ଧରି ରହିଥିଲେ ଯୋଗ ହୋଇ ପାରି ଥାଆନ୍ତା କିନ୍ତୁ ଆପଣଙ୍କର ସ୍ୱତ କାବ୍ୟ ବା ଗ୍ରନ୍ଥ ରଚନାରୀ ଇତ୍ୟାଦିର ସେଇଁ ଧାର ଭୁଲିଥିଲା ତାହା କୌଣସି ନୂତନ ପଥ ମାଡ଼ିବାର ତ ସଙ୍କେତ ମିଳି ନ ଥିଲା । ତେଣୁ ଆଜି ଯଦି କହୁଁ "ହେ, ସମ୍ରାଟ, ତୁମେ ଜୀବନ ପାଇ ଉଠ ।" ତେବେ ତାର ଗୋଟିଏ ମାତ୍ର ଅର୍ଥ ହେଉଛି, ହେ ଉପେନ୍ଦ୍ରଭଞ୍ଜ, ଆଜି ଯେତେ ଲୋକ ଓଡ଼ିଆ ଭାଷା ଜାଣନ୍ତି ସେମାନେ ସମସ୍ତେ ଆପଣଙ୍କର କାବ୍ୟ ସାଗରରେ ବୁଡ଼ ଦିଅନ୍ତୁ । ଏବଂ ସେଥିରୁ ଦୁର୍ଦ୍ଦିନର ପାଥେୟ ରତ୍ନ ସଂଗ୍ରହ କରନ୍ତୁ ।

ଏହି ପାଥେୟ ରତ୍ନ କଣ ? ମହିମାଙ୍କ ଠାରୁ ଜଣ ଭୁବନର ଆମେ କ'ଣ ଆଶା କରିବା ଉଚିତ ? ପାହାଡ଼ିଆ ରାଜ୍ୟ ନାଇଟ ହୋଇ ହୁଏ ବଳିଷ୍ଠ ଆଶା କରିଥିଲେ । ଏକ ଗୀତିର ସୁର ? ଅଥବା ଜୀବନର ଦିଗ୍ଦର୍ଶନ ? ଅଥବା ଛନ୍ଦର ଲୟହାର ବା ଭୂଗୋଳ (ସମଗ୍ର ବା ଆଂଶିକ) ଅଥବା ବିଜ୍ଞାନ, ଶାସ୍ତ୍ର ନିପୁଣତା ଅଥବା ଶୋଲଙ୍କାରର ଅପୂର୍ବ ରଚନା ଚମତ୍କାର ?

ଓଡ଼ିଶାର କେତେକ ବ୍ୟକ୍ତି ଆପଣଙ୍କୁ ସମ୍ରାଟର ସିଂହାସନରେ ଭୂଷିତ କରିବା ଲାଗି ଆପଣଙ୍କୁ ସର୍ବପ୍ରକାର

ବିଦ୍ୟା ପାଣ୍ଡିତ୍ୟର ପ୍ରଧାନ ବୋଲି ପ୍ରମାଣ କରିବାକୁ ଖୁବ୍ ବ୍ୟତିବ୍ୟସ୍ତ ହେଉଛନ୍ତି । କେହି ଆପଣଙ୍କର ଇତିହାସ ଏବଂ ଐତିହାସିକ ମାନଙ୍କ ଉପରେ ଆପଣଙ୍କର ସାମ୍ରାଜ୍ୟ ପ୍ରଭୁତ୍ୱକୁ ପ୍ରମାଣ କରିଛନ୍ତି । ଅନେକ ଅନୁବାଦୀଙ୍କର ଦୟାରୁ ଆପଣଙ୍କ ଜୀବନର ଗଳିକନ୍ଦି ଆଜି ମାପୁ ମାପୁ ଆଲୋକିତ ହୋଇ ଯାଉଛନ୍ତି । ଆଜି ଆପଣଙ୍କର ଶବ୍ଦ ସମ୍ପତ୍ତି ଆଉ ଅଳଙ୍କାରର ଝଙ୍କାର ପଢିବାକୁ ବହୁ ଅଭ୍ୟାସରେ ନିର୍ଭର ଲୋକେ ଉଚ୍ଚାରଣରେ କୃତ କୃତ୍ୟ ହେଉଛନ୍ତି । ଆଜି ଅପଣଙ୍କର ସଂସ୍କୃତ ଶାସ୍ତ୍ର ଉପରେ ଦଖଲ, ପୁରୁଷ ଆଉ ସ୍ତ୍ରୀର କାବ୍ୟଗୁଡ଼ିକର ଗୋଲକ ଧନ୍ଦାରେ ଅବରୁଦ୍ଧ ହୋଇଛନ୍ତି । ଆଜି କହୁଛନ୍ତି ଆପଣ ଜ୍ୟୋତିଷ ବିଦ୍ୟାରେ ଧୁରନ୍ଧର, ଆୟୁର୍ବେଦରେ ଧନ୍ୱନ୍ତରୀ; ଭୂଗୋଳରେ ଗାଲିଲିଓ; ବ୍ୟାକରଣରେ ପାଣିନି । ଦେବ ଭକ୍ତରେ ପ୍ରହ୍ଲାଦ, ଦାର୍ଶନିକ ଚିନ୍ତାରେ ଶଙ୍କର, ଆଦର୍ଶ ଗୃହସ୍ଥ ସଂସାରରେ ଜନକ ରାଜା, ପ୍ରବାସ ପୀଡ଼ାରେ ସ୍ୱୟଂ ରଦ୍‌ଭ୍ରମ । ଅଦୃଷ୍ଟବାଦରେ ଆର୍ଯ୍ୟଭଟ୍ଟ, ଭାବବାଦମନ୍ତ୍ର— ସାଧନାରେ ଯୋଗୀଶ୍ୱର, ଦାନ ପଣରେ କର୍ଣ୍ଣ, ଦେଶ ପ୍ରେମରେ କେବଳ ଆପଣହିଁ ଅପଣଙ୍କର ପଟାନ୍ତର । ମୋର ଆଜି ଆପଣଙ୍କୁ ଅତି ନମ୍ରଭାବ ସହିତ କହିବାର କଥା, ଆପଣ ଏସବୁ ହୋଇ ପାରନ୍ତି ବା ନ ହୋଇ ପାରନ୍ତି କିନ୍ତୁ ଏସବୁ ଗୁଣ ବିଦ୍ୟା ନିପୁଣତା କୌଣସି ସାହିତ୍ୟ ସ୍ରଷ୍ଟାର ପ୍ରଧାନ ହେଲେ ମଧ୍ୟ ଜଣେ କବି ଭାବରେ ବଡ଼ ନ ହୋଇପାରେ । ଯେଉଁ ଯେଉଁ ଗୁଣ, ବିଦ୍ୟା, କୌଶଳ ବା ସାହିତ୍ୟ ଆପଣଙ୍କ ଠାରେ ଆରୋପ କରଯାଏ ବରଂ ତାହାର ଅତି ମାତ୍ରା ଯେତେବେଳେ ଯେତେବେଳେ କବିତା ବା କାବ୍ୟ ରଚନାର ପ୍ରତିକୂଳ ହୋଇପାରେ ।

ହେ ସମ୍ରାଟ, ଆପଣଙ୍କର କବିତା ଭିତରେ ଯାହା କିଛି ନିଜର ମନ୍ତବ୍ୟ ମିଳେ ସେଥିରୁ ଜଣାପଡ଼େ ଆପଣଙ୍କର କବିତ୍ୱ ବିଷୟରେ ଆପଣ ବଡ଼ ଉଚ୍ଚ ଧାରଣା ମନରେ ପୋଷିଥିଲେ । ତେଣୁ ଆପଣଙ୍କୁ ଯେଉଁସବୁ ବିଦ୍ୟା ଆଉ ଗୁଣର ପ୍ରଧାନ ବୋଲି ଘୋଷଣା କରିବାକୁ ଏହି ଅଗୋଚର ଅଞ୍ଚଳର କେହି ଅଜ୍ଞାନ ବ୍ୟାଧି ପୀଡ଼ିତ ଦେଶୀ ହିତୈଷୀ ଗଳାଧର୍ମ ହୋଇ ପୂରିଛନ୍ତି ତାଙ୍କ ମୁଣ୍ଡରେ ଆପଣ କହୁଥିଲେ ଯେତେବେଳେ ନିଷ୍ଠୁର ପାଟ ଶିଳା ଭଙ୍ଗ ଦେଉଥାନ୍ତେ । ତା'ର କାରଣ ଆପଣଙ୍କର ସଂସାର ଖୁବ୍ ସୀମିତ ଥିଲା । କବିତା ବିଷୟରେ ଆପଣଙ୍କର ଦୃଷ୍ଟି ବୋଧହୁଏ ଜୟଦେବ ଏବଂ ସାନକୃଷ୍ଣ ଏବଂ ତାଙ୍କଭଳି ଦୁଇ ଚାରି ଜଣ ହାତ ପାହାନ୍ତା କବିଙ୍କର କୃତୀ ପର୍ଯ୍ୟନ୍ତ ସଙ୍କୁଚିତ ଥିଲା । ତେଣୁ ଅପଣାର କୃତିତ୍ୱ ବିଷୟରେ ନିଜେ ଆତ୍ମପ୍ରସାଦ ଲଭିବା ପାଇଁ ଆପଣଙ୍କର ଅନେକ କାରଣ ଥିଲା ।

ତା' ଛଡ଼ା ଶୂଦ୍ର ବାଉଳା ବା ନିଚକାଳର ପଞ୍ଚସଖା କବିମାନେ ଯେତେ ଲେଖିଥିଲେ ବି ତାଙ୍କର ଯୋଉଲି ସାହିତ୍ୟ କିନ୍ତୁ ଆପଣଙ୍କର କାଳମନ୍ଦୁ ଯାହା ଶୁଣିଲେ ତାହା ଠିକ କରିଛି ମୂଳ ଯାହାକୁ ଆପଣଙ୍କର ବଂଶର ମୂଳ ମଧ୍ୟ ମିଶିହେଲା ସାହିତ୍ୟ । ଯେଉଁ ଦେଶରେ ଆଜି ମଧ୍ୟ ଲମ୍ବ ପାଟପଟା ବୁଢ଼ାଲୋକମାନେ ଝାଳ ମାରିଲେ ଲୋକେ ହୁଙ୍କି ମାରିବାକୁ ଲାଗନ୍ତି, ଯାହା ନାଟରେ ଯେଉଁଠି ଜମିଦାର ପୁଅ ମାଉଣିଆ ହେଲେ ବି ଦୁର୍ଜ୍ଜୟ ସିଂହ ପାର୍ଟ ପାଇବାରେ ଭାଜନ, ସେଇଠି ଆପଣ ଯେତେବେଳେ ଏତେ ବିଦ୍ୟାର ଯଥାର୍ଥରେ ଅଧିକାରୀ ଥିଲେ ସେଇ ତନେଣ ବର୍ଷ ତଳେ ଅବାରି ବଣି ଭୂଇଁରେ ଯେଉଁଠି ପ୍ରଜା ହେଉଛନ୍ତି ଭଲ ଆଦିବାସୀ ଏବଂ ରାଜା ହେଉଛନ୍ତି ଦଣ୍ଡ ମୁଣ୍ଡର କର୍ତ୍ତା, ସେଥିପାଇଁ ଦେଶରେ ଆପଣଙ୍କର "ଜୟ ଜୟ ଜୟ ରାମ ଜନକ ସୁତେଶ" ଶୁଣିଲେ ମାତ୍ରେ ଲୋକେ ଚାଟଭା ହୋଇ କହୁଥିବେ "ହାୟ କେତେ ବୁଦ୍ଧି ! ଗୋଟିଏ ପଦରେ ପୁଣି ଭିନ୍ନ ପ୍ରକାର ଅର୍ଥ ? ନାହିଁ ନହିବା କବିତା । ପୁଣି କେବଳ ସୁରସିକ ଛଡ଼ା ଆଉ ଅର୍ଥ କିଏ କରି ପାରିବ ?"

କିନ୍ତୁ ଆଜିର ଦୃଷ୍ଟିରେ ଆପଣଙ୍କର ସେ ସବୁ ଅଯଥା ଅଳଙ୍କାର ଶବ୍ଦର ବୋଝ ହୋଇ ଯାଉଛି । ଆମେ କେବଳ କାନ୍ଦିବାକୁ ଶୁଣୁ ନାନା ଭାବରେ ବିଦଗ୍ଧ

ନରବାସ୍ତକୁ ସ୍ରଷ୍ଟାଙ୍କର ହୃଦୟ, ମନର ସତ୍ତା ଉପରେ ଲକ୍ଷ୍ୟ କରିଥିଲେ । ସ୍ରଷ୍ଟାଙ୍କର ଅଜସ୍ର କାବ୍ୟ କବିତା ଭିତରେ କେଉଁ ମନୁଷ୍ୟର ରୂପ, ତା'ର ପ୍ରବାହମାନ ଚେତନାର କେଉଁ ବିଭିନ୍ନ ସ୍ତର ଆଜି ପ୍ରକାଶ କରିଥିଲା । ସେତକଟିବେଳେ ଆମେ ତୁଳନା କରୁଁ—

କମ୍ କମ୍ କମ୍ କମ୍ ସମ୍ଭ ଜନକ ସୃଷ୍ଟିକ ସହିତ ମନେ କରନ୍ତୁ ଜଣେ ଇଂରାଜ କବି ଯାହାଙ୍କୁ ସେମାନେ କବି ସମ୍ରାଟ ବୋଲି ସଂସାରରେ ଚିହ୍ନି ଛନ୍ତି ତାହାଙ୍କର—

No, no, no, no, no, Life (King Lear)

ଜୀବନ ନାହିଁ, ନାହିଁ, ନାହିଁ, ନାହିଁ (ରଜା ଲିଅର) ଆପଣଙ୍କର କବିତାରେ କମ୍ ଶବ୍ଦର ବହୁତ ଅର୍ଥ । ଅଭିଧାନ ଖୋଜିଲେ ତୃପ୍ତି ମିଳିପାରେ । କିନ୍ତୁ ସେକ୍ସପିଅର କବିତାରେ ତ ନାହିଁ ଶବ୍ଦର ବହୁ ଅର୍ଥ ଖାଲି ମନେ ଏବଂ ହୃଦୟ ଅଭିଧାନ ଖୋଲିଲେହିଁ ମିଳେ ଏବଂ ଆପଣାର ଧାରଣା ଏବଂ ମାନସିକ କ୍ରିୟା ଅନୁସାରେ ସେପରି ଅର୍ଥ ମଧ୍ୟ ପାଠକମାନେ ବିଭିନ୍ନ ବ୍ୟକ୍ତି ପାଇଁ ବିଭିନ୍ନ ।

ମହିମା ! ଏହାର ନାମ ପର ବ୍ୟଞ୍ଜନା ଯାହାଙ୍କୁ ଉତ୍କୃଷ୍ଟ କବିତାର ଏକ ଶ୍ରେଷ୍ଠ ଗୁଣ ବୋଲି ଅଳଂକାର ଶାସ୍ତ୍ର ଲେଖକମାନେ ସ୍ୱୀକାର କରି ଯାଇଥିବେ ?

ସଂସାରରେ ଆଉ ଯେଉଁ କଥା ପଛେ ଉଚ୍ଚାରିତ ନ ହେଉ, ଅନ୍ତତଃ ଏକ କଥା ଉଚ୍ଚାରିତ ଯେ ସାହିତ୍ୟ ରସର ଆନନ୍ଦ ଅନ୍ୟ ରସର ଆନନ୍ଦ ଅପେକ୍ଷା ଭିନ୍ନ । ଭଞ୍ଜ ନଗରର ପ୍ରସିଦ୍ଧ ରସବଳି ଏବଂ ବଡ଼ା ପାଟିକୁ ସୁଖ ଦିଏ, କଳିଙ୍ଗ ଶାଢ଼ିର ଶୋଭା ଆଖିକୁ ତୃପ୍ତି ଦିଏ, ମଧୁର ସଙ୍ଗୀତର ମୂର୍ଚ୍ଛନା ପଶୁପକ୍ଷୀ ପ୍ରାଣରେ ମଧ୍ୟ ତରଙ୍ଗ ସୃଷ୍ଟି କରେ ବୋଲି ଶୁଣା ଅଛି । ଶୀତତାପ ନିୟନ୍ତ୍ରିତ ଘରେ ସୁଖଶଯ୍ୟା ଦେହକୁ ସନ୍ତୋଷ ଲଭେ କିନ୍ତୁ ମଣିଷର ଭାଷା ଏବଂ ଧ୍ୱନିରେ ତିଆରି ଶବ୍ଦର ରସାତ୍ମକ କାବ୍ୟସ୍ୱର ସନ୍ତୋଷ କେବଳ ଆଖିର, କାନର ବା ସ୍ପର୍ଶ ଇନ୍ଦ୍ରିୟର ନୁହେଁ । ତାହା ପ୍ରାଣର ରସରେ ଅଭିଷିକ୍ତ । ତା'ର ନିବେଦନ ମଧ୍ୟ ଭିନ୍ନ । ଏଭରେଷ୍ଟ ଚୂଡ଼ାରେ ଛିଡ଼ା ହେବାର ଆନନ୍ଦ ବା କଠିନ ଗଣିତ ସୂତ୍ରର ସମାଧାନର ଆନନ୍ଦ ଠାରୁ ତାହା ଭିନ୍ନ । ଏ କଥା ସ୍ୱୀକାର କଲେ ମଧ୍ୟ ନାରୀ ପୁରୁଷର ବା ଜୀବଜନ୍ତୁର ଯୌନ ମିଳନର ଆନନ୍ଦ ବା ତାହାର ବର୍ଣ୍ଣନା, କଳ୍ପନା, ଶବ୍ଦ, ଅଳଂକାର, ନିପୁଣତା ଏବଂ ସେଥିପ୍ରତି ରସିକତା ପ୍ରତ୍ୟେକ ମାମୁଲି ଜୀବ ପାଇଁ ବୋଧଶକ୍ତି ଅନୁପାତରେ କିଛି କିଛି ସନ୍ତୋଷ ଦିଏ । ସେଥିପାଇଁ ପ୍ରାଚୀନ କାବ୍ୟ କବିତା, ପୁରାଣଗାଥା ଠାରୁ ଆରମ୍ଭ କରି ଆଜିର ସିନେମା, ପାର୍କ, ନାଇଟ୍ କ୍ଲବ ଯାଏ ସବୁଠାରେ ଯୌନ ଶୃଙ୍ଗାର ରସର ନିବେଦନ ମନୁଷ୍ୟର ଏକ ପ୍ରଧାନ ଏବଂ ଅନସ୍ୱୀକାର୍ଯ୍ୟ ନିବେଦନ ହୋଇ ରହିଛି । ଏଥିପାଇଁ ଆମର ଶୁଚିବାୟୁ ସଂଜ୍ଞା ନାହିଁ ଏବଂ ଆମେ ଆଜି ଏଥିରେ ଶଙ୍କିତ ହେଉନାହୁଁ ।

କିନ୍ତୁ. ଶ୍ରୀ. ମୁଁ ବିନୟ ହୋଇ କଣ କହୁଛି ଏସବୁ ଛନ୍ଦମୁକ୍ତ ଆଶ୍ରିତ ସୂକ୍ଷ୍ମ ତତ୍ତ୍ୱ ହୃଦୟ ଅନୁଭୂତି, ଅତ୍ୟଦ୍ଭୁତ ଭାବ ଉଲ୍ଲାସ ଏବଂ ଉଚ୍ଛ୍ୱାସ ଯଦି କେଉଁ ଭାବ୍ୟଲବ୍ଧ ଦେଇ ନପାରେ ତେବେ ସେ କି ପ୍ରକାର କାବ୍ୟ, କି ପ୍ରକାର କବିତା ? ଏହି ଉଲ୍ଲାସ ଏବଂ ଉଚ୍ଛ୍ୱାସର ପ୍ଲାବନରେ କବି ମନୁଷ୍ୟର ଅର୍ଥପୂର୍ଣ୍ଣ ଧ୍ୱନି ବା କେତେକ ବେଳେ ଅର୍ଥହୀନ ଧ୍ୱନିକୁ ବ୍ୟବହାର କରେ । ଶବ୍ଦକୁ ଦପିମାନ ତାହାର ବିଭିନ୍ନ ଅନୁଭୂତି. ପ୍ରକାଶ ଦିଏ । ତାହାକୁ ବାକ୍ୟର ଛନ୍ଦରେ ବିନ୍ୟାସ କରି ତା'ର ନିର୍ଜୀବ ସତ୍ତା ଭିତରେ ସଞ୍ଜୀବନୀ ମନ୍ତ୍ର ଦେଇଦିଏ । ନିର୍ଜୀବ ବ୍ୟାକରଣ ଭାଷାକୁ ସ୍ୱରଲହରୀ ଯେପରି ଏକ ନୂତନ ପ୍ରାଣର ସୂଚନା ଦିଏ ଏବଂ ସେହି ପ୍ରାଣ ପ୍ଲାବନରେ ବ୍ୟାକରଣ ଉପକରଣ ଏବଂ ସାକାର ରୂପ ତା'ର ସତ୍ତା ହରାଇ ବସେ, ଠିକ୍ ସେପରି କବି ଚେତନାର ସ୍ପର୍ଶରେ ଶବ୍ଦର ଅତି-ସାଧାରଣ ଅତି ପରିଚିତ ଅର୍ଥ କେଉଁଠି ହଜିଯାଏ ରହିଯାଏ ଏକ ମହାନ୍ ଅନୁଭୂତିର ପ୍ରାଣ ।

ମନମୋହନ ମିଶ୍ର

ସିନେମା ସମ୍ବାଦ

'ପରିଣାମ'ରେ ଧୀରେନ୍ଦ୍ର

ଉତ୍କଳ ଚଳଚ୍ଚିତ୍ର ପ୍ରତିଷ୍ଠାନ (ପ୍ରା) ଲିମିଟେଡ୍‌ର ସାମାଜିକ କଥା ଚିତ୍ର 'ପରିଣାମ' ଚିତ୍ରପଟରେ ମୁକ୍ତିଲାଭ କରୁଛି । ଷ୍ଟାରିଂରେ ପ୍ରମୋଦ ଓ ସୁଧା । ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି ଧୀରେନ୍ଦ୍ର, କାର୍ତ୍ତିକ, ମାଣିଆ, ଦୁର୍ଗା, ସୁନ୍ଦରମଣି, ପ୍ରମିଳା ପ୍ରଭୃତି । ସଂଳାପ ଲେଖିଛନ୍ତି ନାଟ୍ୟକାର କାର୍ତ୍ତିକ କୁମାର ଘୋଷ ଏବଂ ପ୍ରମୋଦ କୁମାର । ଚିତ୍ରଟିକୁ ପରିଚାଳନା କରିଛନ୍ତି ବୈଦ୍ୟନାଥ ନାୟକ ।

ଆଲୋକ ଚଳଚ୍ଚିତ୍ରଙ୍କ ସର୍ବ ପ୍ରଥମ ପଦାର୍ପଣ ବଙ୍ଗଳା ଛବି "ମହୁଆପୁର ବଧୂ (ବସ୍ତୁଲୁଟା)" ର ଓଡ଼ିଆ ରୂପାନ୍ତର । ଏହି ଚିତ୍ରଟି ଖୁବ୍ ଶୀଘ୍ର ଓଡ଼ିଶାର ବହୁଳ ପ୍ରେକ୍ଷା ମାନଙ୍କରେ ମୁକ୍ତିଲାଭ କରିବ । ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି ପଦ୍ମା, ସାବିତ୍ରୀ, ଅଞ୍ଜଳି, ଶେଫାଳି, ଦୁର୍ଗା, ମାଧବ, କାର୍ତ୍ତିକ ପ୍ରଭୃତି । ସଂଳାପ ଲେଖିଛନ୍ତି [illegible] ମାନ ନାଟ୍ୟକାର ଦେବଦୂତଙ୍କ ସୃଷ୍ଟି ଏବଂ ସଙ୍ଗୀତ ରୂପ ଦେଇଛନ୍ତି, ବାଳକୃଷ୍ଣ ଦାଶ ।

ଗତ ତା୧୪-୯-୬୦ରିଖ ସନ୍ଧ୍ୟାରେ ଗ୍ରନ୍ଥପଟ୍ଟ ଭବନରେ ଉତ୍କଳ ଚଳଚ୍ଚିତ୍ର ପ୍ରତିଷ୍ଠାନଙ୍କ ସର୍ବପ୍ରଥମ ଚିତ୍ରାର୍ଘ୍ୟ 'ମହାଲକ୍ଷ୍ମୀ ପୂଜା' ପ୍ରଦର୍ଶିତ ହୋଇ ଥିଲା । ରେଳତାଇ ମନ୍ତ୍ରୀ ଶ୍ରୀଯୁକ୍ତ ଜଗଜ୍ଜୀବନ ରାମ, ବ୍ୟାପାର ବିଭାଗର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ବି. ଏନ୍. ଦଖିର ଏବଂ ବହୁମାନ୍ୟ ଗଣ୍ୟ ଭଦ୍ରବ୍ୟକ୍ତି ଉକ୍ତ ପ୍ରଦର୍ଶନୀ ଉତ୍ସବରେ ଯୋଗ ଦେଇଥିଲେ । ଚିତ୍ରର ସଫଳତା ଅନେକଙ୍କୁ ସୁଚ୍ୟ କରି ପାରିଛି ।



ମଞ୍ଚ ସମ୍ବାଦ

ଲୁହା ଶିକୁଳି

ଜନତା ରଙ୍ଗମଞ୍ଚରେ ଗତ ତା ୧୬ରିଖରୁ ଆରମ୍ଭ ହୋଇଛି—ସମସ୍ୟା ମୂଳକ ନାଟକ 'ଲୁହାଶିକୁଳି।' ଅପରାଧ ସମସ୍ୟା କୁ ଭିତ୍ତିକରି ନାଟକଟି ଗଢ଼ି ଉଠିଛି । ନାୟକ, ନାୟିକା ଭୂମିକାରେ ନିରଞ୍ଜନ ଓ କୃଷ୍ଣମଣି । ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି ଲୋଳ, ଶରତ, ନଟବର, ଦାସନ୍ତୀ, କୃଷ୍ଣା, ରାମଚନ୍ଦ୍ର, ଜଗନ୍ନାଥ ପ୍ରଭୃତି । ପାଣି ଚରିତ୍ର ଗୁଡ଼ିକ ମଧ୍ୟରୁ ଦାଗୀ ବୁଢ଼ା ଓ ମୀନା ଭୂମିକାରେ ଯଥାକ୍ରମେ ରାମଚନ୍ଦ୍ର ଓ କୃଷ୍ଣାଙ୍କ ଅଭିନୟ ମର୍ମସ୍ପର୍ଶୀ । ନାଟ୍ୟକାର—ଆନନ୍ଦ ଶଙ୍କର ଦାସ ଏବଂ ପରିଚାଳନା—ନିରଞ୍ଜନ ଶତପଥି ।

ଜୀବନର ଝଡ଼

ବନ୍ୟା ପ୍ରପୀଡ଼ିତଙ୍କ ସାହାଯ୍ୟ କଲେ 'ଜାନକୀ କଳା ବିକେତନ'ର ସୌଖୀନ୍ ଶିଲ୍ପୀମାନଙ୍କ ଅନୁକୂଲ୍ୟରେ 'ଜୀବନର ଝଡ଼' ନାଟକଟି ଜନତା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇ ଯାଇଛି । ଉଦ୍ଦାମ ଯୌବନର ଜୁଆରିଆ ବେଳାରେ ନାରୀର ଚହଲା ମନ ବହଲି ଯାଇଛି···ଜୀବନରେ ଉଠିଛି ଅବିନିଆ ଝଡ଼ । ସମାଜର ନାଲି ଆଖିକୁ ଫାଙ୍କି ଦେଇ ଚିର ଚୌରବମୟ ମାନୁଷକୁ ଜାହିର କରି ଦସିଛି ସେ···ଝଡ଼ ନଦ୍ଦ ଆସିଛି···ବିଜୟିନୀ ନାରୀ ହସି ହସି ସଂଘର୍ଷମୟ ଜୀବନକୁ ସ୍ୱାଗତ କରିଛି ।

ଚନ୍ଦ୍ରା ଭୂମିକାରେ ଚନ୍ଦ୍ରକା (ଆଲି)

ନାଟକଟିର ନାୟକ, ନାୟିକା ଭୂମିକାରେ ନିଂକୁଜ ଓ ଚନ୍ଦ୍ରକା (ଆଲି) । ବିଭିନ୍ନ ଭୂମିକାର ଅଂଶ ଗ୍ରହଣ କରିଛନ୍ତି—ମାହେଶ୍ୱରୀ ପ୍ରସାଦ, ସଚ୍ଚିଦାନନ୍ଦ, ଭାରତୀ (କେବୀ), କପନ ପ୍ରଭୃତି । ସର୍ବୋପରି ନାୟିକା ଚନ୍ଦ୍ରା, ଭୂମିକାରେ ଚନ୍ଦ୍ରକା, ଗୃହର, ପଦିଆ, ଭୂମିକାରେ ସଚ୍ଚିଦାନନ୍ଦ ଓ ଅଶୋକ ଭୂମିକାରେ ମାହେଶ୍ୱରୀ ପ୍ରସାଦଙ୍କ ଜ୍ୱଳନ୍ତ ଅଭିନୟ ଉପଭୋଗ୍ୟ ଓ ହୃଦୟଗ୍ରାହୀ ପରିଚାଳନା ଉପଦେଷ୍ଟା—ଚିତ୍ର ଅଭିନେତା ଅଷୟ ମହାନ୍ତି, ପରିଚାଳନା—ସଚ୍ଚିଦାନନ୍ଦ ମହାନ୍ତି, ସଙ୍ଗୀତ—ରଶ୍ମିକାନ୍ତ ପାରେଖ, ନାଟ୍ୟକାର—ବଳରାମ ମିଶ୍ର ।

ଉପନ୍ୟାସ ରାଜ୍ୟରେ ଚହଲ—

ମାସିକ ଉପନ୍ୟାସ

ଅଦ୍‌ଭୁତ, ଅଭିନବ, ଅଭାବନୀୟ

Edited, Printed & Published by Manoj Das, at Mukur Press, Cuttack-2

HAVE YOU TAKEN SNAPS

OF THE

PUJA FESTIVALS ?

Why not print them in your School, College Magazines or The Club-Souvenirs. ?

And the Process is Simple
Ring up.

Regd. No. 0-59 DIGANTA Sept. Oct. 1960

ଉତ୍କଳ ଚଳଚିତ୍ର ପ୍ରତିଷ୍ଠାନର ମହାନ୍ ସାମାଜିକ ଚିତ୍ର

—ପରିଣାମ—

ଶୁଭ ମୁକ୍ତି ୨୧-୧୦-୬୦

କ୍ୟାପିଟେଲ୍ ଟକିଜ୍ ❖ ଶ୍ରୀକୃଷ୍ଣ ସିନେମା ❖ ବିଜୟା ଟକିଜ୍ ❖ ଉତ୍କଳ ସିନେମା

କଟକ ପୁରୀ ବୃତ୍ତପୁର ଆଶା

ନିର୍ଦ୍ଦେଶକ	ସଂଗୀତ	ସଂପାଦନା
ବିଶ୍ୱନାଥ ନାୟକ	ଭୁବନେଶ୍ୱର ମିଶ୍ର	ଦେବୀଦାସ ଗାଙ୍ଗୁଲି

ସଂଳାପ :— କାର୍ତ୍ତିକ କୁମାର ଘୋଷ ଓ ପ୍ରମୋଦ କୁମାର

ସଂଗୀତ ରଚନା :— ନରସିଂହ ମହାପାତ୍ର, ପାର୍ଥସାରଥି ମହାପାତ୍ର ଓ ଅକ୍ଷୟ ମହାନ୍ତି

ଆଲୋକ ଚିତ୍ର :— ସୋନା ମୁଖର୍ଜି

ଗାୟକ ଓ ଗାୟିକା :— ଅକ୍ଷୟ, ସଂଧ୍ୟା ଓ ନିର୍ମଳା

ରୂପାୟନେ :— ପ୍ରମୋଦ, ସୁଧା, ମା: ମାଣିଆ, ଦୁଃଖିରାମ, କାର୍ତ୍ତିକ, ଧୀରେନ୍ଦ୍ର, ସୁନ୍ଦରମଣି, ପୂର୍ଣ୍ଣଚନ୍ଦ୍ର, ପ୍ରମିଳା, କିଶୋରୀ ପ୍ରଭୃତି ।

ପ୍ରତିଷ୍ଠାତା :— **କବିରାଜ ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମ୍ମା**

—ଦିଧାରା—

Price 50 nP.